ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଜୁନ୍ ୨୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 29/2025 | Page 16 | ₹ 7.00
୫୧ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 214 | ମୂଲ୍ୟ₹୭/-

# ରଥଟଣା ବିଳମ୍ବରୁ ରାଜନୀତି

ଶ୍ରୀକ୍ଷେତ୍ର ପୁରୀରେ ଶୁକ୍ରବାର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟାରେ ହୋଇପାରି ନ ଥିଲା। ପରମ୍ପରା ଅନୁଯାୟୀ, ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପ୍ରଥମେ ଅପରାହ୍ନ ୪ଟା ୧୦ରେ ଗଡ଼ିଥିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଶ୍ରଦ୍ଧାଳୁ ଟାଣିନେଇଥିଲେ। ସମସ୍ତଙ୍କ ଅପେକ୍ଷା ରହିଥିଲା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଗଡ଼ିବାକୁ। କେତେକ କାରଣ ଯୋଗୁ ରାତି ୭ଟା ୪୫ ବେଳକୁ ଅଝଟିଆ କାଳିଆ ସାଆନ୍ତଙ୍କ ମନ ବୁଝିଥିଲା। ସିଂହଦ୍ୱାରଠାରୁ ପାହୁଣ୍ଡେ ଗଡ଼ିପାରିଥିଲା ନନ୍ଦିଘୋଷ। ଅନେକ ଭକ୍ତ ଏହାକୁ ମହାପ୍ରଭୁଙ୍କ ଇଚ୍ଛା ବୋଲି କହୁଥିବାବେଳେ ବିରୋଧୀ ଦଳଗୁଡ଼ିକ ରଥଟଣାରେ ଏହି ବିଳମ୍ବ ପାଇଁ ଅବହେଳାକୁ ଦାୟୀ କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଶାସକ-ବିରୋଧୀଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଦେଖିବାକୁ ମିଳିଛି।



## ଶରଧାବାଲିରେ ୩ ରଥ

ଭୁବନେଶ୍ୱର,୨୮।୬
(ସୁନିତ୍ ମିଶ୍ର)

ରଥଯାତ୍ରାରେ ରଥ ଗଡ଼ିବାରେ ବିଳମ୍ବ ହେବାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଶୁକ୍ରବାର ରାତି ୭ଟା ୩୦ ପର୍ଯ୍ୟନ୍ତ ନନ୍ଦିଘୋଷ ରଥ ନ ଗଡ଼ିବା ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ଶାସକ ଦଳ ଉପରେ ବିରୋଧୀ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ବିଶିଷ୍ଟ ବ୍ୟବସାୟୀ ଗୌତମ ଆଦାନୀ ଶନିବାର ପୁରୀ ଆସି ରଥରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଦର୍ଶନ କରିଛନ୍ତି। ତେଣୁ ଆଦାନୀଙ୍କ ପାଇଁ ରଥଯାତ୍ରା ଗୋଟିଏ ଦିନ ବିଳମ୍ବ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଅଭିଯୋଗକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖଣ୍ଡନ କରିବା ସହ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି।

ଶୁକ୍ରବାର ୩ ରଥଟଣାରେ ବିଳମ୍ବ ସହ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ହିଁ ଛିଡ଼ାହୋଇ ରହିବା ଘଟଣାକୁ ☞ପୃଷ୍ଠା-୪

# ବସ୍ ଧକ୍କାରେ ୩ ଛାତ୍ରୀଙ୍କ ମୃତ୍ୟୁ

ପିପିଲି,୨୮।୬ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ହେଲେ କିଏ ଜାଣିଥିଲା ମୃତ୍ୟୁ ଅଧାବାଟରେ ଛକି ରହିଛି। ସ୍କୁଟିରେ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ପିପିଲି ଥାନା ଅନ୍ତର୍ଗତ ତରାକାଜ ଓଭରବ୍ରିଜ୍ ନିକଟରେ ଆମ ବସ୍ ଧକ୍କାରେ ୩ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତାମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ରିମିଝିମ୍ ପ୍ରିୟଦର୍ଶନୀ ସାହୁ(୨୦), ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨)। ଏମାନେ ସମସ୍ତେ ଭୁବନେଶ୍ୱର ଉତ୍କଳସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି। ଏଲିନା ଏବଂ କାଜଲ ୨ଭଉଣୀ ହୋଇଥିବାବେଳେ ସେମାନଙ୍କ ଘର କେନ୍ଦ୍ରାପଡ଼ା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ☞ପୃଷ୍ଠା-୪

**ମୃତକମାନେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ**

**୪ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ଆଜିର ସମ୍ପାଦକୀୟ**
୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ

# ପରାଗ ଜୈନ 'ର' ମୁଖ୍ୟ



ନୂଆଦିଲ୍ଲୀ, ୨୮।୬(ପି.ଟି.)

'ଅପରେଶନ୍ ସିନ୍ଦୂର' ବେଳେ ପ୍ରମୁଖ ଭୂମିକା ନେଇଥିବା ବରିଷ୍ଠ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ପରାଗ ଜୈନଙ୍କୁ ଶନିବାର ଦେଶର ବହିର୍ବ୍ୟାପାର ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ୧୯୮୯ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ଅଧିକାରୀ ପରାଗ ଜୁଲାଇ ୧ରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ। ଜୁନ୍ ୩୦ରେ ଅବସର ନେବାକୁ ଥିବା ବର୍ତ୍ତମାନର ର' ମୁଖ୍ୟ ରବି ସିହ୍ନାଙ୍କ ☞ପୃଷ୍ଠା-୪







### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No.T- : ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୩୦.୦୬.୨୦୨୫ରିଖ ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା୨୭/୦୬/୨୦୨୫ରିଖ ଠାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0159/2526





ରାଜ୍ୟ ଅତିଥି ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଭେଟୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୌତମ ଆଦାନୀ

ଭୁବନେଶ୍ୱର,୨୮।୬
(ସୁନିତ ମିଶ୍ର)

ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ଶନିବାର ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଓଡ଼ିଶାର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଶିଳ୍ପଭିତ୍ତିକ ବିକାଶ, ସବୁଜ ଶକ୍ତି ଓ ନବୀକରଣୀୟ ଶକ୍ତିର ଉତ୍ପାଦନ ଏବଂ କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟ ସ୍ଥାପନ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ ବିକାଶର

### ଓଡ଼ିଶାରେ ବନ୍ଦରଭିତ୍ତିକ ଶିଳ୍ପର ବିକାଶ ଉପରେ ଆଲୋଚନା

ଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଗୋପାଳପୁର ବନ୍ଦରର ବିକାଶ ପାଇଁ ରାଜ୍ୟ ସରକାର ଏକ କନସେସନ ଏଗ୍ରିମେଣ୍ଟ କରିଛନ୍ତି। ଏଥିରେ ଆଦାନୀ ଗ୍ରୁପ୍ ପକ୍ଷରୁ ୧୬,୫୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ଗୋପାଳପୁର ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିୟନ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇବ। ୫୦୦୦ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟିହେବ। ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁରରେ ୧ରୁ ଖୋଲିବ ହୋଟେଲ

ଯାଜପୁର ଟାଉନ,୨୮।୬(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ ଜୁଲାଇ ୧ରୁ ହୋଟେଲ, ଜଳଖିଆ ଦୋକାନ, ମୃଦୁ ପାନୀୟ କାରଖାନା ଓ ଉଠାଦୋକାନ ଖୋଲିବ ବୋଲି ଶନିବାର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୋକାନ ଖୋଲା ରଖିବା ସମୟରେ ପରିମଳ ବ୍ୟବସ୍ଥା, ଖାଦ୍ୟ ରଖୁଥିବା ସ୍ଥାନ ଏବଂ ବିଶୁଦ୍ଧ ଜଳ ବ୍ୟବହାର କରିବାକୁ ସେ ଏଥିରେ ଉଲ୍ଲେଖ କରିଛନ୍ତି। ଜିଲାରେ ଡାଇରିଆ ବ୍ୟାପିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏସବୁକୁ ବନ୍ଦ ରଖାଯାଇଥିଲା। ରୋଗର ପ୍ରଭାବ କମିବା ପରେ ବ୍ୟବସାୟୀମାନେ ଦୋକାନ ଖୋଲିବା ପାଇଁ ଜିଲାପାଳଙ୍କୁ ଭେଟି ନିବେଦନ କରିଥିଲେ।

DSPL - 156
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
ceoodisha.nic.in
ଭୋଟର ପରିଚୟପତ୍ରର ସମସ୍ତ ସଂଶୋଧନ ଫର୍ମ-୮ ମାଧ୍ୟମରେ ସମ୍ଭବ
ଘର ଠିକଣା ପରିବର୍ତ୍ତନ କରିପାରିବେ
ନାମ, ବୟସ, ଫଟୋ, ମୋବାଇଲ୍ ନମ୍ବର ଏବଂ ଅନ୍ୟ ବିବରଣୀ ଗୁଡ଼ିକକୁ ସଂଶୋଧନ ଏବଂ ସଂଯୋଗ କରିପାରିବେ
ନଷ୍ଟ କିମ୍ବା ହଜି ଯାଇଥିଲେ ନୂତନ ଭୋଟର ପରିଚୟପତ୍ର ପାଇଁ ଆବେଦନ
ଭିନ୍ନକ୍ଷମ ଭାବେ ନିଜକୁ ଚିହ୍ନଟ କରିବାପାଇଁ ମଧ୍ୟ ଆବେଦନ କରିପାରିବେ
ଏବେ ଘରେ ବସି ନିଜ ଭୋଟର ପରିଚୟପତ୍ରରେ ସଂଶୋଧନ କରିପାରିବେ
Voter Helpline App କିମ୍ବା https://voters.eci.gov.in/
ମାଧ୍ୟମରେ ଫର୍ମ ୮ ପୂରଣ କରିପାରିବେ
ଅଧିକ ସୂଚନା ପାଇଁ ୧୯୫୦ ଟୋଲ-ଫ୍ରି ନମ୍ବରରେ କଲ କରନ୍ତୁ
OIPR-12113/13/0034/2526
CEO Odisha | Ceoodisha | odishaceo | Chief Electoral Officer Odisha | ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା



# ୩ ଦିନରେ ଭାଜପାର ନୂଆ ସଭାପତି

ଭୁବନେଶ୍ୱର,୨୮।୬
(ସୁନିତ୍ ମିଶ୍ର)

ଭାଜପାର ନୂଆ ରାଜ୍ୟ ସଭାପତି କିଏ ହେବେ, ସେନେଇ ଆସନ୍ତା ସୋମବାର ଜଣାପଡ଼ିଯିବ। ଏନେଇ ଦଳ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦଳର ସଭାପତି ନିର୍ବାଚନ ଲାଗି ରବିବାର ନୋଟିସ ଜାରି ହେବ। ସୋମବାର ନାମାଙ୍କନପତ୍ର ଦାଖଲ କରାଯିବ ବୋଲି ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଦଳ ପକ୍ଷରୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଥିବା ବେଳେ ସେଥିରେ ଉଲ୍ଲେଖ କରାଯାଇଛି, ଭାଜପାର କେନ୍ଦ୍ର ନିର୍ବାଚନ ଅଧିକାରୀ ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଆସନ୍ତା ୧ ତାରିଖ ସୁଦ୍ଧା ଶେଷ ହେବ ବୋଲି ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି, ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ଏମ୍‌ପି ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେ ରବିବାର ଓଡ଼ିଶା ଗସ୍ତରେ ଆସିବେ। ଏହାପରେ ନିର୍ବାଚନ ପ୍ରକ୍ରିୟାର ନୋଟିସ ଜାରି କରିବେ। ଜଣେ ବରିଷ୍ଠ ନେତା ନାମ ଗୋପନ

### ଆଜି ଆସୁଛନ୍ତି ନିର୍ବାଚନ ପର୍ଯ୍ୟବେକ୍ଷକ

ସର୍ତ୍ତରେ କହିଛନ୍ତି, ଦଳର ରାଜ୍ୟ ସଭାପତି କିଏ ହେବେ ସେକଥା ଉପରୁ ଏକପ୍ରକାର ନିଷ୍ପତ୍ତି ସରିଥିବ। ପର୍ଯ୍ୟବେକ୍ଷକ ଆସିବା ପରେ ନୋଟିସ ମାରିବେ ଏବଂ ଅନୌପଚାରିକ ଭାବେ କିଏ ଏହି ପଦ ଲାଗି ନାମାଙ୍କନ କରିବେ ସେନେଇ ସୂଚନା ଦେବେ। ତେଣୁ ଜଣେ ମାତ୍ର ହିଁ ବ୍ୟକ୍ତି ଦଳରୁ ନାମାଙ୍କନ କରିବେ। ସେଦିନ ହିଁ ଜଣାପଡ଼ିଯିବ କିଏ ସଭାପତି ହେଉଛନ୍ତି। କିଛିଦିନ ତଳେ ସଭାପତି ପଦକୁ ନେଇ ସମସ୍ତଙ୍କ ମତାମତ ଲୋଡ଼ାଯାଇଥିଲା। ଦଳ ଯାହାଙ୍କୁ ଦାୟିତ୍ୱ ଦେବ ତାଙ୍କୁ ସମସ୍ତେ ମାନି ଚାଲିବେ ବୋଲି ଅଧିକାଂଶ ନେତା ମତ ରଖିସାରିଛନ୍ତି।

ରାଜ୍ୟରେ ଭାଜପା ପ୍ରଥମ ଥର ଲାଗି ସରକାରକୁ ଆସିଛି। ତେଣୁ ଏଥର ଦଳର ରାଜ୍ୟ ସଭାପତି କିଏ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କେତେଜଣଙ୍କ ନାଁ ସଭାପତି ନିର୍ବାଚନ ଲାଗି ଚର୍ଚ୍ଚାରେ ରହିଛି। ଅନ୍ୟପଟେ ବର୍ତ୍ତମାନ ସଭାପତି ଥିବା ମନମୋହନଙ୍କୁ ଆଉ ଥରେ ଏହି ପଦରେ ରଖିବା ପାଇଁ ଉପରେ ନିଷ୍ପତ୍ତି ହୋଇଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି। ଅନ୍ୟପଟେ ଭାଜପା ସରକାରରେ ନିଗମ ଓ ବୋର୍ଡଗୁଡ଼ିକର ଅଧ୍ୟକ୍ଷ ପଦ ଖାଲିପଡ଼ିଛି। ରାଜ୍ୟ ସଭାପତି ନିର୍ବାଚନ ପରେ ଏହି ପଦବୀ ପୂରଣ ହେବ ବୋଲି ଦୀର୍ଘଦିନ ଧରି ଶୁଣିବାକୁ ମିଳୁଛି। ଅନ୍ୟପଟେ ସଭାପତି ଚୟନ ପରେ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦବୀ ପୂରଣ ହେବା ସହ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଭାଜପା ମହଲରେ ଚର୍ଚ୍ଚା ଚାଲିଛି।

ସୂଚନାଯୋଗ୍ୟ, ଭାଜପାରେ ପ୍ରତି ୩ ବର୍ଷରେ ଥରେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏ। ଗତ ନିର୍ବାଚନ ପରି ଚଳିତ 'ସାଙ୍ଗଠନିକ ନିର୍ବାଚନ ୨୦୨୪' ସ୍ଥାନୀୟସ୍ତରରୁ ଆରମ୍ଭ ହୋଇ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନରେ ଶେଷ ହେବ। ଏଥିରେ ଭାଜପାର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## ନିପୁଣ ଓଡ଼ିଶା ମିଶନର ଉପଲବ୍ଧି

ପ୍ରାଥମିକ ସ୍ତରରେ ପିଲାମାନଙ୍କର ମୂଳଦୁଆକୁ ଦୃଢ଼ କରିବା ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ ସେପ୍ଟେମ୍ବର ୨୦୨୪ (ଗୁରୁଦିବସ)ରେ 'ନିପୁଣ ଓଡ଼ିଶା ମିଶନ' ଆରମ୍ଭ କରିଛନ୍ତି । ସମସ୍ତ ପିଲାଙ୍କ ପଠନ, ଲିଖନ ଓ ଗାଣିତିକ ଦକ୍ଷତା ବଢ଼ାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି ।

- **ଉଚ୍ଚମାନର ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି:** ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଭାଷା ଓ ଗଣିତର କାର୍ଯ୍ୟପୁସ୍ତିକା, ବଡ଼ବହି, ଗଳ୍ପକାର୍ଡ଼, ଚିତ୍ର ଓ କବିତାପୋଷ୍ଟର ଓ ଗଣିତ କଳିକା କିଟ୍ ପ୍ରଦାନ କରାଯାଇଛି ।
- **ଶିକ୍ଷକ ପ୍ରଶିକ୍ଷଣ:** ଶିକ୍ଷକମାନଙ୍କର ଦକ୍ଷତା ବିକାଶ ପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଛି ।
- **କ୍ଲଷ୍ଟରସ୍ତରୀୟ ବୈଠକ:** ଶ୍ରେଣୀଗୃହ ଶିକ୍ଷାଦାନର ଅଗ୍ରଗତି, ଆହ୍ୱାନ ଓ ବିଭିନ୍ନ ଶିକ୍ଷଣ କୌଶଳର ଆଲୋଚନା ପାଇଁ ପ୍ରତି ମାସରେ କ୍ଲଷ୍ଟର ସ୍ତରୀୟ ବୈଠକ ଆୟୋଜନ ହେଉଅଛି ।
- **ଶିକ୍ଷଣ ସୋପାନ ରେଜିଷ୍ଟର:** ପ୍ରତ୍ୟେକ ମାସରେ ପିଲାମାନଙ୍କର ଶୈକ୍ଷିକ ଅଗ୍ରଗତିକୁ ଲିପିବଦ୍ଧ କରାଯାଇ ସେହି ଆଧାରରେ ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଉଛି ।
- **ଆନନ୍ଦଦାୟୀ ଶ୍ରେଣୀଗୃହ (FLN Compliant Classroom):** ଶ୍ରେଣୀଗୃହର ଭୌତିକ ପରିବେଶ ଓ ଛାପାଲେଖା ସାମଗ୍ରୀ ମାଧ୍ୟମରେ ପିଲାମାନଙ୍କୁ ପଠନ ଓ ଲିଖନ ପ୍ରତି ପ୍ରେରିତ କରାଯାଉଛି ।
- **ନିପୁଣ ଓଡ଼ିଶା ମେଳା:** ପିତାମାତା, ଅଭିଭାବକ ଓ ଗୋଷ୍ଠୀକୁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଡ଼ିବା ପାଇଁ ରାଜ୍ୟବ୍ୟାପୀ କ୍ଲଷ୍ଟର, ବ୍ଲକ ଓ ଜିଲ୍ଲା ସ୍ତରରେ "ନିପୁଣ ଓଡ଼ିଶା ମେଳା"ର ଆୟୋଜନ କରାଯାଇଅଛି ।




OIPR-
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର




# ଶରଧାବାଳିରେ ୩ ରଥ

■ ଆଜି ଆଡ଼ପ ପହଣ୍ଡି
■ ୩୦ରୁ ଆଡ଼ପ ଦର୍ଶନ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଘୋଷ ଯାତ୍ରା ପରଦିନ ଅର୍ଥାତ୍ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଳିରେ ପହଞ୍ଚିଛି। ଏହାପରେ ସେଠାରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଛି। ହରିବୋଲ, ହୁଳହୁଳି, ଭଜନ କୀର୍ତ୍ତନ ସହ ଜୟଜଗନ୍ନାଥ ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠୁଛି ଶରଧାବାଳିଅଞ୍ଚଳ। ରବିବାର ଆଡ଼ପ ପହଣ୍ଡି ହେବ। ସୋମବାରଠାରୁ ଆଡ଼ପ ଦର୍ଶନ ଆରମ୍ଭ ହେବା ସହ ଆଡ଼ପ ଅବଢ଼ା ବାହାରିବ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶ୍ରଦ୍ଧାଳୁମାନଙ୍କ ସହ ଶନିବାର ନନ୍ଦିଘୋଷ ରଥକୁ ଶରଧାବାଳି ଅଭିମୁଖେ ଟାଣି ନେଉଛନ୍ତି।

ଘୋଷଯାତ୍ରା ଅବସରରେ ଦାରୁଦିଅଁ ଶୁକ୍ରବାର ଶ୍ରୀମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥାରୂଢ଼ ହୋଇଥିଲେ। ଶ୍ରୀମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ ଭୋରରୁ ନୀତିକାନ୍ତି ଆରମ୍ଭ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟଠାରୁ ୧୦ ମିନିଟ ବିଳମ୍ବରେ ରଥଟଣା ହୋଇଥିଲା। ରାତି ୭ଟା ୫୪ରେ ରଥଟଣା ବନ୍ଦ ହେବା ବେଳକୁ କୌଣସି ରଥ ଶରଧାବାଳିରେ ପହଞ୍ଚିପାରି ନ ଥିଲା। ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକ ପଛକୁ, ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ କିଛି ବାଟ ଗଡ଼ି ଅଟକି ରହିଥିଲା। ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ରାତି ୧ଟାରେ ତିନି ରଥର ମଇଲମ, ୨ଟା ୨୦ରେ ମହାସ୍ନାନ ସମ୍ପନ୍ନ ପରେ ସର୍ବାଙ୍ଗ ନୀତି ହୋଇ ଘଣ୍ଟଛତା ମଧ୍ୟାହ୍ନ ଧୂପ ରାତି ୪ଟା ୧୫ରେ ସରିଥିଲା। ରଥଟଣାର ଦ୍ୱିତୀୟ ଦିନ ଶନିବାର ସକାଳ ୭ଟା ୧୦ରୁ ୮ଟା ୪୫ ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ନୀତି ପରେ ୯ଟା ୨୫ରେ ବେଶ ଶେଷ ହୋଇଥିଲା। ବିଜେ କାହାଳୀ ବାଜିବା ପରେ ୯ଟା ୩୦ରେ ରଥ ଟଣାଯାଇଥିଲା। ଭକ୍ତମାନେ ବର୍ଷାରେ ଭିଜି ଆନନ୍ଦ ଉତ୍ସାହର ସହ ୩ ରଥକୁ ଟାଣି ଟାଣି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତାଳଧ୍ୱଜ ରଥ ପହଞ୍ଚିଥିଲା। ପରେ ଦର୍ପଦଳନ ରଥ ୧୨ଟା ୧୫ ଏବଂ ଶେଷରେ ନନ୍ଦିଘୋଷ ରଥ ଅପରାହ୍ନ ୧ଟା ୫ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ଏହାପରେ ରଥରେ ଶ୍ରୀଜୀଉମାନଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହେବା ସହ ସହ ଶୃଙ୍ଖଳା ଭୋଗ ଲାଗି କରାଯାଇଛି।







**ଆଜିର ମନ୍ତବ୍ୟ**

ସମ୍ବିଧାନର ପ୍ରସ୍ତାବନା ଅପରିବର୍ତ୍ତନୀୟ । କୌଣସି ଦେଶ ପ୍ରସ୍ତାବନାରେ ପରିବର୍ତ୍ତନ କରିନାହାନ୍ତି । ଦେଶରେ ଜରୁରୀ ପରିସ୍ଥିତି ଜାରି ବେଳେ ପ୍ରସ୍ତାବନାରେ ସମାଜବାଦ, ଧର୍ମନିରପେକ୍ଷ ଏବଂ ସଂହତି ଶବ୍ଦ ଯୋଡ଼ାଯାଇଥିଲା, ଯାହାକି ସନାତନ ଭାବନାର ଅପବିତ୍ରୀକରଣ । **–ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଐତିହ୍ୟର ଅନ୍ବେ'ଙ୍କ ମିଳିତ ସହଯୋଗରେ ଗଜପତି ଗୌରବ ଦିବସ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶୀ ପ୍ରତିଭା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ପୁରୀ ରଥଯାତ୍ରାରେ ଖବରଦାତାଙ୍କୁ ପୋଲିସ ଲଗାଇ ମାଡ଼ ମାରିବା ବିରୋଧରେ ସିପିଆଇ ଓ ବିକେଏମ୍‌ୟୁର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟ ନିର୍ବାହୀ ସମିତି ବୈଠକ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା ।
- ରାଷ୍ଟ୍ରୀୟ ଯୁବ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ।
- ଲୋକ ଜନଶକ୍ତି ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ମଧ୍ୟାହ୍ନ ୧୨ଟା ।
- ୧୪ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ:ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରଥ ଟଣା କାର୍ଯ୍ୟ, ସ୍ଥାନ: ରଥଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦ ।
- ଅଫିସର୍ସ କଲୋନୀ ମହିଳାଙ୍କ ଦ୍ୱାରା ନୃତ୍ୟ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୫ଟା
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫ ।
- ଦିଅଁମାନଙ୍କ ଆଡ଼ପମଣ୍ଡପକୁ ପହଣ୍ଡି ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୧୦ଟା ।

## ଭଦ୍ରକ

- ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।

## ମୟୂରଭଞ୍ଜ

- ଦର୍ପଦଳନ ଓ ନନ୍ଦିଘୋଷ ରଥଟଣା, ସ୍ଥାନ: ବାରିପଦା,ସମୟ: ଅପରାହ୍ନ ୨ଟା ୩୦ ।
- ଶ୍ରୀ ଗୁଣ୍ଡିଚା ଆଡ଼ପ ମଣ୍ଡପକୁ ମହାପ୍ରଭୁଙ୍କ ପହଣ୍ଡି ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ରାତି ୧୦ଟା ୩୦ ।

## ବ୍ରହ୍ମପୁର

- ନାରାୟଣ ସାହୁ ସ୍ମୃତି ସମିତିର ଶ୍ରଦ୍ଧାଞ୍ଜଳୀ ସଭା, ସ୍ଥାନ: ସର୍କିଟ ହାଉସ , ସମୟ: ଅପରାହ୍ନ ୪ ଟା ।

## କନ୍ଧମାଳ

- ପବିତ୍ର ଘୋଷ ଯାତ୍ରା ଅବସରରେ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ : ଗୁଣ୍ଡିଚା ମନ୍ଦିର ପରିସର ବାଲିଗୁଡା, ସମୟ: ସନ୍ଧ୍ୟା ୭ ଟା ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା'ମନ୍ଦିର ପରିସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ସ୍ୱାସ୍ଥ୍ୟ କ୍ୟାମ୍ପ, ସ୍ଥାନ: ଇଟାମାଟି ଇନଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ରାଜ୍ୟସ୍ତରୀୟ ପ୍ରଥମ ଡେଭିଡ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ଓଡ଼ଗାଁ, ସମୟ: ଅପରାହ୍ନ ୫ଟା ।
- ଶ୍ରୀଜୀଉଙ୍କ ରାଜା ରାଜେଶ୍ୱର ବେଶ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ସକାଳ ୯ଟା ୩୦ ।
- ଶ୍ରୀଜୀଉଙ୍କ କୁର୍ମ ଅବତାର, ସ୍ଥାନ: ରାୟଗଡ଼ା ଗୁଣ୍ଡିଚା ମନ୍ଦିର, ସମୟ: ସକାଳ ୬ଟା ।

## କୋରାପୁଟ

- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଦଶହରା ପଡିଆ, ଜୟପୁର, ସମୟ: ମଧ୍ୟାହ୍ନ ୧୨ଟା ।

## ସମ୍ବଲପୁର

- ଜିଲାକ୍ରୀଡା ସଂଘ ପକ୍ଷରୁ ସାହାଣୀ କ୍ଲବ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ସକାଶେ ଖେଳାଳି ଚୟନ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ରାଉରକେଲା

- ନିଶାମୁକ୍ତ ସଚେତନତା ଶିବିର, ସ୍ଥାନ: ଲେପର୍ସୀ କଲୋନି, ସମୟ: ସକାଳ ୯ଟା ୩୦ ।
- ଇସ୍ପାତ ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା ।
- ଆଦର୍ଶ ଯୁବ ପରିଷଦର ୧୧ତମ ରଜ ମଉଜ ଉତ୍ସବ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା ।
- ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଓ କବିତା ଆସର, ସ୍ଥାନ: ମଧୁସୂଦନ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦ ।

## କଳାହାଣ୍ଡି

- ରଥଯାତ୍ରା ଅବସରରେ ଭଜନ ସମାରୋହ, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୫ଟା ।
- କୃତୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ

- ବୌଦ୍ଧ କଲଚରାଲ ଏକାଡେମୀର ପକ୍ଷରୁ ସାହିତ୍ୟ ସଭା ଓ ଆଲୋଚନାଚକ୍ର, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ୧୦ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା ।
- ଶ୍ରୀଗୁଣ୍ଡିଚାଯାତ୍ରାର ଦ୍ୱିତୀୟ ଦିବସରେ ରଥଟଣା, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୪ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ଜାତୀୟ ପରିସଂଖ୍ୟାନ ଦିବସ ପାଳନ, ସ୍ଥାନ: ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୯ଟା ।
- ତରଭାର ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ।
- ତରଭା ରଥଯାତ୍ରାର ତୃତୀୟ ଦିନରେ ରଥ ଟଣା ଓ ମହାପ୍ରଭୁଙ୍କ ରଥେ ବରାହ ଅବତାର, ସ୍ଥାନ: ସୁନାରି ପଡା, ସମୟ: ରାତି ୮ଟା ।

## ନୂଆପଡ଼ା

- ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳନ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

# ୨ ଲଘୁଚାପ: ୪ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର,୨୮।୬ (ଅନୁରାଧା ମହାରଣା)

ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛର ଦକ୍ଷିଣ ଭାଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତରପୂର୍ବ ଆରବସାଗର ଅଞ୍ଚଳରେ ବାୟୁମଣ୍ଡଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଘନୀଭୂତ ହୋଇ ରବିବାର ସମାନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ସେହିପରି ଦେଶର ପୂର୍ବ ଭାଗରେ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ୩୦ ତାରିଖରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ୨ ଲଘୁଚାପ ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ । ଏନେଇ ଶନିବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅଧିକ ବର୍ଷା ନେଇ ବହୁ ଜିଲାକୁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଦିଆଯାଇଛି । ରବିବାର ୧୬ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି । କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଜୁନ୍ ୩୦ ଓ ଜୁଲାଇ ୧ରେ ଭୀଷଣ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ସହ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଉପରୋକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶରେ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ । କେତେକ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହେବା ଆଶଙ୍କା ରହିଛି । ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବ । କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ ।

**ବୃଷ** ରୋହିଣୀ ନକ୍ଷତ୍ର ସକାଶେ ଆଜିର କାମ ହାସଲ ପାଇଁ ଅସୁବିଧା ହେବ ନାହିଁ । ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା କରି ସମାଲୋଚିତ ହେବେ । ବାଣିଜ୍ୟ ଓ ପରିବହନାଦିରୁ ସମସ୍ୟା ମୁକ୍ତ ରହିପାରନ୍ତି । ଭୁଲ୍ ବୁଝାମଣାରୁ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ ।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ । କିନ୍ତୁ ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି । ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ । କାର୍ଯ୍ୟବ୍ୟସ୍ତତା କାରଣରୁ ଅନ୍ୟମନସ୍କ ରହି ମାନସିକ ଭାବଧାରାକୁ ବିକ୍ଷିପ୍ତ କରିବେ ।

**କର୍କଟ** ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ । ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି । ଅଶ୍ଳେଷା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ । ବାଣିଜ୍ୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି ।

**ସିଂହ** ନୂତନ କାର୍ଯ୍ୟରେ ହାତ ଦେଲେ ସଫଳତା ପାଇବେ । ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ । ମଘା ନକ୍ଷତ୍ର ସକାଶେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି । ଶତ୍ରୁତା କାରଣରୁ ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି ।

**କନ୍ୟା** ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ । ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଳୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି । ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ ।

**ତୁଳା** ପରିସ୍ଥିତିର ବଶବର୍ତ୍ତୀ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତପ୍ତ ହେବେ । ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି । ସ୍ୱାତୀ ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ । ଯାତ୍ରାରେ ବିଳମ୍ବ ଘଟିବ । ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ ।

**ବିଛା** ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ । ଅନୁରାଧା ନକ୍ଷତ୍ର ଯେତେଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି । ବନ୍ଧୁଙ୍କ ପରାମର୍ଶରେ ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି ।

**ଧନୁ** ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ । ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ । ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ । ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ ।

**ମକର** ଶ୍ରବଣା ନକ୍ଷତ୍ରର ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ । ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ । ମାତ୍ର ଏଣେ ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ । କର୍ମାରମ୍ଭ, ଯାନବାହନ, ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ ।

**କୁମ୍ଭ** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି । ଶତଭିଷା ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ । ଆବଶ୍ୟକତା ପୂରଣ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ ।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି । ସନ୍ଧ୍ୟାରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ । ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ରେବତୀ ନକ୍ଷତ୍ର ପରିବାରର ଖର୍ଚ୍ଚ ଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି ।

ଆଜି ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ), ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ରବିବାର । ରାଶି ନକ୍ଷତ୍ର–ମଘା/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୦ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୪୬ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ ।

# ସଡ଼କ ଦୁର୍ଘଟଣା: ୬ ମୃତ

ନୂଆପଡ଼ା ବିଷମକଟକ/ ମୁନିଗୁଡ଼ା,(ମକାରୁ ବେମାଲ/ ପ୍ରସନ୍ନ କୁମାର ପଣ୍ଡା/ ନନ୍ଦକିଶୋର ପଟ୍ଟନାୟକ ) ୨୮।୬

ନୂଆପଡ଼ା ଜିଲା କୋମନା ଥାନା ଅଧୀନ ପାଳସିପାଣି ଛକ ନିକଟ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୪ଜଣଙ୍କ ଜୀବନ ଯାଇଛି । ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ ପାଳସିପାଣି ଗାଁର ଲଳିତ ଶବର (୪୦), ଭଉଣୀ ସୁନାଫୁଲ ଶବର (୨୫), ଝିଅ ଡିଲେଶ୍ୱରୀ ଶବର (୭) ଓ ବରଗଡ଼ ଜିଲାର ଅନ୍ୟ ଜଣେ କ୍ଷୀର ରାହୁଲ (୩୫) । ଗୁରୁତର ଥିବା ରୋଶନ ଶବର (୧୫), ଲେମ୍ବୁବତି ଶବର (୩୨), ନରେଶ ଶବର (୫) ଓ ହିତେଶ ଶବର (୩୫)ଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି । ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ପାଳସିପାଣି ଗାଁର ଲଳିତ ଶବରଙ୍କ ସମେତ ପରିବାରର ୫ ଜଣ ଗୋଟିଏ ବାଇକ୍‌ରେ ରଥଯାତ୍ରା ଦେଖିବା ପାଇଁ ବଞ୍ଜାରି ଗାଁକୁ ଯାଉବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ୨ ବାଇକ୍‌ରେ ଥିବା ୮ ଜଣ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିରହିଥିଲେ । ସେମାନଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଡାକ୍ତର ଲଳିତ, ଡିଲେଶ୍ୱରୀ, ସୁନାଫୁଲ ଓ କ୍ଷୀରଙ୍କୁ ମୃତ ଘୋଷଣା କରିଛନ୍ତି । ସେହିପରି ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ମନୋଜ ସାରକା(୩୦) ଓ ଗାହିଁ ହୁଇକା(୨୮) ।

# କୋଟିଆ ଗସ୍ତ କରିବ ଅନୁଧ୍ୟାନ କମିଟି: ରାଜସ୍ୱ ମନ୍ତ୍ରୀ

ପଟ୍ଟାଙ୍ଗି,୨୮।୬(ଶରତ କୁମାର ଧଳ)

**କୋଟିଆରେ ୫ ମନ୍ତ୍ରୀଙ୍କ ରୁଦ୍ଧଦ୍ୱାର ବୈଠକ**

**ରିପୋର୍ଟ ହସ୍ତଗତ ହେଲେ ନିଆଯିବ ଉଚିତ ପଦକ୍ଷେପ**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ପ୍ରଥମଥର ରାଜ୍ୟର ୫ ମନ୍ତ୍ରୀ ରଥଯାତ୍ରାରେ ଅଂଶଗ୍ରହଣ କରିଥିବାରୁ ସୀମାନ୍ତବାସୀଙ୍କୁ ଉତ୍ସାହିତ ହୋଇଛନ୍ତି । କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଅତିଥି ଭବନରେ ଏକ ରୁଦ୍ଧଦ୍ୱାର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସରପଞ୍ଚ ଲିଡ ଗେମେଲ, ଅନ୍ୟ କେତେଜଣ ନିର୍ବାଚିତ ଜନପ୍ରତିନିଧି, ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗୀ, ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ାଙ୍କ ସହ ଦୀର୍ଘ ସମୟ ବୈଠକ କରିଥିଲେ । ଏହି ସମୟରେ ସରପଞ୍ଚ ଗେମେଲ ଗଠନ ହୋଇଥିବା କମିଟି ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଅନୁଧ୍ୟାନ କରିବା ଆବଶ୍ୟକ । ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟିକୁ ଅଣାଯାଉନାହିଁ । ଉନ୍ନୟନମୂଳକ କାର୍ଯ୍ୟ ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କୁ ଅବଗତ କରାଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏହାକୁ ନେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ ଏହିପରି ହେବା ଠିକ୍ ନୁହେଁ । ବର୍ତ୍ତମାନ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସରପଞ୍ଚ ଓ ଜନପ୍ରତିନିଧିଙ୍କ ଦୃଷ୍ଟିରେ ଥାଇ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଏକ ଲିଖିତ ଦାବିପତ୍ର ଦିଆଯାଇ ପଞ୍ଚାୟତରେ ଥିବା ୨୨ଟି ସମସ୍ୟାର ଦୃଷ୍ଟି ଆକର୍ଷଣ କରାଯାଇଥିବା ସରପଞ୍ଚ ଗେମେଲ୍ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବୈଠକରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଥିଲା । ବୈଠକ ପରେ ସମସ୍ତ ମନ୍ତ୍ରୀ ବାହାରକୁ ଆସି କୋଟିଆ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କର ନୁହେଁ, ଏହା ପୂର୍ବ ସରକାରଙ୍କ ବୋଲି ଗଣମାଧ୍ୟମକୁ ଜଣାଇଥିଲେ । ଏହା ଓଡ଼ିଶାର ବିଷୟ କହି ପୂର୍ବ ସରକାରଙ୍କୁ ଦୋଷାରୋପ କରିଥିଲେ । ସୀମା ବିବାଦ ମାମଲାରେ ପୂର୍ବ ସରକାର ହାରିଯାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମ ଆଗରେ ଉତ୍ତର ରଖିଥିଲେ । ପ୍ରଶ୍ନର ଉତ୍ତର ଦେଇ ମୋ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନେଇ ଗଠିତ ଏକ ଅନୁଧ୍ୟାନ କମିଟି କୋଟିଆ ପଞ୍ଚାୟତ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି । ଉକ୍ତ ଟିମ୍‌ର ରିପୋର୍ଟ ହସ୍ତଗତ ହେବା ପରେ କୋଟିଆ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏହାପରେ ବାହାରେ ଅପେକ୍ଷାରତ ଅନ୍ୟ ସୀମାନ୍ତବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ପଞ୍ଚାୟତର ମାଥଲାମ୍ବା, ସୁଲିଆମାରି, କାଟ୍ରାଗୁଡା, ତଳକାଣ୍ଟି ଓ ଗୁମେଲପଦର ଆଦି ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚିନାହିଁ । ଏଠାରେ ହୋଇଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ନାହିଁ, ଏମ୍‌ଜିଏନ୍‌ଆରଇଜିଏସ୍‌ର କୌଣସି କାମ ହେଉ ନ ଥିବା ଏବଂ ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଇଥିବା ଆବାସ ଗୃହର ଅର୍ଥ ଅତି କମ୍ ଥିବାରୁ ଏହାକୁ ବଢ଼ାଇବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଦାବି କରିଥିଲେ ।

**ପ୍ରଥମ ପୃଷ୍ଠାରୁ...**

## ରଥଟଣା ବିଳମ୍ବରୁ ...

ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଛନ୍ତି । ନବୀନ ନିଜ ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟକରି କହିଛନ୍ତି, ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ । କିନ୍ତୁ ରାଜ୍ୟର ବହୁ କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ତାହା ପ୍ରତି ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ କରି ରହି ହେଉନାହିଁ । ଗତବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏ ଆମେ କେହି ଭୁଲିପାରୁ ନାହୁଁ । ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା । ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଅଟକି ରହିଥିଲା । ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷାଧିକ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ନିରାଶ ଓ ହତାଶ କରିଛି । ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ବହୁ ଭକ୍ତ ଆହତ ହୋଇଛନ୍ତି । ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ । ଆଶା କରୁଛୁ, ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ । ଚକା ଆଖି ସବୁ ଦେଖୁଛି ବୋଲି ସେ କହିଛନ୍ତି ।

- **ବିଭ୍ରାଟ ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମାକରନ୍ତୁ: ନବୀନ**
- **ଆଦାନୀ ଆସି ରଥ ଟାଣିବେ ବୋଲି ଗୋଟିଏ ଦିନ ବିଳମ୍ବ: ପ୍ରସାଦ**
- **ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ: ଆଇନମନ୍ତ୍ରୀ**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଗୌତମ ଆଦାନୀ ଆସି ରଥ ଟାଣିବେ ବୋଲି ନନ୍ଦିଘୋଷ ରଥକୁ ଗୋଟିଏ ଦିନ ବିଳମ୍ବ କରାଗଲା । ବିଭ୍ରାଟ ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଏ ଦିଗକୁ ପ୍ରମାଣ କରୁଛି । କେତେଜଣ ଭକ୍ତ ଆସିପାରିଲେ ନାହିଁ । ତେଣୁ ରଥକୁ ଅଟକାଇ ଦିଆଗଲା । ତେବେ ଆଦାନୀଙ୍କ ପାଇଁ ଚଳିତ ଥର ରଥଯାତ୍ରା ପରିଚାଳନା ଦାୟିତ୍ୱ ସରକାରୀ ଦଳ ହାତରେ ଟେକିଦିଆଗଲା । ପହଣ୍ଡି ପର୍ଯ୍ୟନ୍ତ ଠିକ୍ ଥିଲା, ମାତ୍ର ପହଣ୍ଡିରୁ ଛେରା ପହଁରା ମଧ୍ୟରେ ଫରକ ରହିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଆଇନ ମନ୍ତ୍ରୀଙ୍କ କଥା ବାର୍ତ୍ତାରେ ଫରକ୍ ରହିଲା । ଗତବର୍ଷ ବଡ଼ଠାକୁର ପଡ଼ିଯାଇଥିଲେ । ବହୁ ଲୋକ ବି ଆହତ ହୋଇଥିଲେ । ଏ ବର୍ଷ ମଧ୍ୟ ଦଳାଚକଟାରେ ୭୫୦ ଜଣ ଆହତ ହୋଇଛନ୍ତି । ବହୁ ବରିଷ୍ଠ ସାମ୍ବାଦିକ ପୋଲିସ ମାଡ଼ରେ ଆହତ ହୋଇଛନ୍ତି । ରଥଯାତ୍ରାରେ ବିଭ୍ରାଟ ସମସ୍ତଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି । ତେଣୁ ପୁରୀ ଜିଲା ଦୌରାଜଜ୍ ତୁରନ୍ତ ନ୍ୟାୟିକ ତଦନ୍ତ କରନ୍ତୁ । ବିନା ପରିଚାଳନା କମିଟିରେ ରଥଯାତ୍ରା ହେଲା । ତେଣୁ ନୀଳାଦ୍ରିବିଜେର ୧୦ ଦିନ ପରେ ନ୍ୟାୟିକ ତଦନ୍ତ ହେଉ । ଦୋଷୀ ସାବ୍ୟସ୍ତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି ।

ରଥଯାତ୍ରା ଅବସରରେ ରଥଟଣାରେ ବିଳମ୍ବ ସହ ଜଗନ୍ନାଥଙ୍କ ନନ୍ଦିଘୋଷ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଛିଡ଼ାହୋଇ ରହିବାକୁ ନେଇ ବିରୋଧୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି । ଜଣ୍ଡିସ୍ ହୋଇଥିବା ଲୋକଙ୍କୁ ମହାପ୍ରଭୁଙ୍କ ଲୀଳା ରାଜନୀତି ପରି ଲାଗୁଛି । କିନ୍ତୁ ମନେରଖିବା ଉଚିତ, ଅତୀତରେ ସେମାନେ ତ୍ରୁଟିକରି ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି । ତାଙ୍କ ଦେଖିବାରେ ୧୯୭୭ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ଦିନରେ ୩ ରଥ ପହଞ୍ଚିନାହିଁ । ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନରେ ଶରଧାବାଲିରେ ପହଞ୍ଚିଥାନ୍ତି । ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ ବୋଲି ଆଇନମନ୍ତ୍ରୀ କହିଛନ୍ତି ।

## ପରାଗ ଜୈନ...

ସ୍ଥାନରେ ସେ ଅବସ୍ଥାପିତ ହେବେ । ତାଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି । ବିବୃତି ଅନୁସାରେ ପରାଗ ଜୈନଙ୍କୁ ର' ସଚିବ ପଦରେ ନିଯୁକ୍ତି ପ୍ରଦାନ ପ୍ରସ୍ତାବକୁ କ୍ୟାବିନେଟ୍ ସମ୍ପର୍କିତ ନିଯୁକ୍ତି କମିଟି ଅନୁମୋଦନ କରିଛି । ସେ କ୍ୟାବିନେଟ ସେକ୍ରେଟାରିଏଟ୍ ଅଧୀନରେ ଦାୟିତ୍ୱ ନେବା ଦିନଠାରୁ ୨ ବର୍ଷ ପାଇଁ କାର୍ଯ୍ୟ କରିବେ । ଏହା ପୂର୍ବରୁ ପରାଗ ସିଗିଣ୍ଟ ଅପରେଶନ୍ସ, ଫଟୋ ରେକନ୍ସିଏନ୍ସ ଫ୍ଲାଇଟ୍ସ (ପିଏର୍‌ଓଟିଆଇଏନ୍‌ଟି), ମନିଟରିଂ ଅଫ୍ ବର୍ଡର ଆଣ୍ଡ ଇମେଜେରି ଇଣ୍ଟେଲିଜେନ୍ସ (ଆଇଏମ୍‌ଆଇଏନ୍‌ଟି) ଆଦି ବୁଝୁଥିବା ସଂସ୍ଥା ଏରିଏଲ୍ ସର୍ଭିଲାନ୍ସ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ 'ଅପରେଶନ୍ ସିନ୍ଦୂର' କରାଯାଇ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିଲା । ଏହି ଅପରେଶନ୍ ପଛରେ ପରାଗଙ୍କ ଭୂମିକାକୁ ବଡ଼ ଶ୍ରେୟ ଦିଆଯାଉଛି । ଜମ୍ମୁ-କଶ୍ମୀରରେ ସୁରକ୍ଷା ଅପରେଶନ୍‌ଗୁଡ଼ିକରେ ମଧ୍ୟ ତାଙ୍କର ବିସ୍ତୃତ ଅଭିଜ୍ଞତା ରହିଛି । ୨୦୨୧ ଜାନୁଆରୀ ୧ରେ ପରାଗଙ୍କୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପାହ୍ୟାକୁ ପଦୋନ୍ନତି ମିଳିଥିଲା ।

## ବସ୍ ଧକ୍କାରେ ...

୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି


ରିମ୍‌ଝିମ୍ ପ୍ରିୟଦର୍ଶିନୀ ସାହୁ


ଏଲିନା ଦାଶ


କାଜଲ ଦାଶ

ସମବେଦନା ଜଣାଇବା ସହ ପ୍ରତି ମୃତାଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

ମିଳିଥିବା ସୂଚନାନୁସାରେ, ସ୍କୁଟି ଯୋଗେ ୩ଜଣ ଛାତ୍ରୀ ରଥଯାତ୍ରା ଦେଖିବାକୁ ପୁରୀ ଯାଉଥିଲେ । ଅପରାହ୍ନ ୩ଟାରେ ତରାକାଜ ଓଭରବ୍ରିଜ୍ ନିକଟରେ ସ୍କୁଟିକୁ ଏକ ବାଇକ୍ ସାଇଡ୍ ମାରିବାରୁ ସେମାନେ ଛିଟିକି ଯାଇ ରାସ୍ତାରେ ପଡ଼ିଥିଲେ । ଏହି ସମୟରେ ପଛରୁ ଆସୁଥିବା ଏକ ଆମ ବସ୍ (ନଂ. ଓଡି ୧୩ କିୟୁ ୧୮୮୩) ସେମାନଙ୍କ ଉପରେ ମାଡ଼ିଯାଇଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଗୁରୁତରଙ୍କୁ ସେଠାରୁ ଉଦ୍ଧାର କରି ପିପିଲି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲା । ଡାକ୍ତର ସେଠାରେ ୩ଜଣଙ୍କୁ ମୃତ ଘୋଷଣା କରିଥିଲେ । ଧକ୍କା ଦେଇଥିବା ବସ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ମୃତାଙ୍କ ସମ୍ପର୍କୀୟ ପିପିଲି ମେଡିକାଲରେ ପହଞ୍ଚି ବେପରୁଆ ବସ୍ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା । ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ତହସିଲଦାର ହୃଷୀକେଶ ତ୍ରିପାଠୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣକୁ ଆସିଥିଲା ।

# କୋଟିଆରେ ୪ ମନ୍ତ୍ରୀଙ୍କ ସହ ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀ



କୋଟିଆରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମନ୍ତ୍ରୀମାନେ ରଥ ଟାଣୁଛନ୍ତି।

ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍ପି ଓ ବିଧାୟକମାନେ ରଥ ଟାଣି ଅଙ୍ଗନୱାଡି କେନ୍ଦ୍ରର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ୩ ଠାକୁରଙ୍କ ପହଣ୍ଡିରେ ଅଂଶଗ୍ରହଣ ସିଡିଓ ବେଣୁଧର ଶବର,ଜିଲା ଭାଜପା ସଭାପତି ଶିବ ମୁଦୁଲି, ପୂର୍ବତନ ସଭାପତି ସୁମନ୍ତ ପ୍ରଧାନ, ପୂର୍ବତନ ଏମ୍ପି ତଥା କଂଗ୍ରେସ ଦଳ ନେତା ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସରପଞ୍ଚ ଲିଉ ଗେମେଲ, ସମିତି ସଭ୍ୟା ଅମ୍ବିକା ପାଙ୍ଗୀ, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ମାଲକାନଗିରି ବିଧାୟକ ଡମ୍ବରୁ ଶୀସା ପ୍ରମୁଖ ଯୋଗଦେଇଥିଲେ। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଓ ୪ଟି ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଉପ ଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ ଓ ସୁନାବେଡ଼ା ଏଡିପିଓ ସୁମିତ୍ରା ଜେନା ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ ଆଦାନୀ ପରିବାର



ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଗୌତମ ତାଙ୍କ ସ୍ତ୍ରୀ ପ୍ରିତି ଆଦାନୀ ଏବଂ ପୁଅ କରନ ଆଦାନୀଙ୍କ ସହ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ସେ କହିଥିଲେ, ଭଗବାନ ଜଗନ୍ନାଥଙ୍କ କୃପାରୁ ସବୁକିଛି ପାଇଛି। ମୋ ପାଖରେ କିଛି ନ ଥିଲା। ହେଲେ ଲୋକମାନଙ୍କ ଭଲପାଇବା ଏବଂ ଭଗବାନଙ୍କ ଆଶୀର୍ବାଦରୁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଓଡ଼ିଶାର ବିକାଶ ପାଇଁ ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ଆମ ଦେଶ ପ୍ରଗତିର ଶୀର୍ଷରେ ପହଞ୍ଚିବା ସହ ଏହାର ସୁଫଳ ସମସ୍ତ ଜନସାଧାରଣ ପାଆନ୍ତୁ ବୋଲି ଆଦାନୀ କହିଛନ୍ତି।

ଗୌତମ ପରିବାର ସହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାପରେ ପୁରୀ ଯାଇଥିଲେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପୁରୀ ରଥଯାତ୍ରାକୁ ଦେଶର ମୁଖ୍ୟ ପର୍ବ ବୋଲି କହିଥିଲେ। ରଥଯାତ୍ରା ବିଶ୍ୱାସ, ସେବା ଏବଂ ଏକତାର ପ୍ରତୀକ, ଯାହା ମନ, ବୁଦ୍ଧି ଏବଂ ଆତ୍ମାକୁ ଏକକାର କରିଥାଏ। ସେ ରଥରେ ପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଅତ୍ୟନ୍ତ ସୌଭାଗ୍ୟବାନ୍ ମନେକରୁଛନ୍ତି। ଏହା ତାଙ୍କ ଜୀବନର ଏକ ଦୁର୍ଲଭ ମୁହୂର୍ତ୍ତ ବୋଲି କହିଥିଲେ। ଏଭଳି ଏକ ପବିତ୍ର ଉତ୍ସବକୁ ସୁଚାରୁରୂପେ ପାଳନ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଦାନୀ ଗ୍ରୁପ୍ ପକ୍ଷରୁ ପୁରୀରେ ଖୋଲାଯାଇଥିବା ପ୍ରସାଦ ବଣ୍ଟନ କେନ୍ଦ୍ରକୁ ଗୌତମ ଆଦାନୀ ଯାଇ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବାଣ୍ଟିଥିଲେ। ଏହି ସେବା ଜୁନ୍ ୨୬ରୁ ଜୁଲାଇ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରଦ୍ଧାଳୁମାନଙ୍କୁ ମାଗଣା ପ୍ରସାଦ ବଣ୍ଟାଯାଉଛି। ଗୌତମ ପ୍ରସାଦ ପ୍ରସ୍ତୁତ ହେଉଥିବା କେନ୍ଦ୍ରକୁ ମଧ୍ୟ ବୁଲି ଦେଖିଥିଲେ।

# ଅଧାବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି,୨୮।୬(ପ୍ରଶାନ୍ତ ବିଶ୍ୱାଳ)




ବାଲେଶ୍ୱର ଜିଲା ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଶନିବାର ଅପରାହ୍ନରେ ଭଜନ କୀର୍ତ୍ତନ, ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ସହ ଘଣ୍ଟୁଆଙ୍କ ଘଣ୍ଟ ଓ ଶଙ୍ଖଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଘୋଷଯାତ୍ରାର ପ୍ରଥମଦିନରେ ଭକ୍ତମାନେ ଜଗନ୍ନାଥ ମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ରବିବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ।

ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ପ୍ରଥମେ ରଥଟଣା ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଏମ୍ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ରଥଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୪୦ ପୋଲିସ ଅଫିସର ଓ ୭ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

# ୧୦୦ ମିଟର ଗଡ଼ିଲା ବ୍ରହ୍ମ ତାଳଧ୍ୱଜ ରଥ

## ଆଜି ପୂର୍ବାହ୍ନ ୧୧ଟାରେ ରଥଟଣା ହେବ

କେନ୍ଦ୍ରାପଡ଼ା,୨୮।୭(ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଚାଳନାରେ ଗତ ୩ ବର୍ଷ ଧରି ହେଉଥିବା ତ୍ରୁଟି ଅଦ୍ୟାବଧି ସୁଧୁରିନାହିଁ। ଶନିବାର ମାତ୍ର ୧୦୦ ମିଟର ଆଗକୁ ବଢ଼ିଲା ପରେ ବ୍ରହ୍ମ ତାଳଧ୍ୱଜ ରଥ ଆଗକୁ ଘୁଞ୍ଚୁନାହିଁ। ଚଳିତ ବର୍ଷ ରଥଯାତ୍ରାର ପ୍ରଥମ ଦିନ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରଥ ୧୦୦ ମିଟର ଦୂରରେ ଥିବା ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ନିକଟରେ ଅଟକି ଥିଲା। ବିଧି ମୁତାବକ ୨ୟ ଦିନରେ ଅର୍ଥାତ୍ ଶନିବାର ସନ୍ଧ୍ୟା ସୁଦ୍ଧା ବ୍ରହ୍ମ ତାଳଧ୍ୱଜ ରଥ ଇଚ୍ଛାପୁରସ୍ଥ ମାଉସୀ ମା’ ମନ୍ଦିର ଚକଡ଼ାରେ ପହଞ୍ଚିବା କଥା। ତେବେ ଏହି ରଥ ଆଗକୁ ନ ଗଡ଼ିବାରୁ ସାମିଲ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭାବନାକୁ କୁଠାରାଘାତ କରିଛି।

ଶନିବାର ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ପରେ ମାତ୍ର ୧୦୦ ମିଟର ଆଗକୁ ବାମ କଡକୁ ରଥ ମାଡ଼ି ଯାଇ ଅଟକି ରହିଛି। ରବିବାର ପୂର୍ବାହ୍ନ ୧୧ ଟାରେ ଏହି ରଥ ଟଣାହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରୁ ଅଟକି ରହିଥିବା ଏହି ରଥରେ ଶ୍ରୀଜୀଉଙ୍କ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ପରେ ରଥଟଣା ହୋଇଥିଲା। ତେବେ ବିଭ୍ରାଟ ରଥଟଣାକୁ ବିଳମ୍ବ କରିଛି। ଶ୍ରଦ୍ଧାଳୁଙ୍କ କହିବା କଥା ୨୦୨୨ରୁ ୩ ବର୍ଷ ଧରି ଏହି ପ୍ରକାର ଘଟଣା ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ସଚେତନ ହୋଇନାହାନ୍ତି। ରଥ ଉପରେ ଅନାବଶ୍ୟକ ଭାବେ ଅତ୍ୟଧିକ ସେବାୟତ ରହୁଛନ୍ତି।

# ରଥଯାତ୍ରାରେ ‘ଶୂନ୍ୟ ମୃତ୍ୟୁ’ ଲକ୍ଷ୍ୟ ସଫଳ ହୋଇଛି

ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଶୂନ୍ୟ ମୃତ୍ୟୁ ସରକାରଙ୍କ ଲକ୍ଷ୍ୟ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗ୍‌ଦର୍ଶନରେ ସେବା ଓ ସୁରକ୍ଷା ନୀତିକୁ ପାଥେୟକରି ମହାପ୍ରଭୁଙ୍କ ୩ ରଥକୁ ଶରଧାବାଲିରେ ପହଞ୍ଚାଇବାରେ ସଫଳ ହୋଇଛୁ ବୋଲି ରାଜ୍ୟ ପୋଲିସ ପକ୍ଷରୁ ଏକ୍ସ ହ୍ୟାଣ୍ଡେଲ ଜରିଆରେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହାକୁ ରିପୋଷ୍ଟ ମଧ କରିଛନ୍ତି। ସେଥିରେ ଆହୁରି ଉଲ୍ଲେଖ ଅଛି, ଓଡ଼ିଶା ପୋଲିସ ଦ୍ୱାରା ନିୟୋଜିତ ସୁରକ୍ଷା କର୍ମୀଙ୍କ କର୍ତ୍ତବ୍ୟ, ନିଷ୍ଠା, ଦୃଢ଼ ମନୋବଳ, ଦାୟିତ୍ୱବୋଧତା, ସମୟୋଚିତ ଭିଡ଼ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଜରୁରିକାଳୀନ ସେବା ପ୍ରଦାନ ଯୋଗୁ ଭକ୍ତମାନେ ଶାନ୍ତଶୃଙ୍ଖଳାର ସହ ଦର୍ଶନ କରିପାରିଛନ୍ତି।

# ବାରିପଦା: ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ



ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।

ବାରିପଦା,୨୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଆଜି ଗଡ଼ିବ ନନ୍ଦିଘୋଷ

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ପୁରୀ ରଥଯାତ୍ରା ପରଦିନ ଏଠାରେ ରଥଟଣା ହେଉଥିବାରୁ ଶନିବାର ଭକ୍ତଙ୍କ ମେଳରେ ମାଉସୀ ମା’ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଦାରୁବ୍ରହ୍ମ। ହରିବୋଲ, ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହେଉଛି। ଅପରାହ୍ନ ୪ଟା ୩୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀ ମା’ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ୫ଟା ୩୦ରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା। ମହିଳାମାନେ ରଥକୁ ଟାଣି ଅଧାବାଟରେ ଥିବା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। କେବଳ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବା ନେଇ ପରମ୍ପରା ରହିଥିବାରୁ ଜିଲା ତଥା ପଡ଼ୋଶୀ ରାଜ୍ୟରୁ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

ଶନିବାର ଅନୁକୂଳ ପାଗ ପାଇଁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ପଡ଼ିଥିଲା। ରଥାରୂଢ଼ ଦିଅଁଙ୍କ ଦର୍ଶନ ଓ ରଥ ଦଉଡ଼ିକୁ ଧରି ଟାଣିବା ପରେ ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ରାଜକୁମାରୀ ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ସପରିବାର ପହଞ୍ଚି ରଥଟଣାରେ ସାମିଲ ହୋଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଅପରାହ୍ନରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚାଇବା ପରେ ନନ୍ଦିଘୋଷ ରଥ ଟଣାଯିବ।










ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ଭାବନା ବା କୃତିତ୍ୱ। ସେହିଠାରେ ହିଁ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି- ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। -ଶ୍ରୀଅରବିନ୍ଦ



# ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ



ଆକାର ପଟେଲ

କିଛି ଦିନ ପୂର୍ବେ ଆମେ ଜରୁରିକାଳୀନ ପରିସ୍ଥିତିର ୫୦ତମ ବାର୍ଷିକୀ ପାଳନ କରିଥିବାବେଳେ ଭାରତୀୟ ଜନସଂଘର ପ୍ରତିଷ୍ଠା ବାର୍ଷିକୀକୁ ପାସୋରିଗଲୁ। ତେବେ ଜନସଂଘ ଗଠନ ପଛରେ ଅନେକ କାରଣ ରହିଛି। ୫ ମେ ୧୯୫୦ରେ ଏସ୍.ପି. ମୁଖାର୍ଜୀ ପାର୍ଟିର ଏଜେଣ୍ଡା ପ୍ରସ୍ତୁତ କରିଥିଲେ ଓ ସେଥିରେ ୮ସୂତ୍ରୀ କାର୍ଯ୍ୟକ୍ରମ ରହିଥିଲା। ସେଗୁଡ଼ିକ ହେଲା, ୧- ଅଖଣ୍ଡ ଭାରତ, ୨- ପାକିସ୍ତାନ ପ୍ରତି ତୁଷ୍ଟୀକରଣ ବଦଳରେ ପାରସ୍ପରିକ ସମ୍ପର୍କ ରକ୍ଷା, ୩- ଏକ ସ୍ୱାଧୀନ ବିଦେଶୀ ନୀତି, ୪-ଶରଣାର୍ଥୀ ଥଇଥାନ, ୫- ଶିଳ୍ପର ବିକେନ୍ଦ୍ରୀକରଣ ଓ ସାମଗ୍ରୀ ଉତ୍ପାଦନ ବୃଦ୍ଧି, ୬- ଏକକ ଭାରତୀୟ ସଂସ୍କୃତିର ବିକାଶ, ୭- ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ପଛୁଆବର୍ଗଙ୍କ ବିକାଶ, ୮- ବିହାର ଓ ପଶ୍ଚିମବଙ୍ଗ ସୀମାର ପୁନଃ ବ୍ୟବସ୍ଥାପନ। ମୁଖାର୍ଜୀଙ୍କ ବ୍ୟତୀତ ଜନସଂଘ ଗଠନ ପଛରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ରହିଥିଲା। ଆର୍‌ଏସ୍‌ଏସ୍ କାହିଁକି ରାଜନୀତିକୁ ପ୍ରବେଶ କଲା, ତାହାର କାହାଣୀ ରୋଚକପୂର୍ଣ୍ଣ। କିଛି ବର୍ଷ ପୂର୍ବେ ଭାଜପା ପକ୍ଷରୁ ଅଧିକାରୀ ସ୍ତରରେ ପ୍ରକାଶ ପାଇଥିବା ଜନସଂଘର ଇତିହାସକୁ ଦେଖିଲେ ଏହା ବୁଝିହେବ। ଡିସେମ୍ବର ୧୯୪୭ରେ ଦିଲ୍ଲୀରେ ଆରଏସ୍‌ଏସ୍ ଦ୍ୱାରା ଆୟୋଜିତ ବିଶାଳ ଜନସମାବେଶ ହିନ୍ଦୁ ରାଜକୁମାର, ବ୍ୟବସାୟୀ ଏବଂ ହିନ୍ଦୁ ସଂଗଠନଗୁଡ଼ିକର ନେତାଙ୍କୁ ଆକର୍ଷିତ କରିଥିଲା। ଆର୍‌ଏସ୍‌ଏସ୍ ଅନୁଯାୟୀ, ଏହାର ଲୋକପ୍ରିୟତା କଂଗ୍ରେସ ବିଶେଷକରି ନେହେରୁଙ୍କ ପ୍ରତି ଥିଲା ସତର୍କ ଘଣ୍ଟି। ତେବେ ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର ୩ ଦିନ ପରେ ଅର୍ଥାତ୍ ୨ ଫେବୃଆରୀରେ କଂଗ୍ରେସ ଆର୍‌ଏସ୍‌ଏସ୍‌କୁ ନିଷେଧ କରିବାକୁ ନିଷ୍ପତ୍ତି ନେଲା। ଆର୍‌ଏସ୍‌ଏସ୍ ମୁଖ୍ୟ ଗୋଲ୍‌ୱାଲକର ଜାଣିଥିଲେ ଯେ, ଗାନ୍ଧିଜୀଙ୍କ ହତ୍ୟା ସମ୍ପର୍କିତ ସବିଶେଷ ରିପୋର୍ଟ ବାହାରିଲେ ଆର୍‌ଏସ୍‌ଏସ୍ ସମସ୍ୟାରେ ପଡ଼ିଯିବ। ଏଣୁ ସେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ଦିନ ହିଁ ଆର୍‌ଏସ୍‌ଏସ୍‌ର ସମସ୍ତ କାର୍ଯ୍ୟକ୍ରମ ୧୩ ଦିନ ପର୍ଯ୍ୟନ୍ତ ବନ୍ଦ କରିବାକୁ ସବୁ ଶାଖାକୁ ଟେଲିଗ୍ରାମ ପଠାଇଥିଲେ। ସେହି ସମାନ ଦିନରେ ସେ ନେହେରୁ, ପଟେଲ ଏବଂ ଦେବଦାସ ଗାନ୍ଧୀଙ୍କ ପାଖକୁ ଟେଲିଗ୍ରାମ କରି ସମବେଦନା ଜଣାଇଥିଲେ। ଏହି ନିଷ୍ଠୁର ତଥା ଘାତକ ଆକ୍ରମଣରେ ସେ ଅତ୍ୟନ୍ତ ମର୍ମାହତ ଓ ଏଥିରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ଦୁଃଖଦ ଅନ୍ତ ଘଟିଲା ବୋଲି କହିଥିଲେ। ତା' ପରଦିନ ସେ ପୁନର୍ବାର ନେହେରୁଙ୍କ ନିକଟକୁ ଲେଖି ତାଙ୍କର ଦୁଃଖ ଜଣାଇଥିଲେ। ସେଥିରେ ଗଡ୍‌ସେଙ୍କୁ ଜଣେ ବିଚାରହୀନ ବିକୃତ ମାନସିକତାର ବ୍ୟକ୍ତି ଭାବେ ଦର୍ଶାଇବା ସହ ଗୁଳିକରି ପୂଜ୍ୟ ମହାତ୍ମାଙ୍କ ଜୀବନର ହଠାତ୍ ଦୁଃଖଦ ଅନ୍ତ ଘଟାଇବା ଭଳି ଜଘନ୍ୟ କାର୍ଯ୍ୟ କରିଥିବା ଉଲ୍ଲେଖ କରିଥିଲେ। ସେ ମଧ୍ୟ ଏହି ହତ୍ୟାକାଣ୍ଡକୁ ଅକ୍ଷମଣୀୟ ଓ ଦେଶଦ୍ରୋହ କାର୍ଯ୍ୟ ବୋଲି କହିଥିଲେ। ସେହିଦିନ ମଧ୍ୟ ସେ ପଟେଲଙ୍କ ପାଖକୁ ଲେଖି ଜଣାଇଥିଲେ, ''ଏହା ତାଙ୍କ ହୃଦୟକୁ ଅତ୍ୟଧିକ ବ୍ୟଥିତ କରିଛି। ଏହି ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ନିନ୍ଦା କରିବା ପାଇଁ ତାଙ୍କ ପାଖରେ କୌଣସି ଶବ୍ଦ ନାହିଁ।''

ଆର୍‌ଏସ୍‌ଏସ୍‌କୁ ଅବୈଧ ଘୋଷଣା କରି ସରକାରୀ ବିଜ୍ଞପ୍ତିରେ କୁହାଯାଇଥିଲା, ''ହିନ୍ଦୁମାନଙ୍କ ଶାରୀରିକ, ବୌଦ୍ଧିକ ତଥା ନୈତିକ କଲ୍ୟାଣକୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ, ପ୍ରେମ ଏବଂ ସେବା ଭାବ ବୃଦ୍ଧି କରିବା ହେଉଛି ଆର୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସରକାର ଦୁଃଖିତ ଯେ, ଆର୍‌ଏସ୍‌ଏସ୍‌ର ସକ୍ରିୟ ସଦସ୍ୟମାନେ ତଥାକଥିତ ସିଦ୍ଧାନ୍ତକୁ ପାଳନ କରିନାହାନ୍ତି। ସଂଘର ସଦସ୍ୟଙ୍କ ଦ୍ୱାରା ଅବାଞ୍ଛିତ ତଥା ବିପଜ୍ଜନକ କାର୍ଯ୍ୟକଳାପ ଜାରି ରହିଛି, ଯେଉଁମାନେ ହିଂସା ବୃଦ୍ଧି କରିବା ଭଳି କାର୍ଯ୍ୟରେ ଜଡ଼ିତ ହେବା ସହ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସଂଗ୍ରହ କରିଛନ୍ତି।'' ୩ ଫେବୃଆରୀରେ ଗୋଲ୍‌ୱାଲ୍‌କରଙ୍କ ସମେତ ୨୦,୦୦୦ ସ୍ୱୟଂସେବକଙ୍କୁ ଗିରଫ କରାଗଲା। ଏହି ସମୟରେ ଆର୍‌ଏସ୍‌ଏସ୍ କହିଥିଲା, କୌଣସି ରାଜନୈତିକ ଦଳ କିମ୍ବା ରାଜନେତା ଏହାକୁ ବିରୋଧ ନ କରିବା କିମ୍ବା କିଛି ନ କହିବା ଦୁଃଖର ବିଷୟ। ଏହି ପ୍ରତିବନ୍ଧକ ପାଖାପାଖି ଦେଢ଼ବର୍ଷ ପର୍ଯ୍ୟନ୍ତ ରହିଲା। ଆର୍‌ଏସ୍‌ଏସ୍‌କୁ ତାହାର ଏକ ସମ୍ବିଧାନ ଲେଖି ଦାଖଲ କରିବାକୁ କୁହାଯାଇଥିଲା ଏବଂ ତାହା କରାଯିବା ଫଳରେ ୧୧ ଜୁଲାଇ ୧୯୪୯ରେ ଆର୍‌ଏସ୍‌ଏସ୍ ଉପରୁ ନିଷେଧାଦେଶ ଉଠିଥିଲା। ଏହାର ଠିକ୍ ପରେ ପରେ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ ଦି ଅର୍ଗାନାଇଜରରେ ରାଜନୀତିରେ ପ୍ରବେଶକୁ ନେଇ ଏହା ବିତର୍କ ଆରମ୍ଭ କରିଦେଲା। ଏଥିରେ କେ. ଆର୍. ମାଲକାନିଙ୍କ ସମେତ ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ପ୍ରବନ୍ଧ ପ୍ରକାଶ ପାଇଲା। ମାଲକାନି ଲେଖିଥିଲେ, ସଂଘ ନିଜକୁ ରକ୍ଷାକରିବା ଏବଂ ଅଣ-ଭାରତୀୟ ଓ ଭାରତୀୟ ବିରୋଧୀ ରାଜନୀତି ବନ୍ଦ କରିବା ସହ ଦେଶର ବ୍ୟବସ୍ଥା ମାଧ୍ୟମରେ ଭାରତୀୟତାକୁ ଆଗକୁ ବଢ଼ାଇବା ଲାଗି ଏହା ରାଜନୀତିରେ ଭାଗ ନେବା ଦରକାର। ଦେଶର ସମସ୍ତ ନାଗରିକଙ୍କ ଜାତୀୟ ସାଂସ୍କୃତିକ ଶିକ୍ଷା ପାଇଁ ସଂଘ ଏକ ଆଶ୍ରମ ଭାବେ କାମ ଜାରି ରଖିବା ଆବଶ୍ୟକ। କିନ୍ତୁ ସିଦ୍ଧାନ୍ତଗୁଡ଼ିକର ତ୍ୱରିତ ସଫଳତା ଏବଂ ଅଧିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବା ପାଇଁ ସଂଘକୁ ଏକ ରାଜନୈତିକ ଦଳ ଗଢ଼ିବାକୁ ପଡ଼ିବ। ସେ ମଧ୍ୟ କହିଥିଲେ ଯେ, ନୂଆ ଦଳ ପ୍ରାଚୀନ ଧର୍ମୀୟ ଓ ପରମ୍ପରା ମୂଲ୍ୟବୋଧ ଉପରେ କାମ କରିବ ଓ ଏହାର ଲକ୍ଷ୍ୟରେ ଏହା ଭବିଷ୍ୟନ୍ମୁଖୀ ହେବ। ଏହା ବିଦେଶୀ ମୂଲ୍ୟବୋଧ, ପ୍ରବୃତ୍ତି ଓ ଧାରା ଉପରେ ନିର୍ଭର କରିବ ନାହିଁ। ହିନ୍ଦୁସ୍ତାନରେ ଏହି ପୁନଃ ସଂଗଠନର ସିଦ୍ଧାନ୍ତ ହିଁ କେବଳ ହିନ୍ଦୁତ୍ୱ ହେବ। ବଲରାଜ ମାଧୋକ ଲେଖିଥିଲେ, ଦେଶର ରାଜନୈତିକ ଓ ଆର୍ଥିକ ସମସ୍ୟା ପରିପ୍ରେକ୍ଷୀରେ ସଂଘ ଦେଶକୁ ନେତୃତ୍ୱ ଦେବା ଉଚିତ। କାରଣ ସଂଘର ଅସ୍ତିତ୍ୱ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

୧୯ ଏପ୍ରିଲ ୧୯୫୦ରେ ପାର୍ଲାମେଣ୍ଟରେ ମୁଖାର୍ଜୀ କହିଥିଲେ ଯେ, ବଙ୍ଗ ବିଭାଜନ ସପକ୍ଷରେ ଜନମତ ସୃଷ୍ଟି କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ପୂର୍ବ ବଙ୍ଗ (ପରେ ବାଂଲାଦେଶ ହୋଇଛି)ର ହିନ୍ଦୁମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ସେମାନେ ଯଦି ଭବିଷ୍ୟତରେ ପାକିସ୍ତାନ ସରକାର ଦ୍ୱାରା ନିର୍ଯାତିତ ହୁଅନ୍ତି ସ୍ୱାଧୀନ ଭାରତ କେବେ ନୀରବଦ୍ରଷ୍ଟା ହୋଇ ରହିବ ନାହିଁ। ଏବେ ୨୦୨୫ରେ ଭାରତରେ ଆମ ଚାରିପାଖରେ କ'ଣ ସବୁ ଘଟୁଛି, ତାହା ଆମେ ପଢୁଛୁ ଓ ଆକଳନ କରୁଛୁ। ଏସବୁ ସୂଚିତ କରୁଛି ଯେ ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ ଏସବୁ କରିବାକୁ ପ୍ରେରିତ କରୁଛି। ଏହାସହ ଆମେ ମଧ୍ୟ ଜାଣିପାରୁଛୁ ଯେ, ଏହିସବୁ ବିଷୟ ପାଇଁ ଭାଜପା ଗଠନ କରାଯାଇଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 9 | | 2 | | | 5 |
| 4 | | | | | 3 | 9 | | 2 |
| 2 | | | 4 | | | | | |
| | 4 | | | | | 8 | | 1 |
| | | 1 | | | | | | 6 |
| 9 | | | | | 8 | 4 | | |
| 7 | 2 | | | 1 | 9 | | | |
| | | | 8 | | | | 1 | |
| | | 9 | | 6 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 4 | 6 | 9 | 1 | 8 | 2 |
| 6 | 9 | 2 | 1 | 7 | 8 | 4 | 3 | 5 |
| 1 | 4 | 8 | 2 | 5 | 3 | 6 | 9 | 7 |
| 3 | 5 | 4 | 8 | 9 | 6 | 7 | 2 | 1 |
| 8 | 2 | 1 | 7 | 4 | 5 | 3 | 6 | 9 |
| 9 | 7 | 6 | 3 | 2 | 1 | 8 | 5 | 4 |
| 2 | 8 | 7 | 5 | 3 | 4 | 9 | 1 | 6 |
| 5 | 6 | 3 | 9 | 1 | 7 | 2 | 4 | 8 |
| 4 | 1 | 9 | 6 | 8 | 2 | 5 | 7 | 3 |

ଗତକାଲିର ଉତ୍ତର

# ଯୁଦ୍ଧ ଓ କୂଟନୀତି



ସୌଭାଗ୍ୟ ସୁନ୍ଦରରାୟ

'ଅପରେଶନ ସିନ୍ଦୂର' ସ୍ଥଗିତ ରହିବା ଘଟଣାକୁ ମାସେରୁ ଅଧିକ ସମୟ ହେଲାଣି। କିନ୍ତୁ କେଉଁ ପରିସ୍ଥିତିରେ ପାକିସ୍ତାନ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିବାକୁ ପଡ଼ିଲା ସେଥିନେଇ କୂଟନୈତିକ ବିବାଦ ଲାଗି ରହିଛି। ଭାରତ ସରକାର ଅପରେଶନ ସିନ୍ଦୂରକୁ ପାକିସ୍ତାନ ବିରୋଧରେ ସର୍ବବୃହତ୍ ବିଜୟସୂଚକ କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଏପରି ଏକ ବୃହତ୍ କାର୍ଯ୍ୟାନୁଷ୍ଠାନକୁ କ'ଣ ପାଇଁ ୩ ଦିନ ମଧ୍ୟରେ ବନ୍ଦ ରଖିବାକୁ ପଡ଼ିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରୁ ନାହିଁ। ଯେଉଁ ଲକ୍ଷ୍ୟ ନେଇ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ତାହା ହାସଲ ହୋଇଛି ବୋଲି ମଧ୍ୟ ସରକାର ଦୃଢ଼ ଭାବେ କହିପାରୁ ନାହାନ୍ତି।

ଦେଶରେ ଭାରତୀୟ ଜନତା ପାର୍ଟି (ଭାଜପା) ଶାସନ କ୍ଷମତାରେ ରହିବା ସମୟରେ ପଡ଼ୋଶୀ ପାକିସ୍ତାନ ବିରୋଧରେ ୩ ଥର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଏ। ଅନ୍ୟ ସମସ୍ତ କାର୍ଯ୍ୟାନୁଷ୍ଠାନ ବା ଯୁଦ୍ଧ କଂଗ୍ରେସ ସରକାର ଅମଳରେ ହୋଇଥିଲା। ଭାଜପା ଶାସନର ଏହି ୩ କାର୍ଯ୍ୟାନୁଷ୍ଠାନ ମଧ୍ୟରୁ 'ଅପରେଶନ ବିଜୟ' ଦୀର୍ଘ ସମୟ ଧରି ଚାଲିଥିଲା। ୧୯୯୯ ମେ'ରୁ ଜୁଲାଇ, ପ୍ରାୟ ୩ ମାସ ଧରି ଏହି ସୀମିତ ଯୁଦ୍ଧ ଭାରତ -ପାକିସ୍ତାନ ମଧ୍ୟରେ ଚାଲିଥିଲା। ନିୟନ୍ତ୍ରଣ ରେଖାରେ ଥିବା ଜମ୍ମୁ-କଶ୍ମୀରର କାର୍‌ଗିଲ ଜିଲା ଅନ୍ତର୍ଗତ ଟାଇଗର ହିଲ୍‌କୁ ପାକସ୍ତାନୀ ସେନା ଦଖଲ କରିବା ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଥିଲେ ନୱାଜ ସରିଫ। ଯୁଦ୍ଧରେ ଭାରତର ପ୍ରାୟ ୫୫୦ ଯବାନ ନିହତ ହୋଇଥିବାବେଳେ ୧୩୦୦ ଆହତ ହୋଇଥିଲେ। ଭାରତର ଗୋଟିଏ ମିଗ୍ -୨୭ ଓ ଗୋଟିଏ ମିଗ୍ -୨୧ ଖସାଇ ଦେବାରେ ପାକିସ୍ତାନ ସମର୍ଥ ହୋଇଥିଲା। ଏହି ଅନୁପ୍ରବେଶ ଘଟଣାରେ ବିଶ୍ୱ ଦରବାରରେ ପାକିସ୍ତାନକୁ ସମାଲୋଚିତ ହେବାକୁ ପଡ଼ିଥିଲା। ଭାରତର ଆକ୍ରମଣ ପରିପ୍ରେକ୍ଷୀରେ ନୱାଜ ସରିଫ ଜୁଲାଇ ୪ରେ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କୁ ଭେଟିବା ନିମନ୍ତେ ୱାଶିଂଟନ ଯାତ୍ରା କରିଥିଲେ। କିନ୍ତୁ କ୍ଲିଣ୍ଟନ ତାଙ୍କୁ ଭର୍ତ୍ସନା କରିଥିଲେ। ପାକିସ୍ତାନ ଦ୍ୱାରା ନିୟନ୍ତ୍ରଣରେଖା ଅତିକ୍ରମଣକୁ ଜି-୮ ରାଷ୍ଟ୍ର, ୟୁରୋପୀୟ ୟୁନିୟନ, ଚାଇନା ପ୍ରମୁଖ ଦୃଢ଼ ସ୍ୱରରେ ନିନ୍ଦା କରିବା ସହ ପାକିସ୍ତାନୀ ସେନା ତୁରନ୍ତ ଅଧିକୃତ ସ୍ଥାନରୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ଆନ୍ତର୍ଜାତିକ ଚାପରେ ପାକିସ୍ତାନୀ ସେନା ବାଧ୍ୟ ହୋଇ ପଶ୍ଚାତ୍‌ଧାବନ କରିଥିଲେ। ଏଥିରେ ଭାରତର ବିଜୟ ହେଲା, ଯାହା ଅପରେଶନ 'ସଫେଦ ସାଗର' ଭାବେ ପରିଚିତ। ସେ ସମୟରେ ବୈଦେଶିକ ମନ୍ତ୍ରୀ ଥିଲେ ଯଶୋୱନ୍ତ ସିଂହ। ଅପରେଶନ ବିଜୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଯେଉଁ କୂଟନୈତିକ ବିଚକ୍ଷଣତା ପ୍ରଦର୍ଶନ କରିଥିଲେ ତାହା ଥିଲା ଅନନ୍ୟ।



ସେତେବେଳେ ଏହି ଯୁଦ୍ଧ ସମ୍ପର୍କରେ ଅବଗତ କରିବା ନିମନ୍ତେ କୌଣସି ବିଦେଶ ରାଷ୍ଟ୍ରକୁ ସଂସଦୀୟ ପ୍ରତିନିଧି ଦଳ ପ୍ରେରଣ କରାଯାଇ ନ ଥିଲା।

ଏହାପରେ ଅନ୍ୟ ଏକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ବିରୋଧରେ ହୋଇଥିଲା ୨୦୧୯ରେ। ସେତେବେଳେ ଏହା ଥିଲା ଏକ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ, ଯାହା ସର୍ଜିକାଲ ଷ୍ଟ୍ରାଇକ ଭାବେ ନାମିତ। ପାକ୍ ଅଧିକୃତ କଶ୍ମୀରରେ ଏହି କାର୍ଯ୍ୟାନୁଷ୍ଠାନ ଭାରତ ପକ୍ଷରୁ ହୋଇଥିଲା। ପୁଲୱାମାରେ ଜୈସ-ଇ ମହମ୍ମଦ ସନ୍ତ୍ରାସବାଦୀ ଗୋଷ୍ଠୀର ଆତ୍ମଘାତୀ ଆକ୍ରମଣରେ ୪୦ ଜଣ ସିଆର୍‌ପିଏଫ୍ ଯବାନ ନିହତ ହେବା ଘଟଣାରେ ଭାରତ ପକ୍ଷରୁ ପାକ୍ ଅଧିକୃତ କଶ୍ମୀରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ ନିର୍ବାଚନୀ ପ୍ରସଙ୍ଗ ହୋଇଥିଲା।

ନିକଟରେ ପାକିସ୍ତାନ ବିରୋଧରେ ଭାରତ ଆରମ୍ଭ କରିଥିବା ଅପରେଶନ ସିନ୍ଦୂରକୁ ରଦ୍ଦ କରିନାହିଁ, ସ୍ଥଗିତ ରଖିଛି ବୋଲି କହିଛି। ଏହାର ବିଶେଷ ଅର୍ଥ ବୁଝାପଡୁ ନାହିଁ। ପାକିସ୍ତାନ ପ୍ରୋତ୍ସାହିତ ଉଗ୍ରବାଦୀ ପହଲଗାମ୍‌ରେ ବାଛିବାଛି ପର୍ଯ୍ୟଟକଙ୍କୁ ହତ୍ୟା କରିବା ପ୍ରତିବାଦରେ ଭାରତ ଏହି ଆକ୍ରମଣ ଆରମ୍ଭ କରିଥିଲା। ତୃତୀୟ ପକ୍ଷର ହସ୍ତକ୍ଷେପରେ ଏହି କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖାଯାଇଛି କି ନାହିଁ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରୁ ନାହିଁ। ଏଥିରେ କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ ହୋଇନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। କିନ୍ତୁ ଆନ୍ତର୍ଜାତିକ ମଞ୍ଚରୁ ଯେଉଁ ଆଭାସ ଆସୁଛି ତାହା ଭିନ୍ନ ସଙ୍କେତ ପ୍ରଦାନ କରୁଛି। ସମଗ୍ର ଘଟଣା ବିଶ୍ଳେଷଣ କଲେ ଦେଖାଯାଉଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାରେ ମଧ୍ୟସ୍ଥତା କରିଥିବା ବାରମ୍ବାର କହିଆସୁଛନ୍ତି। ନିକଟରେ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଆଲୋଚନା ସମୟରେ ଏହି ପ୍ରସଙ୍ଗ ଉଠିଥିଲା ବୋଲି ପୁଟିନଙ୍କ ସହାୟକ ୟୁରି ଉସାକୋଭ କହିଛନ୍ତି। ଆଲୋଚନା ସମୟରେ ଭାରତ-ପାକିସ୍ତାନ ବିବାଦରେ ଟ୍ରମ୍ପ ହସ୍ତକ୍ଷେପ କରିଥିବା ବିଷୟ ଜଣାଇଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ପୁଟିନ ଗ୍ରହଣ କରିଛନ୍ତି ବୋଲି ଉସାକୋଭ ପ୍ରକାଶ କରିଛନ୍ତି। ତେଣେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଭାରତ-ପାକିସ୍ତାନ ମଧ୍ୟରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଏଡ଼ାଇବାକୁ ଟ୍ରମ୍ପ ବାଣିଜ୍ୟ କାରବାରକୁ ଉପଯୋଗ କରିଥିଲେ ବୋଲି ଏକ ଆମେରିକୀୟ ଅଦାଲତକୁ ଜଣାଇଛନ୍ତି। ଏଣେ ଭାରତର ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ପାକିସ୍ତାନ ଦ୍ୱାରା ଭାରତୀୟ ବିମାନ ଧ୍ୱଂସ ହେବା କଥା କହୁଥିବାବେଳେ କେତେ ସଂଖ୍ୟକ ବିମାନ ନଷ୍ଟ ହୋଇଛି ତାହା ପ୍ରକାଶ କରିନାହାନ୍ତି। ଏହା ପରେ ଜାତିସଂଘ ନିରାପତ୍ତା ପରିଷଦରେ ଉଗ୍ରବାଦ ନିରୋଧୀ କମିଟିର ଉପାଧ୍ୟକ୍ଷ ପଦବୀ ପାକିସ୍ତାନକୁ ମିଳିଥିବାବେଳେ ତାଲିବାନ କଟକଣା କମିଟିର ଅଧ୍ୟକ୍ଷ ପଦବୀ ମିଳିଛି। ଏହା ମଦୁଆ ହାତରେ ନିଶା ନିବାରଣ ବାନା ପ୍ରଦାନ କରିବା ଭଳି ଅବସ୍ଥା। ୨୦୨୨ରେ ଭାରତ ତାଲିବାନ କଟକଣା କମିଟିର ଅଧ୍ୟକ୍ଷ ରହିଥିଲା। ଭାରତର ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା ହୋଇ ତୃତୀୟ ପକ୍ଷ ମଧ୍ୟସ୍ଥତା ମନ୍ତବ୍ୟକୁ ଅଗ୍ରାହ୍ୟ ବା ଅସ୍ୱୀକାର କରିଛନ୍ତି। ତେଣେ ଯୁଦ୍ଧ ସ୍ଥଗିତ ପାଇଁ ପାକିସ୍ତାନ ପ୍ରସ୍ତାବ ଦେଇଥିଲା ବୋଲି ସେ ଦେଶର ବୈଦେଶିକ ମନ୍ତ୍ରୀ ଇସାକ୍ ଦରଙ୍କ ବକ୍ତବ୍ୟକୁ ତାଙ୍କ ନିଜ ମନ୍ତ୍ରଣାଳୟ ଖଣ୍ଡନ କରି ଆମେରିକା ରାଷ୍ଟ୍ରପତି ଓ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ତଥା ଯୁବରାଜ ଫୈଜଲ ବିନ୍ ଫାରାହାନ୍‌ଙ୍କ ହସ୍ତକ୍ଷେପ ଯୋଗୁ ଏହି ଯୁଦ୍ଧ ବିରତି ହୋଇଛି ବୋଲି କହିଛନ୍ତି। ଏଥିପାଇଁ ଆମେରିକା ରାଷ୍ଟ୍ରପତିଙ୍କ ନାମ ୨୦୨୬ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାକିସ୍ତାନ ସୁପାରିସ କରିବ ବୋଲି ଘୋଷଣା କରିଛି।

ଉଲ୍ଲେଖ କରାଯାଇପାରେ ଯେ, ଅପରେଶନ ସିନ୍ଦୂର ସମୟରେ ସାଉଦି ଆରବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପୂର୍ବ କୌଣସି କାର୍ଯ୍ୟସୂଚୀ ନ ଥାଇ ମେ' ୭ ତାରିଖରେ ନୂଆଦିଲ୍ଲୀରେ ଆସି ପହଞ୍ଚିଥିଲେ। ଏହି ସମୟରେ ଇରାନର ବୈଦେଶିକ ମନ୍ତ୍ରୀ ମଧ୍ୟ ଆସି ପହଞ୍ଚିଥିଲେ। ଇତିମଧ୍ୟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ପାକିସ୍ତାନ ଆର୍ଥିକ ସହାୟତା ପାଇସାରିଛି। ଉଗ୍ରବାଦ ପ୍ରୋତ୍ସାହନ ସତ୍ତ୍ୱେ ପାକିସ୍ତାନକୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଅନୁମୋଦନ କରିଛି। ଅର୍ଥାତ୍ ଆନ୍ତର୍ଜାତିକ ମଞ୍ଚ ଜାତିସଂଘ ପାକିସ୍ତାନ ବିରୋଧରେ କୌଣସି କଟକଣା ଲଗାଇବାକୁ ଚାହିଁନାହିଁ। ଏ ସମସ୍ତ ଘଟଣାକୁ ଅନୁଶୀଳନ କଲେ ପାକିସ୍ତାନ ବିରୋଧରେ କାର୍ଯ୍ୟନୁଷ୍ଠାନ ପରିପ୍ରେକ୍ଷୀରେ ଭାରତର କୂଟନୀତି ପ୍ରଭାବଶାଳୀ ହୋଇପାରି ନ ଥିବା ଜଣାପଡୁଛି। ଦୀର୍ଘ ୧ ମାସ ଧରି ବିଭିନ୍ନ ମହଲରୁ ଦ୍ୱନ୍ଦ୍ୱାତ୍ମକ ମତ ଓ ମନ୍ତବ୍ୟ ଆସିବାରେ ଲାଗିଛି। ମାସେ ବିତିଗଲାଣି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଦେଶବାସୀ ଅନ୍ଧାରରେ ରହିଛନ୍ତି। ଏହାମଧ୍ୟରେ ଭାରତର କଥା କହିବା ପାଇଁ ସଂସଦୀୟ ସର୍ବଦଳୀୟ ପ୍ରତିନିଧି ୩୨ଟି ରାଷ୍ଟ୍ର ଗସ୍ତ କରି ଫେରି ଆସିଛନ୍ତି। ଏପ୍ରକାର ପ୍ରତିନିଧି ଦଳ ଅପରେଶନ ବିଜୟ ସମୟରେ ପ୍ରେରଣ କରାଯାଇ ନ ଥିଲା। ଅପରେଶନ ସିନ୍ଦୂରରୁ ଯେଉଁ ସଫଳତା ମିଳିଛି ତାହାର ଶ୍ରେୟ ପ୍ରତିରକ୍ଷା ବାହିନୀ ଯବାନଙ୍କ ନିକଟକୁ ଯିବା ଆବଶ୍ୟକ। ତେବେ ଏହା କେତେଦିନ ପର୍ଯ୍ୟନ୍ତ ସ୍ଥଗିତ ରହିବ ତାହାର ଉତ୍ତର ରାଜନୈତିକ ନେତୃବୃନ୍ଦ ରଖିବା ଆବଶ୍ୟକ।

ମୋ: ୯୪୩୭୨୨୯୨୩୩

# ଭବ୍ୟ ମହାକାଶଚାରୀ

ମହାକାଶରୁ 'ଜୟ ହିନ୍ଦ୍' ଓ 'ଜୟ ଭାରତ' କହି ଏବେ ଇତିହାସ ରଚିଥିବା ଶୁଭାଂଶୁ ଶୁକ୍ଲା ୪୧ ବର୍ଷ ପୂର୍ବେ ରାକେଶ ଶର୍ମାଙ୍କ ପରେ ସାଧାରଣ ଜ୍ଞାନ ବା ଜିକେ ବହିରେ ସ୍ଥାନ ପାଇବା ନିଶ୍ଚିତ ଭାବେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛି। ୧୯୮୪ରେ ୱିଙ୍ଗ୍ କମାଣ୍ଡର ରାକେଶ ପ୍ରଥମ ଭାରତୀୟ ଭାବେ ମହାକାଶରେ ପହଞ୍ଚିଥିଲେ। ଏହାର ସଦ୍ୟ ବିକଶିତ ସଂସ୍କରଣ ଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବାରେ ପ୍ରଥମ ଭାରତୀୟ ହୋଇ ନୂଆ ହସ୍ତାକ୍ଷର ଲେଖିଛନ୍ତି। ୨୦୨୫ ଜୁନ ୨୫ରେ ଭାରତୀୟ ସମୟ ମଧ୍ୟାହ୍ନ ୧୨ଟା ୧ ମିନିଟ୍‌ରେ ଶୁଭାଂଶୁ ହଙ୍ଗେରୀର ଟିବୋର କାପୁ, ଆମେରିକାର ପେଗୀ ହ୍ୱିଟ୍‌ସନ୍ ଓ ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କିଙ୍କ ସହ ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର ଫ୍ଲୋରିଡା ସ୍ପେସ୍‌ପୋର୍ଟରୁ ଆକ୍ସିଅମ-୪ ବାଣିଜ୍ୟିକ ମିଶନରେ ଯାଇ ଜୁନ୍ ୨୬ରେ ଆଇଏସ୍‌ଏସ୍‌ରେ ପହଞ୍ଚିଛନ୍ତି। ଏହି ମିଶନରେ ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିଥିବା ବେଳେ ପେଗୀ ମିଶନ କମାଣ୍ଡର ଏବଂ ସ୍ଲାଓଜ ଓ ଟିବୋର ମିଶନ ସ୍ପେଶାଲିଷ୍ଟ ଭାବେ ଦାୟିତ୍ୱ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆକ୍ସିଅମ ହେଉଛି ନାସା ଏବଂ ଏଲନ୍ ମସ୍କଙ୍କ ସ୍ପେସେକ୍ସ ସହିତ ଚୁକ୍ତିବଦ୍ଧ ଏକ ଘରୋଇ ସଂସ୍ଥା, ଯାହା ଆଇଏସ୍‌ଏସ୍ ବାଣିଜ୍ୟିକ ମିଶନ ପାଇଁ ସିଟ୍ ବିକ୍ରି କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଓ ନାସାର ଏହି ମିଳିତ ମିଶନରେ ଯାଇଥିବା ଡ୍ରାଗନ କ୍ରୁ କ୍ୟାପସୁଲ ଜୁନ ୨୬ରେ ଆଇଏସ୍‌ଏସ୍ ସହିତ ସଫଳତାର ସହିତ ଯୋଡ଼ି ହେବା ପରେ ଶୁଭାଂଶୁ ଓ ତାଙ୍କ ଟିମ୍ ସେଠାରେ ଅନେକ ପରୀକ୍ଷଣ କରିବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରେ ଇସ୍ରୋର ୮ଟି ପରୀକ୍ଷଣ ଅନ୍ତର୍ଭୁକ୍ତ। ଉଲ୍ଲେଖଯୋଗ୍ୟ, ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ୨୦୨୭ରେ ସ୍ଥିରୀକୃତ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ 'ଗଗନଯାନ'ରେ ଉଡ଼ାଣ କରିବା ପାଇଁ ମୁଖ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି। କୁହାଯାଇପାରେ ରାକେଶ ଶର୍ମା ଓ ଶୁଭାଂଶୁ ଶୁକ୍ଲାଙ୍କ ଉଡ଼ାଣ ମଧ୍ୟରେ ମହାକାଶ ଉଡ଼ାଣରେ ଅନେକ କିଛି ବଦଳିଛି। ବର୍ତ୍ତମାନର ପ୍ରଯୁକ୍ତି କୌଶଳରେ ଢେର ଉନ୍ନତି ଘଟିଥିଲେ ମଧ୍ୟ ଆଇଏସ୍‌ଏସ୍‌ରେ ହେବାକୁ ଥିବା ଗବେଷଣା ଓ ଅନୁଧ୍ୟାନ ଶୁଭାଂଶୁ ଓ ତାଙ୍କ ସାଥୀମାନଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ଶୁଭାଂଶୁଙ୍କ ସଫଳତା ଭାରତୀୟଙ୍କୁ ଉତ୍ସାହିତ କରିଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୨୮ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି 'ନାମ ଶୁଭ ହୋଇଥିବାରୁ ଶୁଭାଂଶୁଙ୍କ ମହାକାଶ ଯାତ୍ରା ଦେଶର ଯୁବପିଢ଼ି ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ। ଆପଣ ଭାରତଠାରୁ ବହୁ ଦୂରରେ ଥିଲେ ମଧ୍ୟ ଭାରତୀୟଙ୍କ ହୃଦୟର ନିକଟତର ହୋଇପାରିଛନ୍ତି'। ସେପଟୁ ଶୁଭାଂଶୁ କହିଛନ୍ତି, ଭାରତ ମହାକାଶରୁ ମାନଚିତ୍ରରେ ଦେଖାଯାଉଥିବା ଅପେକ୍ଷା ଅଧିକ ଭବ୍ୟ ଓ ବଡ଼ ଦେଖାଯାଉଛି।

ବ୍ୟକ୍ତିତ୍ୱ



ଶୁଭାଂଶୁ ଶୁକ୍ଲା

ଶୁଭାଂଶୁ ଶୁକ୍ଲା। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ସେ ୧୦ ଅକ୍ଟୋବର ୧୯୮୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶମ୍ଭୁ ଦୟାଲ ଶୁକ୍ଲା ଓ ମାତା ଆଶା ଶୁକ୍ଲା ଜଣେ ଗୃହିଣୀ। ଶୁଭାଂଶୁ ତିନି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ। ସେ ଆଲିଗଞ୍ଜସ୍ଥିତ ସିଟି ମଣ୍ଟେସୋରୀ ସ୍କୁଲରୁ ତାଙ୍କର ସ୍କୁଲ ଶିକ୍ଷା ସାରିଥିଲେ। ୧୯୯୯ କାର୍‌ଗିଲ ଯୁଦ୍ଧରୁ ପ୍ରେରଣା ପାଇ ସେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ(ଏନ୍‌ଡିଏ) ପରୀକ୍ଷା ପାଇଁ ଆବେଦନ କରିଥିଲେ ଓ ସଫଳତାର ସହ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ୨୦୦୫ରେ ଏନ୍‌ଡିଏରୁ ସାମରିକ ତାଲିମ ସମାପ୍ତ କରି କମ୍ପ୍ୟୁଟର ସାଇନ୍ସରେ ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ଫ୍ଲାଇଂ ବ୍ରାଞ୍ଚ ପାଇଁ ମନୋନୀତ ହୋଇ ଭାରତୀୟ ବାୟୁସେନା ଏକାଡେମୀରେ ତାଲିମ ଗ୍ରହଣ କରିଥିଲେ। ୨୦୦୬ ଜୁନରେ ସେ ଭାରତୀୟ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ଫ୍ଲାଇଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କ ନିକଟରେ ସୁଖୋଇ-୩୦ ଏମ୍‌କେଆଇ, ଏମ୍‌ଆଇଜି-୨୧, ଏମ୍‌ଆଇଜି-୨୯, ହକ୍, ଡୋର୍ନିଅର ୨୨୮ ଏବଂ ଜାଗୁଆର ଆଦି ଲଢୁଆ ବିମାନରେ ପ୍ରାୟ ୨ ହଜାର ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରହିଛି।

ଶୁଭାଂଶୁଙ୍କୁ ୨୦୧୯ ମସିହାରେ ଭାରତୀୟ ମାନବ ଅନ୍ତରୀକ୍ଷ ଉଡ଼ାଣ କାର୍ଯ୍ୟକ୍ରମ ପାଇଁ ଭାରତୀୟ ବାୟୁସେନା ଅଧୀନରେ ଥିବା ଇନଷ୍ଟିଚ୍ୟୁଟ ଅଫ୍ ଏରୋସ୍ପେସ ମେଡିସିନ (ଆଇଏଏମ୍) ଦ୍ୱାରା ମହାକାଶଚାରୀ ଚୟନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୦ରେ ସେ ରୁଷିଆରେ ଥିବା ୟୁରି ଗାଗାରିନ କସ୍ମୋନଟ ଟ୍ରେନିଂ ସେଣ୍ଟରରେ ତାଲିମ ପାଇଁ ଯାଇଥିଲେ। ୨୦୨୧ରେ ତାଙ୍କର ମୌଳିକ ତାଲିମ ସମାପ୍ତ ହେଲା। ତା'ପରେ ସେ ଭାରତକୁ ଫେରି ବେଙ୍ଗାଲୁରୁରେ ଥିବା ମହାକାଶଚାରୀ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିଲେ। ସେହି ସମୟରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ ଏରୋସ୍ପେସ ଇଞ୍ଜିନିୟରିଂରେ ମାଷ୍ଟର ଅଫ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ମିଶନ ପାଇଁ ମହାକାଶଚାରୀ ଦଳର ସଦସ୍ୟ ଭାବେ ତାଙ୍କ ନାମ ପ୍ରଥମେ ୨୭ ଫେବୃଆରୀ ୨୦୨୪ରେ ଥିରୁଭାନନ୍ତପୁରମ୍‌ରେ ଥିବା ଇସ୍ରୋର ବିକ୍ରମ ସରାଭାଇ ମହାକାଶ କେନ୍ଦ୍ରରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ତା' ପରଠାରୁ ତାଙ୍କ ଯାତ୍ରା ଶୁଭଙ୍କର ହୋଇ ଆଇଏସ୍‌ଏସ୍ ଯାଏ ପହଞ୍ଚିପାରିଛି।

ଶୁଭାଂଶୁଙ୍କ ବ୍ୟକ୍ତିଗତ ସଂସାର କହିଲେ ସ୍କୁଲ ବେଳର ସହପାଠୀ ଦନ୍ତ ଚିକିତ୍ସିକା କାମନା ମିଶ୍ରଙ୍କୁ ସେ ବିବାହ କରିଛନ୍ତି। ସେମାନଙ୍କର ପୁଅଟିଏ ଅଛି। ଅବସର ସମୟରେ ଶୁଭାଂଶୁ ଶାରୀରିକ ବ୍ୟାୟାମ କରିବା ସହ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ପଢ଼ିବାକୁ ପସନ୍ଦ କରିଥାଆନ୍ତି। ନିକଟରେ ସେ ଜାତକ ଦେଖିବାରେ ଆଗ୍ରହ ବଢ଼ାଇଛନ୍ତି। ଦୁଃସାହସୀ ଶୀର୍ଷରେ ପହଞ୍ଚିବା ପରେ ମଧ୍ୟ ଆହୁରି ଆଗକୁ ଯିବା ଲାଗି ଜାତକରେ ବିଶ୍ୱାସ ରଖିବା ସମ୍ଭବତଃ ତାଙ୍କ ଜୀବନକୁ ଭବ୍ୟମୟ କରିଦେଉଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବେଳାଭୂମିର ପ୍ଲାଷ୍ଟିକ ପ୍ରଦୂଷଣ ଏବେ ଚିନ୍ତାର କାରଣ ହେଲାଣି। ତେବେ ଏଭଳି ସମସ୍ୟା ଦୂର କରିବା ଲାଗି ବ୍ୟକ୍ତିଗତ ତଥା ସାଂଗଠନିକ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ମୁମ୍ବାଇର ଚିନ୍ତୁ କ୍ୱାତ୍ରଙ୍କ ପଦକ୍ଷେପ ପ୍ରଶଂସନୀୟ। ଚିନ୍ତୁ ଜଣେ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍। ସେ ତାଙ୍କ କାର୍ଯ୍ୟରୁ ସମୟ ବାହାର କରି ମୁମ୍ବାଇର ବେଳାଭୂମିଗୁଡ଼ିକରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରି ସେଗୁଡ଼ିକୁ ରିସାଇକେଲ୍ କରୁଛନ୍ତି। ଏଥିରେ ସ୍ଥାନୀୟ ରିସାଇକେଲର ଓ ଫାବ୍ରିକେଟରଙ୍କ ପୂର୍ଣ୍ଣ ସହଯୋଗ ରହୁଛି। ସେ ବିଚ୍ ୱେଷ୍ଟ ରିକଭରି ଫାସିଲିଟି ସଂସ୍ଥା ଗଠନ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସଞ୍ଚାଳନ କରୁଛନ୍ତି। ଏଥିରେ ଚିନ୍ତୁଙ୍କୁ ସହଯୋଗ କରୁଛି ଏକ ଟିମ୍। ଏହି ଟିମ୍‌ରେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସ୍କୁଲ ପିଲାମାନେ ମଧ୍ୟ ସାମିଲ ହୋଇଛନ୍ତି। ବଡ଼ କଥା ହେଉଛି ସଂଗୃହୀତ ପ୍ଲାଷ୍ଟିକ ବର୍ଜ୍ୟରୁ କେବଳ ସ୍କୁଲ ପାଇଁ ବେଞ୍ଚ ତିଆରି କରାଯାଉଛି। ଏହିସବୁ ବେଞ୍ଚକୁ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଛି। ଫଳରେ ଗ୍ରାମୀଣ ମହାରାଷ୍ଟ୍ରରେ ଦୁର୍ବଳ ଭିତ୍ତିଭୂମି ଥିବା ସ୍କୁଲଗୁଡ଼ିକରେ ପିଲାମାନେ ଉପକୃତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୭୬

- ଫ୍ରାନ୍ସର ଅନାହୂତ ବିମାନକୁ ଅପହରଣକାରୀମାନେ ଲିବ୍ୟାର ବେଂଘାଦିଠାରୁ ନେଇ ଉଗାଣ୍ଡାର ଇଣ୍ଟେବି ବିମାନ ଘାଟିରେ ପହଞ୍ଚିଥିବା ଜଣାପଡ଼ିଛି।
- ପର୍ତ୍ତୁଗାଲର ସାମରିକ ବାହିନୀ ମୁଖ୍ୟ ଜେନ୍ରାଲ ଆଣ୍ଟୋନିଓ ରାମାହଲୋଇନ୍ସ ଦେଶର ପ୍ରଥମ ମୁକ୍ତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ଘୋଷିତ।

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

ମହାଶୟ,

ଭୁବନେଶ୍ୱର ପୂର୍ବତଟ ରେଳପଥ ଷ୍ଟେଶନ ନିକଟକୁ ଲାଗି ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ। ଏଠାରୁ ଶତାଧିକ ଟାଉନ ବସ୍, ବେସରକାରୀ ବସ୍ ଯାତାୟାତ କରିଥାନ୍ତି। ଏହାର ପ୍ରବେଶ ପଥରୁ ଅନେକ ବର୍ଷଠାରୁ ପିଚୁ ଉଠି ଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇରହିଛି। ବସ୍ ସବୁ ବିମାନ ପରି ହଲିହଲି ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଓ ଯାତ୍ରୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ କର୍ତ୍ତୃପକ୍ଷ, ବସ ସଂଘର କର୍ମକର୍ତ୍ତା ଏଭଳି ସମସ୍ୟା ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିବା ଦରକାର। ସରକାର ଏହି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।

-ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୮।୬(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୬ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୪ ମହିଳା ଓ ୨ଜଣ ପୁରୁଷ ଥିବା ବେଳେ ସମସ୍ତେ ବିଏସ୍ଏଫ୍ ୧୫ ବାହିନୀ କମାଣ୍ଡାଣ୍ଟ ନବଲ ସିଂ ଓ ୫୩ ବାହିନୀ କମାଣ୍ଡାଣ୍ଟ ସଞ୍ଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

# ତଥ୍ୟ ବ୍ୟବହାର କରି ନିଷ୍ପତ୍ତି

**ଆଜି ରାଷ୍ଟ୍ରୀୟ ପରିସଂଖ୍ୟାନ ଦିବସ**


ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍

ରାଷ୍ଟ୍ରୀୟ ପରିସଂଖ୍ୟାନ ଦିବସ,୨୦୦୭ ମସିହାରୁ ପ୍ରତିବର୍ଷ ଜୁନ୍ ୨୯ରେ ପାଳିତ ହୋଇଆସୁଛି। ଏହି ଦିବସ ପ୍ରଖ୍ୟାତ ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କର ଜନ୍ମଦିନ। ଆମଦେଶର ପରିସଂଖ୍ୟାନ ପ୍ରଣାଳୀର ସୂତ୍ରଧର ଭାବେ ତାଙ୍କୁ ଅଭିହିତ କରାଯାଏ। ଭାରତୀୟ ପରିସଂଖ୍ୟାନ ସଂସ୍ଥାନ(ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଶନ)ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୮୯୩ ଜୁନ୍ ୨୯ରେ କୋଲକାତାଠାରେ ତାଙ୍କର ଜନ୍ମ ହୋଇଥିଲା। ୧୯୭୨ ଜୁନ୍ ୨୮ରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ସୂତ୍ରଧର ଭାବେ ପରିଚିତ ମହାଲାନୋବିସ୍‌ଙ୍କର ମୃତ୍ୟୁ ଘଟିଥିଲା। ଏହି ଦିବସର ପାଳନର ଲକ୍ଷ୍ୟ ହେଉଛି ସାମାଜିକ–ଆର୍ଥିକ ନିୟୋଜନ, ନୀତି ନିର୍ଦ୍ଧାରଣ ଏବଂ ଯୁବବର୍ଗଙ୍କୁ ସଚେତନ ଲାଗି ପ୍ରୋତ୍ସାହନ ଦେବା। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି: 'ତଥ୍ୟ ବ୍ୟବହାର କରି ନିଷ୍ପତ୍ତି ନେବା'।

# ଆଦାନୀଙ୍କ ଇଚ୍ଛା ଅନୁସାରେ ଘୁଞ୍ଚିଲା ରଥଟଣା: ପ୍ରତାପ

**ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)**

ଚଳିତ ବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ରଥଯାତ୍ରା ସମ୍ପନ୍ନ ହେଲା। ଦୋଷ ଏବଂ ତ୍ରୁଟି ଲୁଚାଇବାକୁ ସରକାର କହୁଛନ୍ତି, ସବୁ କିଛି ଜଗନ୍ନାଥଙ୍କ ଇଚ୍ଛା ଅନୁସାରେ ହେଲା। ସବୁ ଜଗନ୍ନାଥଙ୍କ ଇଚ୍ଛା ନା ଆଦାନୀଙ୍କ ଇଚ୍ଛା ଅନୁସାରେ ହେଲା ବୋଲି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଶଙ୍ଖ ଭବନଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ୍ୟ ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩ ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚିପାରିଲା ନାହିଁ। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଦ୍ୱାରା ପ୍ରଥମ ଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ ରଥଟଣାରେ ବିଭ୍ରାଟ ସୃଷ୍ଟିକଲା। ରଥ ନିକଟରେ ବହୁସଂଖ୍ୟାରେ ଦଳୀୟ ନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବରଦାତମାନଙ୍କୁ ସରକାର ନିମନ୍ତ୍ରଣକରି ପୋଲିସ ଦ୍ୱାରା ମାଡ଼ମାରି ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ। ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେ ସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି ବୋଲି ସେ କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ଅଧିକାରୀ ଫୋକସ୍‌ରେ ରହିବେ: ଜଷ୍ଟିସ୍ ପଶାୟତ

■ ଏସ୍ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ■ ସେପ୍ଟେମ୍ବରରେ ପରବର୍ତ୍ତୀ ବୈଠକ ଅହମଦାବାଦରେ ହେବ

**କଟକ,୨୮।୬(କାର୍ତ୍ତିକ ସାହୁ)**


ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଯୋଗଦେବାକୁ ପଦାଧିକାରୀମାନେ ଯାଉଛନ୍ତି।

କଳାଧନ କାରବାର ରୋକିବାକୁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଏଜେନସି ଓ ବିଭାଗର ଅଧିକାରୀଙ୍କ ସହ ବିହାର ଓ ଝାଡ଼ଖଣ୍ଡ ପୋଲିସର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଇଡି, ଆୟକର ବିଭାଗ, ନାର୍କୋଟିକ୍ସ, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଓଡ଼ିଶା ପୋଲିସ, ଜିଏସ୍‌ଟି ଓ ଖଣି ବିଭାଗର ଅଧିକାରୀମାନେ ଯୋଗଦେଇ ନିଶା କାରବାରରେ ଯୁବପିଢି ଅଧିକ ସାମିଲ ହୋଇଥିବାରୁ ଏବଂ ଏଥିରେ ସର୍ବାଧିକ ବେଆଇନ ଅର୍ଥ କାରବାର ହେଉଥିବାରୁ ଏହାକୁ ରୋକିବା ଉପରେ ଫୋକସ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସର୍ବଭାରତୀୟ ସ୍ତରର ଅଧିକାରୀ ଅଧିକରୁ ଅଧିକ ଏବେ ଦୁର୍ନୀତିରେ ଜଡିତ ହୋଇ ଧରା ପଡୁଥିବାରୁ ଆଗକୁ ଫୋକସ ତା ଉପରେ ରହିବ ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏସ୍ଆଇଟିର ପରବର୍ତ୍ତୀ ବୈଠକ ଅହମଦାବାଦରେ ହେବ। ଏହା ପରେ ସୁପ୍ରିମକୋର୍ଟଙ୍କୁ ଦଶମ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ସିଆଇଡି ଏଏସ୍‌ପି ଅଜୟ କୁମାର, ବରିଷ୍ଠ ପୋଲିସ ଅଧିକାରୀ ବିନୟ ତୋଷ ମିଶ୍ର, ଡିଆର୍ଆଇ ଡିଜି ଅଭୟ କୁମାର ଶ୍ରୀବାସ୍ତବ, ଡିଜି ରାଜେନ୍ଦ୍ର ସିଂହ, ଆଇଆର୍ଏସ୍ ପ୍ରଶାନ୍ତ ସାଗର, ଆନନ୍ଦ ବଇୱାର, ଅରୁଣ ଶେଖାୱାତଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ।

# ୭୬ ବର୍ଷରେ ବେଦିରେ ବସିଲେ ଦିବାକର


ବେଦିରେ ବସି ବିବାହ କରୁଛନ୍ତି ଦିବାକର ସାହୁ।

**ବନ୍ତଳା,୨୮।୬(ସୁଶିତ ସାହୁ)**

■ ୪୫ ବର୍ଷୀୟା କନ୍ୟାଙ୍କୁ କଲେ ଦ୍ୱିତୀୟ ବିବାହ

■ ୨୦ ବରଯାତ୍ରୀଙ୍କୁ ମିଳିଲା ଆମ୍ବ, ପଣସ ଉପହାର

୨ ମାସ ତଳେ ଆରପାରିକୁ ଚାଲିଗଲେ ସ୍ତ୍ରୀ। ପିଲାଛୁଆ ନ ଥିବାରୁ ସଂସାରରେ ଏକା ହୋଇଗଲେ ୭୬ ବର୍ଷୀୟ ଦିବାକର ସାହୁ। ଜୀବନର ବାକି ସମୟତକ କିପରି କାଟିବେ, କାହାକୁ ସାହା ଭରସା କରିବେ, ତାହାକୁ ନେଇ ଚିନ୍ତାରେ ଥିବାବେଳେ ମିଳିଥିଲା ଦ୍ୱିତୀୟ ବିବାହ ପ୍ରସ୍ତାବ। ଆଉ ସେଥିରେ ହଁ ଭରିବା ପରେ ଶୁକ୍ରବାର ଶ୍ରୀଗୁଣ୍ଡିଚା ଦିନ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବେଦିରେ ବସି ୪୫ ବର୍ଷୀୟା କନ୍ୟାଙ୍କ ହାତ ଧରିଛନ୍ତି ଦିବାକର। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ନୂଆପଡ଼ା ଗ୍ରାମର ଦିବାକରଙ୍କ ଏହି ଦ୍ୱିତୀୟ ବିବାହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୁତୁରା ହେମନ୍ତ ସାହୁଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଦିବାକର ଏହି ଦ୍ୱିତୀୟ ବିବାହ କରିପାରିଛନ୍ତି। ଦିବାକରଙ୍କ ସହ ଗାଁରୁ ୨୦ଜଣ ବରଯାତ୍ରୀ ଯାଇ ଭୋଜିଭାତ ଖାଇଥିବାବେଳେ କନ୍ୟାଘର ପକ୍ଷରୁ ବରଯାତ୍ରୀମାନଙ୍କୁ ୨ଟି ଲେଖାଏ ପାଚିଲା ପଣସ ଓ ୨ କିଲୋ ଲେଖାଏ ଆମ୍ବ ଉପହାର ଆକାରରେ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦିବାକର କହିଛନ୍ତି, ବୟସର ଅପରାହ୍ନରେ ଏକା ଏକା ଲାଗୁଥିଲା। ଶେଷ ଜୀବନରେ ସାହାରା ଟିକେ ପାଇଁ ଦୂର ସମ୍ପର୍କୀୟାଙ୍କୁ ୨ୟ ବିବାହ କରିଛି।

# ସରକାରଙ୍କ ଓଡ଼ିଆ ଅସ୍ମିତା ପଦାରେ ପଡ଼ିଛି: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)**

ଜଗନ୍ନାଥ ଧାମ ପୁରୀଠାରେ ରଥଯାତ୍ରାରେ ପ୍ରଶାସନ ତରଫରୁ ଅବ୍ୟବସ୍ଥା ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ ରଥକୁ ଜାଣିଶୁଣି ପ୍ରଶାସନ ଦ୍ୱାରା ଅଟକାଇ ରଖାଯିବା ଘଟଣା ଅତ୍ୟନ୍ତ ଦୁଃଖ ଓ ନିନ୍ଦନୀୟ ଘଟଣା। ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଭାଜପା ସରକାରରେ ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ଯେପରି ଚପଲ ପିନ୍ଧି ରଥ ଦଉଡ଼ି ଟାଣିଲେ ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଓଡ଼ିଆ ଅସ୍ମିତାକୁ ପଦାରେ ପକାଇଛି ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ କହିଛନ୍ତି। ଏହି ଘଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ମହାପ୍ରଭୁଙ୍କ ପାଖରେ କ୍ଷମା ପ୍ରାର୍ଥନା କରିବା ସହ ଏପରି ସମ୍ବେଦନଶୀଳ ଘଟଣାର ତୁରନ୍ତ ତଦନ୍ତକରି ଦୋଷୀକୁ ଦଣ୍ଡ ଦିଅନ୍ତୁ ବୋଲି ଦାବି କରାଯାଇଛି।

# ଶିଶୁଭବନ ଉନ୍ନତୀକରଣରେ ହରିଲୁଟ୍: କଂଗ୍ରେସ

**ଭୁବନେଶ୍ୱର,୨୮।୬(ସୁନିତ୍ ମିଶ୍ର)**

କଟକସ୍ଥିତ ଶିଶୁଭବନ ସରକାରୀ ଡାକ୍ତରଖାନା ଶିଶୁମାନଙ୍କ ପାଇଁ ଓଡ଼ିଶାର ସବୁଠାରୁ ବଡ଼ ହସ୍ପିଟାଲ। ଏହି ଡାକ୍ତରଖାନାର ଉନ୍ନତୀକରଣରେ ବହୁ ଅର୍ଥ ହରିଲୁଟ୍ ହୋଇଛି ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସାଧାରଣ ବର୍ଷାରେ ଶିଶୁଭବନ ଭିତରେ କାନ୍ଥ ଭୁଶୁଡ଼ିବା ଏବଂ ଛାତରୁ ପାଣି ଗଳିବା ଘଟଣା ଏଥିରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ପ୍ରମାଣିତ କରୁଛି। ଗତ ୨୫ତାରିଖରେ ସାଧାରଣ ବର୍ଷାରେ ଶିଶୁଭବନ କାନ୍ଥ ଭୁଶୁଡ଼ିପଡ଼ିଲା। ଏହି ନିର୍ମାଣର ଉଦ୍‌ଘାଟନ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଦ୍ୱାରା ଗତ ଏପ୍ରିଲରେ ହୋଇଥିଲା। ଉଦ୍‌ଘାଟନ ହେବାର ୨ ମାସରେ ନୂଆ ନିର୍ମାଣର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହା ଓଡ଼ିଶାବାସୀଙ୍କ ପାଇଁ ଏକ ବିଶ୍ୱାସଘାତକତା। ଛୋଟ ଛୋଟ ପିଲାଙ୍କ ପାଇଁ ଏହି ଗୃହସବୁ ଉଦ୍ଦିଷ୍ଟ ଥିବାବେଳେ ଏବେ ଏହାର ନିର୍ମାଣ ନିମ୍ନମାନର ହୋଇଥିବାରୁ ସେଠାରେ ଛୋଟ ପିଲାଙ୍କ ଚିକିତ୍ସା ବିପଜ୍ଜନକ ହୋଇପଡ଼ିଛି ବୋଲି ସୁଦୀପ କହିଛନ୍ତି।


**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION RAIGARH**
**DISTT.-RAIGARH (C.G.)**
**e-Procurement Tender Notice**
**eProcurement Portal : https://eproc.cgstate.gov.in**
**Online Tenders are invited for the following works up to 14.07.2025 at 17.30 Hours**

| System Tender No. | NIT No. & Date | Name of work | Probable amount of contract (in lakhs) | Tender call |
|---|---|---|---|---|
| 170858 | 15/SAC/2025-26 Dtd.26.06.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Third Call |
| 170861 | 16/SAC/2025-26 Dtd.26.06.2025 | RENOVATION OF BHULUMUDA TANK SCHEME | 84.22 | Third Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 03.07.2025 at 17.31 Hours. (IST) onwards.
**Note :** All eligible /interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/ Supplier Registration in order to download the tender documents and participate in the subsequent bidding process.
Sd./- Executive Engineer
Water Resources Division Raigarh
Distt.-Raigarh (C.G.)
G-252601833/4



**Government of Jharkhand**
**Urban Development And Housing Department**
**Dhanbad Municipal Corporation, Dhanbad**
**e-Procurement Re-Tender Notice No. DMC/14/2025-26**
Reference No. : DMC/14/2025-26 Date : 28.06.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/14/ 2025-26/01 | Construction of Bitumenous Road from Rajkiya Madhya Vidyalaya Kusunda to Mahesh Kirana Store Jalan Factory via Kharikabandh Harijan Basti and from Near Jalan Factory gate to Near Kusunda Durga Mandir via Gondudih Thana in ward no. 14 under DMC, Dhanbad (2nd Call) | 14935400.00 | 2 % of BOQ | 10000.00 | 180 दिन |
| 2 | DMC/14/ 2025-26/02 | Construction of Bitumenous Road from Rahmatganj (Yunus Shop) to Ansar Nagar Khawajanur house and Bharat Chowk to Kumhar Patti to Das Tola via Mangru Hotel under DMC, Dhanbad | 10761200.00 | 2 % of BOQ | 10000.00 | 180 दिन |
| 3 | DMC/14/ 2025-26/03 | Renovation of Bitumenous Road from Polytehnic more to Bypass Road via Patel Chowk, Patel Chowk to Ara More under DMC, Dhanbad | 9028900.00 | 2 % of BOQ | 10000.00 | 180 दिन |

Date of Publication of Tender on website :- From **02.07.2025 At 03.00 PM**
Online Last Date / Time for receiving of bids :- **16.07.2025 (Online) till 03:00 PM**
Date of Bid Opening :- From **17.07.2025 at 03:00 PM** (Online)
**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.
S/d-
Executive Engineer,
Dhanbad Municipal Corporation, Dhanbad
**PR 356136 Urban Development(25-26)#D**



**Information & Public Relations Department**
**Government of Jharkhand, Suchana Bhawan, Ranchi**
**Annexure – I**
**Request For Proposal (RFP)**
Request for Proposal (RFP) are invited for selection of eligible reputed qualified firms / companies with sound Technical and Financial capabilities for Conceptualization, Production & On-ground execution of innovative light & sound projection mapping (water projection) & projection mapping of building / monuments for the pilgrims at ShrawaniMela and creatively showcasing the policies and programmes at ShrawaniMela at Deoghar & Dumka.
1. The following table provides a quick overview of the key activities and some important information about this RFP :

| Sl. No. | Particulars | Details |
|---|---|---|
| 1.1 | RFP Reference No. | 822 |
| 1.2 | RFP issuing Authority | Information & Public Relation Department (I&PRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for selection of eligible reputed qualified firms / companies with sound Technical and Financial capabilities for Conceptualization, Production & On-ground execution of innovative light & sound projection mapping (water projection) & projection mapping of building / monuments for the pilgrims at ShrawaniMela and creatively showcasing the policies and programmes at ShrawaniMela at Deoghar & Dumka. |
| 1.4 | Date of issue of tender document | 28-06-2025; 06:00 PM |
| 1.5 | RFP Document download start date and time | 28-06-2025; 06:00 PM |
| 1.6 | RFP Document downloading end date and time | 07-07-2025; 03:00 PM |
| 1.7 | Date of Pre-bid meeting | 02-07-2025; 03:00 PM |
| 1.8 | Bid submission start date and time | 28-06-2025; 06:00 PM |
| 1.9 | Bid submission end date and time | 07-07-2025; 03:00 PM |
| 1.10 | Date of opening of Technical Bids/RFP | 08-07-2025; 03:00 PM |
| 1.11 | Date of Presentation | On day of opening of the Technical Bid. |
| 1.12 | Validation of RFP | Proposal must remain valid for 90 days after the submission Date. |
| 1.13 | EMD | INR 20,00,000/- (Rupees Twenty Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. |
| 1.14 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.15 | Details of Appellate Authority | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/iprd/ and https://jharkhandtenders.gov.in
Sd/- Director
Information & Public Relations Department,
Government of Jharkhand
**PR 356182 IPRD (25-26)#D**



**ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର**
**ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚ**
tifr HBCSE
**ଗଣିତରେ ଭାରତୀୟ ଅଲିମ୍ପିଆଡ୍ କ୍ୱାଲିଫାୟର୍ (ଆଇଓକ୍ୟୁଏମ୍) ୨୦୨୫-୨୬**
ଭାରତୀୟ ଜାତୀୟ ଗାଣିତିକ ଅଲିମ୍ପିଆଡ୍ (ଆଇଏନ୍ଏମ୍ଓ) ୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ଛାତ୍ରଛାତ୍ରୀ ସେପ୍ଟେମ୍ବର ୭, ୨୦୨୫ ଦିନ ସମ୍ପୃକ୍ତ ଭାରତୀୟ ଗଣିତ ଅଲିମ୍ପିଆଡ୍ କ୍ୱାଲିଫାୟର୍ ପରୀକ୍ଷା (ଆଇଓକ୍ୟୁଏମ୍)ରେ ଭାଗ ନେବା ଜରୁରୀ ଅଟେ। ଭାରତୀୟ ଦଳର ଜଣେ ଆନୁଷ୍ଠାନିକ ସଦସ୍ୟ ଭାବେ ଅନ୍ତର୍ଜାତୀୟ ଗାଣିତିକ ଅଲିମ୍ପିଆଡ୍ (ଆଇଏମ୍ଓ) ୨୦୨୬ ଏବଂ ୟୁରୋପିଆନ୍ ବାଳିକା ଗାଣିତିକ ଅଲିମ୍ପିଆଡ୍ (ଇଜିଏମ୍ଓ) ୨୦୨୭ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଆଇଓକ୍ୟୁଏମ୍‌ରେ ଯୋଗ୍ୟତା ହାସଲ କରିବାକୁ ପଡ଼ିଥାଏ।
ଅଧିକ ବିବରଣୀ ଓ ନାମଲେଖା ଲିଙ୍କ୍ ପାଇଁ: https://olympiads.hbcse.tifr.res.in ଏବଂ https://www.mtai.org.in/
ପଞ୍ଜୀକରଣ ସିଧାସଳଖ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ କରାଯାଇପାରିବ। ବିକଳ୍ପ ଭାବେ, ୧ ଜୁଲାଇ, ୨୦୨୫ ପରଠାରୁ https://ioqmexam.in/ ରେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଇପାରିବ।
ଶେଷ ତାରିଖ: ୨୬ ଜୁଲାଇ, ୨୦୨୫।
cbc 48143/12/0003/2526



केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT**
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in
**ADMISSIONS - 2025 (2nd Phase)**
CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| Lateral Entry for B. Tech. (Manufacturing Engineering & Technology) | | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Excellent Placement Track Record
Candidates may apply through the link : **https://forms.gle/nUbAXmQFSfpeqe9e8**
Last date for filling online application : **14.07.2025**
Date of CIPET-Joint Entrance Examination : **18.07.2025**
Please visit our website : **www.cipet.gov.in** for detailed information for Admission
**Contact: 8144919800/ 8170044113/ 9348795434**
Scan Me



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**
लापता: आवश्यक सूचना


गुमशुदा कन्हाई सिंह उम्र–22 वर्ष

सर्व साधारण को सूचित किया जाता है कि आवेदक संजय कुमार सिंह के द्वारा अपने पुत्र कन्हाई सिंह उम्र–22 वर्ष की गुमशुदगी के संबंध में सोनारी थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा कन्हाईया सिंह उम्र–22 वर्ष, पे0–संजय कुमार सिंह, सा0–C–150 B/B सोनारी परदेशी पाडा, थाना–सोनारी, जिला–पूर्वी सिंहभूम, जमशेदपुर घर में बिना किसी को बताये कहीं चले गये है और आज तक वापस नहीं आये हैं। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है:–कद–05 फीट, रंग–गोरा, पहनावा–जिन्स एवं सर्ट, पैर में चमडा का चप्पल।
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर: 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, मु0–02 : 9431706487
थाना प्रभारी, सोनारी : 9431706507
वरीय पुलिस अधीक्षक,
पूर्वी सिंहभूम, जमशेदपुर
**PR 356133 (Police)25-26*D**



No.A-
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MECHANICAL DIVISION, SALAPADA**
Email Address : eemechsalapada@gmail.com
**e-Procurement Notice-Bid Identification No.-SE/MDS-01/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 06 (Six) |
| 3. | Category of executors | SSI Units registered under DIC/ NSIC/MSME for Irrigation Shutters / Hydro mechanical gates |
| 4. | Bid Identification No. | **SE/MDS-01/2025-26** |
| 5. | Estimated Cost | **Rs.6,30,698.00 to Rs.9,32,692.00** |
| 6. | Period of Completion | 01 (One) calendar month |
| 7. | Date & time of availability of bid documents in the Portal | **From Dt.30/06/2025 (10:00 A.M.) to Dt.07/07/2025 (05:00 P.M.)** |
| 8. | Last date/time for receipt of bid in the Portal | **Dt.07.07.2025 (up to 5.00 P.M.)** |
| 9. | Date and Place of opening of online bids | **Dt.08.07.2025** (11:00 A.M. onwards in the O/o the undersigned) |
| 10. | Name of the Officer inviting bid | Superintending Engineer, Mechanical Division, Salapada |

Further details can be seen from the e-procurement portal https://tendersodisha.gov.in
Sd./- Superintending Engineer
Mechanical Division, Salapada
OIPR-32384/11/0002/2526


See Career Appointment on every Wednesday & Saturday

# ଜାଲ୍ କାର୍ଡ ଯୋଗୁ କ୍ଷତି ସହୁଛନ୍ତି ପ୍ରକୃତ ଚାଷୀ

## ସମବାୟ ସମିତି ବିରୋଧରେ ରାସ୍ତାରୋକୋ

ସାକ୍ଷୀଗୋପାଳ,୨୮।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ଶୁକଳ ପଞ୍ଚାୟତ ଚୁରାଳିଠାରେ ଥିବା କଳିକା ନୂଆପଡ଼ା ସେବା ସମବାୟ ସମିତି ଚାଷୀଙ୍କଠାରୁ ଧାର୍ଯ୍ୟ ଧାନ ନେବାରେ ଅବହେଳା ଯୋଗୁ ଚାଷୀ ନୂଆ ଜଗନ୍ନାଥ ସଡ଼କରେ ଧାନ ଟ୍ରାକ୍ଟର ରଖି ଶନିବାର ରାସ୍ତାରୋକୋ କରିଥିଲେ। ଖବର ପାଇ ସତ୍ୟବାଦୀ ଥାନା ଆଇଆଇସି ବିଜୟକେତନ ବେହେରା ଓ ସତ୍ୟବାଦୀ ତହସିଲଦାର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କ ସମସ୍ୟା ବାବଦରେ ସେବା ସମବାୟ ସମିତି ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ରାସ୍ତାରୋକୋ ସ୍ଥଗିତ ରହିଛି। ରାସ୍ତାରୋକୋ ଫଳରେ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା।

ଚାଷୀଙ୍କୁ ଦୀର୍ଘଦିନ ଧରି ମିଥ୍ୟା କହି ସେମାନଙ୍କ ଟୋକନ ମୁତାବକ ଧାନ ନ କିଣି ଜାଲ୍ କାର୍ଡ କରି ସମବାୟ କର୍ତ୍ତୃପକ୍ଷ ଧାନ କିଣୁଛନ୍ତି ବୋଲି ଚାଷୀ ବ୍ରହ୍ମଚାରୀ ବେହେରା ଅଭିଯୋଗ କରିଛନ୍ତି। ବ୍ରହ୍ମଚାରୀ କହିଛନ୍ତି, ୨୧ କୁଇଣ୍ଟାଲ ଧାନ ବିକିବା ନିମନ୍ତେ ଟୋକନ କରିଥିଲେ ମଧ୍ୟ ତାଙ୍କ ଧାନ କିଣାଯାଉନାହିଁ। ତେଣୁ ଶନିବାର ଶତାଧିକ ଚାଷୀ ବ୍ରହ୍ମଚାରୀଙ୍କ ଭଳି ଅସନ୍ତୋଷ ପ୍ରକାଶକରି ସମବାୟ ସମିତି ସମ୍ପାଦକ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ଏଭଳି କାର୍ଯ୍ୟକୁ ଘୋର ବିରୋଧ କରିଥିଲେ। ଆନ୍ଦୋଳନରେ ଚାଷୀ ସୁରେନ୍ଦ୍ର ବେହେରା, ବୈଦ୍ୟନାଥ ବେହେରା, କୁମର ବେହେରା, କାଳୁଚରଣ ସ୍ୱାଇଁ, ପ୍ରଭାତ ବେହେରା, ଶିବ ଜେନା ଓ ଅମର ବେହେରାଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ଥିଲେ। ଏବେବି ସମବାୟ ସମିତି ଅଞ୍ଚଳରେ ଚାଷୀଙ୍କ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ ପଡ଼ି ରହିଥିବାବେଳେ ଲଘୁଚାପଜନିତ ବର୍ଷା ଯୋଗୁ ନଷ୍ଟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ସେବା ସମବାୟ ସମ୍ପାଦକ ମାଧବ ଦାସ କହିଛନ୍ତି, ଚାଷୀଙ୍କ ଅଭିଯୋଗରେ ସତ୍ୟତା ରହିଛି। ଏଠାରେ ମିଲରମାନେ ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ତେବେ ଦୁଇ ତିନି ଦିନ ମଧ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ଦାସ କହିଛନ୍ତି।



ରାସ୍ତାରୋକୋ କରିଥିବା ଚାଷୀଙ୍କୁ ଥାନା ଆଇଆଇସି ବୁଝାଶୁଝା କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୬।୨୦୨୫

| | |
|---|---|
| ୬,୧୭,୮୯୫ ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୪୭.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ମା' ଭଗବତୀଙ୍କ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

ବଲଙ୍ଗା,୨୮।୬(କେଦାରେଶ୍ୱର ନନ୍ଦ)

ରଥଯାତ୍ରା ଅବସରରେ ଶୁକ୍ରବାର ଶାଇଁସଶାସନ ଗ୍ରାମ ପଞ୍ଚାୟତ ଭଗବତୀପୁର ମୌଜାର ମା' ଭଗବତୀଙ୍କ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ସରପଞ୍ଚ ତଥା ବଲଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିବା ସହିତ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ। ପଞ୍ଚାୟତବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହ ମନ୍ଦିର ପାଣ୍ଠିକୁ ଏକ ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରିଛନ୍ତି। ବିଶ୍ୱର ମଙ୍ଗଳ ପାଇଁ ଗଛ ଲଗାଇବା ବୋଲି ସରପଞ୍ଚ କହିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର,ଦିଲ୍ଲୀପ କୁମାର ମିଶ୍ର, ସରୋଜ ନାରାୟଣ ଜେନା, ଗନ୍ଧର୍ବ ପରିଡ଼ା ଏବଂ ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଦୋକନ୍ଦାରେ ଗଡ଼ିଲା ରଥ

କଣାସ,୨୮।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୋକନ୍ଦା ଗ୍ରାମର ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ଦଳବେହେରା ରଥରେ ଛେରାପହଁରା କରିଥିଲେ। ମନ୍ଦିରଠାରୁ ରଥ ବାହାରି ସହନା ଗ୍ରାମର ବୁଢ଼ୀ ଠାକୁରାଣୀ ମନ୍ଦିର ତଥା ମାଉସୀ ମା' ମନ୍ଦିରଠାରେ ଅଟକିଥିଲା। ଠାକୁର ପୋଡପିଠା ଖାଇବା ପରେ ଜଙ୍ଘାର ଛକସ୍ଥିତ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ପିଲାମାନେ କାଗଜରେ ରଥ ନିର୍ମାଣ କରି ଘଣ୍ଟ ବଜାଇ ଗ୍ରାମ ବୁଲାଉଥିବା ଦେଖିବାକୁ ମିଳିଥିଲା।

### ରଥଯାତ୍ରାରେ ଚାରାରୋପଣ

ବଲଙ୍ଗା,୨୮।୬(କେଦାରେଶ୍ୱର ନନ୍ଦ)

ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ଶାଇଁସଶାସନ ଗ୍ରାମପଞ୍ଚାୟତର ଭଗବତୀପୁର ମୌଜାର ମା' ଭଗବତୀଙ୍କ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଶାଇଁସଶାସନ ସରପଞ୍ଚ ତଥା ବଲଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏଥିସହ ମନ୍ଦିର ପରିସରରେ ଚାରା ରୋପଣ କରି ପଞ୍ଚାୟତବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହ ମନ୍ଦିର ପାଣ୍ଠିକୁ ୧ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ବିଶ୍ୱର ମଙ୍ଗଳ ପାଇଁ ଗଛ ଲଗାଇବା ବୋଲି ସରପଞ୍ଚ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର, ଦିଲୀପ କୁମାର ମିଶ୍ର, ସରୋଜ ନାରାୟଣ ଜେନା, ଗନ୍ଧର୍ବ ପରିଡ଼ା, ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଦାସିଆ ପୀଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ତୁଳସୀ ବେଶ

ପିପିଲି,୨୮।୬(ଦୁର୍ଗାମାଧବ ମିଶ୍ର)



ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପୁରୀ ଜିଲାର ବାଲିଗାଁଠାରେ ପ୍ରାତଃ ୬ଟାରେ ଭକ୍ତଙ୍କ ସମାଧି ପୀଠରେ ବେଦ ଓ ଗୀତା ପାଠ ସହିତ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଖଣ୍ଡ ନାମଯଜ୍ଞ ପରିବେଷଣ କରାଯାଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟଙ୍କ ସହଯୋଗରେ ସନ୍ଥ ଶ୍ରୀରାମ ଚରଣ ଦାସ ମହାରାଜାଙ୍କ ନେତୃତ୍ୱରେ ତୁଳସୀ ବୃକ୍ଷ, ପଦ୍ମଫୁଲ, ନଡ଼ିଆ ଶ୍ରୀକ୍ଷେତ୍ରରେ ଆଜିର ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଶ୍ରୀଜୀଉଙ୍କୁ ରଥରେ ଲାଗି ହେବା ନିମନ୍ତେ ଭକ୍ତଙ୍କ ପୀଠରୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ବିମାନରେ ନିଆଯାଇଥିଲା। ଭକ୍ତ ଦାସିଆଙ୍କ ପୀଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ୮ଟା ସମୟରେ ସୁସଜ୍ଜିତ ବିମାନରେ ବିଗ୍ରହମାନଙ୍କୁ ଗୋଟି ପହଣ୍ଡି କରାଯାଇ ସ୍ୱତନ୍ତ୍ର ତୁଳସୀ ବେଶ କରାଯାଇଥିଲା। ନିକଟବର୍ତ୍ତୀ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମରେ ପ୍ରଭୁଙ୍କ ଭଜନ, କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ବୈଦିକ କର୍ମକାଣ୍ଡ, ପଣ୍ଡିତ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ଇଂ. ରୋହିତ କୁମାର ସେଠୀ, କିଟ୍ ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସେନାପତି, ସ୍ୱୟଂପ୍ରକାଶ ପରିଡ଼ା, ଗୋପାଳ ବଳ, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ସଦାଶିବ ସ୍ୱାଇଁ, ବଟକୃଷ୍ଣ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

# ରଥଯାତ୍ରା ପାଇଁ ପୁରୀରେ ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଭୁବନେଶ୍ୱର,୨୮।୬(ସୁଚିସ୍ମିତା ସାହୁ)

ପ୍ରତିବର୍ଷ ଭଳି ଚଳିତବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ପୁରୀରେ ଏକ ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ସି'ବିଚ୍ ରୋଡ୍‌ରେ ଥିବା ପୁରୀ ହୋଟେଲ ସାମ୍ନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସେବା ଯୋଗାଉଛି। ଏହି କେନ୍ଦ୍ରକୁ ମଣିପାଲ ହସ୍ପିଟାଲର ୟୁନିଟ ହେଡ୍ (ସେଲ୍ସ ଆଣ୍ଡ ମାର୍କେଟିଂ) ବିଜୟ ଚଙ୍ଗାରଥ ଉଦ୍‌ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବାହୁଡା ଯାତ୍ରା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ଆସୁଥିବା ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆବଶ୍ୟକ ସମୟରେ ଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟ କରୁଛି। ଏଠାରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସମେତ ପ୍ରଶିକ୍ଷିତ ପାରାମେଡିକାଲ ଟିମ୍ କାର୍ଯ୍ୟରତ ଅଛନ୍ତି। ସେମାନେ ଯେକୌଣସି ଆପାତକାଳୀନ ସମୟରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଠିକ ମୁକାବିଲା କରିବା ପାଇଁ ସକ୍ଷମ। ମଣିପାଲ ହସ୍ପିଟାଲର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଭକ୍ତଙ୍କ ଲାଗି ପୁରୀରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମ ପାଇଁ ଏକ ଗୌରବର ବିଷୟ। ସ୍ୱାସ୍ଥ୍ୟସେବା କେବଳ ହସ୍ପିଟାଲର ସୀମା ମଧ୍ୟରେ ସୀମିତ ନ ରଖି ଦେଶ ବିଦେଶରୁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଆବଶ୍ୟକ ପଡିଲେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି।



ଉଦ୍‌ଘାଟନୀ ଅବସରରେ ମଣିପାଲ୍ ହସ୍ପିଟାଲର କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ରଥଯାତ୍ରା ପରେ ତ୍ରୁଟି ବିଚ୍ୟୁତିର ସମୀକ୍ଷା ହେବ: ଜିଲାପାଳ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହେଉଛି। ମହାପ୍ରଭୁ ଶନିବାର ଭଲ ଭାବେ ରଥରେ ଗଡ଼ି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଛନ୍ତି। ଭକ୍ତ ଯେପରି ଭଲ ଭାବେ ଦର୍ଶନ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ରବିବାର ଆଡ଼ପ ପହଣ୍ଡି। ମହାପ୍ରଭୁ ଗୋଟି ପହଣ୍ଡିରେ ବିଜେ କରିବେ। ଆଡ଼ପ ପହଣ୍ଡି ନେଇ କମିଟି ସହ ଆଲୋଚନା କରାଯିବ। ଯାହା କିଛି ତ୍ରୁଟି ବିଚ୍ୟୁତି ରହିଛି, ସେ ନେଇ ରଥଯାତ୍ରା ପରେ ତର୍ଜମା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଭକ୍ତଙ୍କ ସୁବିଧା ପାଇଁ ପୋଲିସ ସର୍ବଦା ତତ୍ପର: ଏସ୍‌ପି

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶନିବାର ୩ ରଥ ପହଞ୍ଚିଛି। ଲକ୍ଷାଧିକ ଭକ୍ତ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ସମସ୍ତେ ଭଲରେ ରଥ ଟାଣିଛନ୍ତି। ଭକ୍ତଙ୍କ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି ଏବଂ ପୋଲିସ ସର୍ବଦା ତତ୍ପର ଅଛି ବୋଲି ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି। ଭକ୍ତଙ୍କ ସୁରକ୍ଷାକୁ ପ୍ରଶାସନ ଗୁରୁତ୍ୱ ଦେଉଛି। ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମହାପ୍ରଭୁ ଏହିପରି ସହଯୋଗ ପ୍ରଦାନ କରନ୍ତୁ। ମହାପ୍ରଭୁଙ୍କ କୃପାରୁ ରଥଯାତ୍ରା ଭଲରେ ସମ୍ପାଦନ ହେବ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।

## ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗାଇଲେ ସେବା

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବାଯୋଗାଇ ଦିଆଯାଇଥିଲା। ଏହି କ୍ରମରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ସେବା ଷ୍ଟଲ ଖୋଲିଥିଲା। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗଜେନ୍ଦ୍ର ସିଂ ଶେଖାୱତ୍, ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ବାବୁ ସିଂ, (ପୂର୍ବ) ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ପ୍ରାନ୍ତ ସମ୍ପାଦକ ପଣ୍ଡିତ ମହେଶ ସାହୁ, ବଜରଙ୍ଗ ଦଳ ଓଡିଶା (ପୂର୍ବ) ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟ ଅନୁଧାନ କରିଥିଲେ। ଓଡ଼ିଆ ଯୁବ ଚେତନା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଦେବାଶିଷ ଦାସ ଓ ଶିବରାମ ପ୍ରଧାନ, ଘରେ ଘରେ ଭାଗବତର ସୁଲୋଚନା ମିଶ୍ର, ସୁନନ୍ଦା ପଟ୍ଟନାୟକ ଓ ଜ୍ୟୋତି ପ୍ରକାଶ ମହାପାତ୍ର, ସମର୍ପଣର ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ଭକ୍ତଙ୍କୁ ଖାଦ୍ୟ ଓ ଜଳ ବଣ୍ଟନ କରିଥିଲେ। ଓଡ଼ିଶା କୃଷି ସେବା ସଂଘ ପକ୍ଷରୁ ଖାଦ୍ୟ ଓ ପିଇବା ପାଣି ବଣ୍ଟନ କରାଯାଇଥିଲା। ଓଡ଼ିଶା କୃଷି ସେବା ସଂଘ ସଭାପତି ତଥା ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଅରୁଣ କୁମାର ବେହେରା, ଯୁଗ୍ମ କୃଷି ନିର୍ଦ୍ଦେଶକ, ପୁରୀ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଉତ୍କଳ ବିଦ୍ୟୁତ କର୍ମଚାରୀ ସଂଘ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସଂଘ ସଭାପତି ଯୁଧିଷ୍ଠିର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ସେବା ଯୋଗାଇଦିଆଯାଇଥିଲା।

# ରାଜାରାମ ମଠ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା



ରଥାରୂଢ ଠାକୁରଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି।

କୋଣାର୍କ,୨୮।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଆନୁକୂଲ୍ୟରେ ରାଜାରାମ ମଠ ପରିସରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ ଓ ଅନ୍ୟାନ୍ୟ ରୀତିନୀତି ପରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପରେ ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୁଢ଼ କରିଥିଲେ। ଅପରାହ୍ନ ୩ଟା ୪୫ରେ ମହାରାଜ ଗୋପାଳ ଚନ୍ଦ୍ର ଦାସ ସୁସଜ୍ଜିତ ପାଲିଙ୍କିରେ ଆସି ରୁପାଖଡ଼ିକାରେ ଛେରାପହଁରା କରିଥିଲେ। ଅପରାହ୍ନ ୪ଟା ୨୦ରେ ରଥଟଣା ଆରମ୍ଭ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ରଥ ଟାଣି ନେଇଥିଲେ। ଡାଳିମ୍ବଗୋରଡି ଗ୍ରାମ ମାଉସୀ ମା ମନ୍ଦିରଠାରେ ପୋଡ଼ପିଠା ଲାଗିକରାଯାଇଥିଲା। ସନ୍ଧ୍ୟାରେ ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ରଥ ପହଞ୍ଚିଥିଲା। ଶନିବାର ରଥ ଦକ୍ଷିଣ ମୋଡ଼ କରାଯାଇ ପହଣ୍ଡି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା।

# ଅନନ୍ତ ବାସୁଦେବଙ୍କ ରଥଯାତ୍ରା

ଯୋଗେଶ୍ୱରପୁର, ୨୮।୬(ରଶ୍ମିରଞ୍ଜନ ସାହୁ)



ନୟାହାଟ ଫାଣ୍ଡି ଅଧୀନ ଶିଙ୍ଗପାନିଆଁ ଗ୍ରାମର ଅନନ୍ତ ବାସୁଦେବଙ୍କ ୧୦୨ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ବାସୁଦେବଙ୍କ ନିକଟରେ ଭୋଗ ସରିବା ପରେ ଅପରାହ୍ନ ୩ଟାରେ ଠାକୁରଙ୍କୁ ରଥ ଉପରକୁ ପହଣ୍ଡି କରାଯାଇଥିଲା। ୪ଟାରେ ଛେରା ପହଁରା ସରିବା ପରେ ଅପରାହ୍ନ ୪.୩୦ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରେ ବାରିହାଟ ମାଉସୀମା ମନ୍ଦିରରେ ରଥ ପହଞ୍ଚିଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ଗୋପ ପୋଲିସ ନୟାହାଟ ବଜାରରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲା।

# ରଥଯାତ୍ରାରେ ଫ୍ରିଡମ୍‌ର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୮।୬(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ ସାମିଲ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଆକର୍ଷଣୀୟ ଷ୍ଟଲ୍ ପୁରୀ ଶରଧାବାଲିସ୍ଥିତ ମାଉସୀ ମା' ମନ୍ଦିରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଡିଏସ୍‌ପି ବିଷ୍ଣୁ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସେହିଭଳି ଫ୍ରିଡମ୍ ଅଏଲ ପକ୍ଷରୁ ଆକର୍ଷଣୀୟ ଅଫର ଆରମ୍ଭ ହୋଇଛି। ଏହି ଅଫର ରଥଯାତ୍ରାଠାରୁ ଆରମ୍ଭକରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରାରେ ସାମିଲ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି। ଏଥିସହ କମ୍ବୋ ଅଫର ଭାବେ ପ୍ରତ୍ୟେକ ୨ଲିଟର ସନ୍ ଫ୍ଲାୱାର ସହ ୧ ଲିଟର ସୋରିଷ ତେଲ ଆକର୍ଷଣୀୟ ରିହାତି ଦରରେ ମିଳୁଥିବା ବେଳେ ୫ ଲିଟର ସୋରିଷ ତେଲ ସହ ୫ ଲିଟର ରିଫାଇନ ତେଲ ରିହାତି ଦରରେ ମିଳୁଥିବାବେଳେ ୨ଟି ବାଲ୍ଟି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ୍ ଅଏଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ବିସ୍ତୃତ ଭାବେ ସୂଚନା ଦେବା ସହ ଜଗତର ନାଥ ଶ୍ରୀଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନୀରୋଗ ରଖନ୍ତୁ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୀବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଫ୍ରିଡମ୍ ଅଏଲର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ମା' ବେଲେଶ୍ୱରୀଙ୍କ ପ୍ରଥମ ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା

ଚାରିଛକ ୨୮।୬(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତେଲିପାଟଣା ଗ୍ରାମରେ ମା' ବେଲେଶ୍ୱରୀଙ୍କ ପ୍ରଥମ ବାର୍ଷିକ ଉତ୍ସବ ପାଇଁ ଶନିବାର ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ମାଧବ ପଞ୍ଚାୟତ ତେଲିପାଟଣା ଗ୍ରାମରେ ଦୀର୍ଘଦିନ ଧରି ମା' ବେଲେଶ୍ୱରୀଙ୍କ ଏକ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ଗତ ବର୍ଷ ନୂତନ ଭାବେ ଗ୍ରାମବାସୀଙ୍କ ସହଯୋଗରେ ମା' ବେଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷ ତାଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଗ୍ରାମବାସୀ ନିକଟସ୍ଥ ପବିତ୍ର ପ୍ରାଚୀ ନଦୀରୁ ନାମକୀର୍ତ୍ତନରେ ୧୨୧ କଳସ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ତାଙ୍କର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ୪ ଦିନ ଧରି ଚାଲିବ ବୋଲି ଗ୍ରାମବାସୀ କହିଥିଲେ। ଏହି କଳସ ଯାତ୍ରାରେ ତେଲିପାଟଣା ଗ୍ରାମର ବାବୁ ସାହୁ ମୁଖ୍ୟ କର୍ତ୍ତା ଭାବେ ରହିଥିବାବେଳେ ୭ ଜଣ କର୍ତ୍ତା କର୍ତ୍ତ୍ରୀ ପ୍ରାଚୀ ନଦୀରୁ ପାଣି ଉଠାଇଥିଲେ।

# ଦୁର୍ଗେଶ୍ୱରଗଡ଼ ସେବା ସମବାୟ ସମିତି କାର୍ଯ୍ୟାଳୟ ଜରାଜୀର୍ଣ୍ଣ

ଯୋଗେଶ୍ୱରପୁର,୨୮।୬ (ରଶ୍ମିରଞ୍ଜନ ସାହୁ)

ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ଧାନ ସମବାୟ ସମିତି ଦ୍ୱାରା କିଣୁଛନ୍ତି। କେତେକ ସ୍ଥାନରେ ସମବାୟ ସମିତି ଭଡ଼ାଘରେ ଚାଲୁଥିବାବେଳେ ଆଉ କେତେକ ସ୍ଥାନରେ ଘର ଥାଇ ମଧ୍ୟ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ଦେସ୍ଥଳୀ ପଞ୍ଚାୟତ ଦୁର୍ଗେଶ୍ୱରଗଡ଼ ସେବା ସମବାୟ ସମିତି ସମ୍ମୁଖରେ କିଛି ଲେଖା ନ ଥିବାବେଳେ ସମିତି ଘର ସବୁବେଳେ ଚାବିପଡ଼ି ରହିବାରୁ ତାହା ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ଧାନମଣ୍ଡିରୁ ଚାଷୀଙ୍କଠାରୁ ଟାର୍ଗେଟ ଅନୁସାରେ ଧାନ ମିଲ୍‌କୁ ପଠା ନ ଯିବାରୁ ଚାଷୀ ନିରାଶ ହେଉଛନ୍ତି। ଚାଷୀଙ୍କ ମୋବାଇଲକୁ ଆସୁଥିବା ମେସେଜ୍ ଅନୁସାରେ ତାଙ୍କଠାରୁ ସେତିକି ଧାନ ସଂଗ୍ରହ କରାଯାଉ ନ ଥିବା ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେବେ ଦୁର୍ଗେଶ୍ୱରଗଡ଼ ସେବା ସମବାୟ ସମିତି ଅଫିସ୍ କେଉଁଠାରେ ଅଛି ସେନେଇ ଦେସ୍ଥଳୀ ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ନାଏବ ସରପଞ୍ଚ ଗୌରାଙ୍ଗ ରାୟଙ୍କୁ କହିଛନ୍ତି, ଅଫିସ ଦୁର୍ଗେଶ୍ୱରଗଡ଼ରେ ଅଛି। ସେହିପରି ସମବାୟ ସମ୍ପାଦକ ମଣ୍ଟୁ ରଥ କହିଛନ୍ତି, ଦେସ୍ଥଳୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମିତି କାର୍ଯ୍ୟାଳୟ ଅଛି। କବାଟ ଝରକା ଉଇ ଖାଇ ନଷ୍ଟ ହୋଇଥିବାରୁ ଅଫିସ୍‌ର କାଗଜପତ୍ର ସେ ଘରକୁ ନେଇଯାଇଥିବା କହିଛନ୍ତି। ସମବାୟ ସମିତି ଘରଟିକୁ ମରାମତି କରାଯିବାକୁ ଅଞ୍ଚଳର ଚାଷୀ ଦାବିକରିଛନ୍ତି।



ସମିତି କାର୍ଯ୍ୟାଳୟ ପରିସରରେ ଆବର୍ଜନା ପଡିରହିଛି।

## ଗୋରୁ ବୋଝେଇ ଗାଡ଼ି ଜବତ, ଚାଳକ ଫେରାର

ବାରଙ୍ଗ, ୨୮ ।୬(ଲିଙ୍ଗରାଜ ରାଉତ)

ନେତାଜୀ ସୁଭାଷ ସେତୁ ଉପରୁ ଶନିବାର ସକାଳୁ ଏକ ଗୋରୁ ବୋଝେଇ କାର୍‌କୁ ମର୍କତନଗର ଥାନା ପୋଲିସ ଜବତ କରିଛି । କାର୍ ଭିତରୁ ୩ଟି ଗାଈକୁ ଉଦ୍ଧାର କରାଯାଇ ମଧୁପାଟଣା ଥାନା ନିକଟସ୍ଥ ଗୋଶାଳାକୁ ପଠାଯାଇଥିବାବେଳେ କାର୍‌ଟିକୁ ପୋଲିସ ଜବତ କରିଛି । ପ୍ରକାଶ ଯେ, ଆଠଗଡ଼ ବାଙ୍କୀ ଅଞ୍ଚଳରୁ ଏକ କାର୍ (ଓଆର୍ ୦୫ଏଆର୍ ୩୪୧୩) ଶୁକ୍ରବାର ବିଳମ୍ବିତ ରାତିରେ ୩ଟି ଗୋରୁ ନେଇ ଆସୁଥିଲା । ନେତାଜୀ ସୁଭାଷ ସେତୁ ଉପରେ ପହଞ୍ଚିଥିବାବେଳେ କାର୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଗାଡ଼ିଟି ଷ୍ଟାର୍ଟ ନ ହେବାରୁ ବାଧହୋଇ ଗୋମାଫିଆମାନେ କାର୍‌ଟିକୁ ବ୍ରିଜ୍ ଉପରେ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସକାଳୁ ପ୍ରାତଃ ଭ୍ରମଣରେ ଯାଉଥିବା କେତେଜଣ ସ୍ଥାନୀୟ ଲୋକ କାର୍‌ଟିକୁ ଦେଖି ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ । ବାରଙ୍ଗ ଥାନା ପୋଲିସ ପହଞ୍ଚି ଗାଡ଼ିଟି ଥୁଆ ହୋଇଥିବା ଅଞ୍ଚଳ ମର୍କତନଗରର ହୋଇଥିବାରୁ ତାଙ୍କୁ ସୂଚନା ଦେଇଥିଲା । ସୂଚନା ପାଇ ମର୍କତନଗର ଥାନା ପୋଲିସ ଗୋରୁଙ୍କୁ ଉଦ୍ଧାର କରିଥିଲା ।

## ରଥଯାତ୍ରାରେ ୭୨୪ ଅସୁସ୍ଥ, କେହି ହୋଇନାହାନ୍ତି ମୃତାହତ

ପୁରୀ,୨୮ ।୬(ଅଜିତ୍ କୁମାର ମହାନ୍ତି): ରଥଯାତ୍ରାରେ ଶୁକ୍ରବାର ପ୍ରବଳ ଭିଡ଼ରେ ରଥ ନିକଟରେ ପେଲାପେଲି ଯୋଗୁ ଭକ୍ତ ଆହତ ହୋଇଥିଲେ । ସେହିପରି ରଥଟଣା ବେଳେ ବଡ଼ଦାଣ୍ଡରେ ପ୍ରବଳ ଗୁଳୁଗୁଳି ହେତୁ ପ୍ରାୟ ୭୨୪ ଭକ୍ତ ଅସୁସ୍ଥ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସମୁଦ୍ରରେ ଗାଧୋଇବା ସମୟରେ ଜୁଆର ମାଡ଼ରେ ଅନେକ ପର୍ଯ୍ୟଟକ ଆହତ ହୋଇଥିବା ବେଳେ କେତଜଣ ଭକ୍ତ ବଡ଼ଦାଣ୍ଡରେ ନିଖୋଜ ହୋଇଛନ୍ତି । ତେବେ କେହି ମୃତାହତ ହୋଇନାହାନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ସୂଚନା ଦେଇଛନ୍ତି । ତେବେ ରଥଯାତ୍ରାରେ ଭକ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ୨୯୩ ଲୋକ ବିଭିନ୍ନ ସ୍ୱାସ୍ଥ୍ୟଗତ କାରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଆଇଡିଏଚ୍‌ରେ ଭର୍ତ୍ତି ହୋଇଥିଲେ । ଇତିମଧ୍ୟରେ ଅନେକ ସୁସ୍ଥ ହୋଇ ଘରକୁ ଫେରିଥିବା ସେ କହିଛନ୍ତି ।

# ରୋଟାରୀ କର୍ପୋରେଟ, ସିଟିଜେନ ଏକ୍ସିଲେନ୍ସ ଆୱାର୍ଡ

ଭୁବନେଶ୍ୱର,୨୮ ।୬(ସୁଚିସ୍ମିତା ସାହୁ)



ଅତିଥିମାନେ ପତ୍ରିକାର ୬୪ତମ ସଂକଳନ 'ତଥାପି ସରିନାହିଁ' ଉନ୍ମୋଚନ କରୁଛନ୍ତି ।

ରୋଟାରୀ କର୍ପୋରେଟ ଓ ସିଟିଜେନ ଏକ୍ସିଲେନ୍ସ ଆୱାର୍ଡ -୨୦୨୫ ଶନିବାର ରେଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଏବଂ ଦ୍ୱିତୀୟ ଅଧିବେଶନରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲେ । ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟ ଅପ, ସଡକ ସୁରକ୍ଷା, ଶିକ୍ଷା ଓ ଆଇନ ସେବା ଆଦି ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ରୋଟାରୀ ଅନ୍ତର୍ଜାତୀୟ ଜିଲା ୩୨୬୨ ପକ୍ଷରୁ ବିଭିନ୍ନ କମ୍ପାନୀ ଓ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା । ଶେଷ ଅଧିବେଶନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚୟନ କରାଯାଇଥିବା ୫୦ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରୀ ଜିଲା ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ମହେଶ କୁମାର ବେହେରା, ରମେଶ ଚନ୍ଦ୍ର ସାହୁ, ଅଖେନ୍ଦୁ ପଟ୍ଟନାୟକ, ରସାନନ୍ଦ ରାଉତ, କବି ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୁରୁଲିଆ- ହାଓଡା ମେମୁ ସେବାର ଶୁଭାରମ୍ଭ କଲେ ଅଶ୍ୱିନୀ



ଭୁବନେଶ୍ୱର,୨୮ ।୬(ଅନୁରାଧା ମହାରଣା)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମ୍‌ଦାର, ବିଷ୍ଣୁପୁର ଏମ୍‌ପି ସୌମିତ୍ର ଖାନ୍ ଏବଂ ହାଓଡା ଏମ୍‌ପି ପ୍ରସୂନ ବାନାର୍ଜୀ ଶନିବାର ପଶ୍ଚିମବଙ୍ଗର ସାନ୍ତ୍ରାଗାଛି ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି । ଏହି ଅବସରରେ ରେଳମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନାରେ ଚାଲିଥିବା ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ଏହା ସହ ପୁରୁଲିଆ ଏବଂ ହାଓଡା ମଧ୍ୟରେ ମେମୁ ସେବା(ଟ୍ରେନ୍ ନମ୍ବର ୦୮୧୨୧)ର ଶୁଭାରମ୍ଭ କରିଥିଲେ । ଅଶ୍ୱିନୀ କହିଲେ, ଏହି ମେମୁ ଟ୍ରେନ୍‌ର ଶୁଭାରମ୍ଭ ଦ୍ୱାରା ପୁରୁଲିଆ, ବାଙ୍କୁରା ଏବଂ ହାଓଡାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଭାରତୀୟ ରେଳ ପରିବାରର ୧.୨ ନିୟୁତରୁ ଅଧିକ ସଦସ୍ୟ ସମର୍ପିତ ଭାବରେ କାର୍ଯ୍ୟ କରୁଛନ୍ତି । କେବଳ ପଶ୍ଚିମବଙ୍ଗରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେଶନରେ କାମ ଚାଲିଛି । ୫୦-୬୦ ବର୍ଷ ପୁରୁଣା ଷ୍ଟେଶନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେଶନଗୁଡ଼ିକ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ସମାରୋହରେ ପୁରୁଲିଆର ଏମ୍‌ପି ଜ୍ୟୋତିର୍ମୟ ସିଂ ମହାତୋ, ପୁରୁଲିଆ ବିଧାୟକ ସୁଦୀପ କୁମାର ମୁଖାର୍ଜୀ ପୁରୁଲିଆରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇଥିବା ବେଳେ ବାଙ୍କୁରାରୁ ନୀଳାଦ୍ରି ଶେଖର ଦାନା, ଛାତନା ବିଧାୟକ ସତ୍ୟନାରାୟଣ ମୁଖୋପାଧ୍ୟାୟ, ଓଣ୍ଡାର ବିଧାୟକ ଅମରନାଥ ଶାଖା, ସୋନୁମୁଖୀର ବିଧାୟକ ଦିବାକର ଗରାମି, ଇନ୍ଦୁସର ବିଧାୟକ ନିର୍ମଳ କୁମାର ଧରା ଯୋଗଦେଇଥିଲେ ।

## ମାଉସୀମା ମନ୍ଦିରରେ ଶ୍ରୀଜୀଉ

ପୁରୁଣା ଭୁବନେଶ୍ୱର,୨୮ ।୬(ସୁବାସ ଚନ୍ଦ୍ର ପ୍ରଧାନ)

ବିଲିପଡ଼ା ଗ୍ରାମର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ରଥଯାତ୍ରାରେ ବାହାରି ଶୁକ୍ରବାର ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲେ । ବିଲିପଡା ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଯାତ୍ରା ପାଇଁ ପ୍ରାତଃରୁ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି କରାଯାଇଥିଲା । ଅପରାହ୍ନ ୨ଟାରେ ବିଶ୍ୱଜିତ ଭାରତୀ ଛେରା ପହଁରା କରିଥିବା ବେଳେ ସାରଥୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅପରାହ୍ନ ୩ଟାରେ ରଥ ସାରଥୀ ଭାବେ ରଥ ଟାଣିବାକୁ ନିର୍ଦ୍ଦେଶ ଦେଇଥିଲେ । ସନ୍ଧ୍ୟା ୬ ଟାରେ ରଥ ବିଲିପଡ଼ା ଛକରେ ଥିବା ଭାଗବତ ବାସୁଦେବ ମନ୍ଦିର(ମାଉସୀମା ମନ୍ଦିର) ନିକଟରେ ପହଞ୍ଚି ଥିଲେ । ପହଣ୍ଡି ପରେ ତିନି ଠାକୁରଙ୍କୁ ମନ୍ଦିରରେ ଉପବିଷ୍ଟ କରାଯାଇଥିଲା । ୯ଦିନ ପରେ ଠାକୁରଙ୍କ ବାହୁଡା ଯାତ୍ରା ହେବ ବୋଲି ଅନାମ ଭାରତୀ କହିଛନ୍ତି । ପୁରୋହିତ ଭାବେ ସୋମନାଥ ଦାଶ ଏବଂ ସୁଦର୍ଶନ ଦାଶ କାର୍ଯ୍ୟ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ଦୁଃଶାସନ ରାଉତ, ନିତ୍ୟାନନ୍ଦ ଭାରତୀ,ଶତ୍ରୁଘ୍ନ ବାରିକ, ହଟ ପରିଡ଼ା, ଲକ୍ଷ୍ମୀଧର ରାଉତ, ଦୀପକ ଦାସ, ରାକେଶ ଭାରତୀ, ସତ୍ୟଜିତ ଭାରତୀ, ଶରତ ଭୋଇ ପ୍ରମୁଖ ପରିଚାଳନା କରିଥିଲେ ।

## ରଥଯାତ୍ରା ଉପଲକ୍ଷେ ଗୀତଗୋବିନ୍ଦର ସ୍ୱତନ୍ତ୍ର ଆସର



ଭୁବନେଶ୍ୱର,୨୮ ।୬(ସୁଚିସ୍ମିତା ସାହୁ)

ମହାପ୍ରଭୁଙ୍କ ଘୋଷଯାତ୍ରା ଅବସରରେ ଓଡ଼ିଶା ସଂକେତ ପରିବାର ପକ୍ଷରୁ ଶ୍ରୀ ଜୟଦେବ କୃତ ଗୀତଗୋବିନ୍ଦର ସ୍ୱତନ୍ତ୍ର ସଙ୍ଗୀତ ଗାୟନ ଉପସ୍ଥାପନା ସଂକେତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଜଗନ୍ନାଥ ତାଙ୍କ ଅତିପ୍ରିୟ ଗୀତଗୋବିନ୍ଦ ଶ୍ରବଣ ନ କଲେ ଶୟନ ଯାଆନ୍ତି ନାହିଁ । ତେଣୁ ରଥଯାତ୍ରା ସନ୍ଧ୍ୟାର ମହାର୍ଘ୍ୟ ମୁହୂର୍ତ୍ତରେ ପ୍ରତିଷ୍ଠିତ ଯୁବ କଣ୍ଠଶିଳ୍ପୀଙ୍କ ଦ୍ୱାରା ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥିଲା । ଆଳାପ ଅନୁଷ୍ଠାନ ଏବଂ ଓଡ଼ିଶା ସଂକେତ ତରଫରୁ ପ୍ରତି ମାସରେ ବୈଠକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶୀ ସଂଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ ଉପରେ ଆୟୋଜିତ ଏହି ନବମ ସଂସ୍କରଣରେ ପ୍ରତିଷ୍ଠିତ ଯୁବ ପ୍ରତିଭାଙ୍କୁ ଗାୟନ ପାଇଁ ପ୍ରୋତ୍ସାହିତ କରାଯାଇଥିଲା । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ବୈଜ୍ଞାନିକ ନମିଶା ଶର୍ମା ଓ ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗୁରୁ ଶ୍ରୀ ନିମାକାନ୍ତ ରାଉତରାୟ, ବଦ୍ରିମହାନ୍ତିଓ ସୌମ୍ୟ ବିଶ୍ୱଜିତ ଓଡ଼ିଶୀ ସଙ୍ଗୀତ ପରିବେଷଣରେ ସହାୟତା କରିଥିଲେ ।

## ବାହାଘର ଭୋଜିଖାଇ ୪୪ ଡାଇରିଆରେ ଆକ୍ରାନ୍ତ

ଟିଗିରିଆ,୨୮ ।୬(ଜାଫର ଖାଁ ) : ଟିଗିରିଆ ବ୍ଲକ୍ ବାଲିପୁଟ ପଞ୍ଚାୟତସ୍ଥିତ ବିରିପୁଟ ଖୁଣ୍ଟିଆସାହିରେ ୪୪ ଜଣ ଲୋକ ବାହାଘର ଭୋଜିଖାଇ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି । ଶୁକ୍ରବାର ବଡ଼ମ୍ବା ବ୍ଲକସ୍ଥିତ ମାନପୁର ଗ୍ରାମରେ ଏକ ବାହାଘର ଭୋଜି ଖାଇ ଫେରିବା ପରେ ଗ୍ରାମବାସୀଙ୍କୁ ଝାଡ଼ାବାନ୍ତି ହୋଇଥିଲା । ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ତଥା ବିନ୍ଧାଣିମା ଗୋଷ୍ଠୀ କେନ୍ଦ୍ର ଡା. ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ପହଞ୍ଚି ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କୁ ଔଷଧ ପ୍ରଦାନ କରିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ସଂକ୍ରମଣ ନ ବ୍ୟାପିବା ପାଇଁ ଗ୍ରାମ ଚତୁଃପାର୍ଶ୍ୱକୁ ବିଶୋଧିତ କରାଯାଉଛି ।

# ବର୍ଷାଜଳ ଅବରୋଧକୁ ସଫାକଲେ ଗ୍ରାମବାସୀ

ବାରଙ୍ଗ,୨୮ ।୬(ଲିଙ୍ଗରାଜ ରାଉତ)

ସାମାନ୍ୟ ବର୍ଷାହେଲେ ତ୍ରିଶୂଳିଆ ଗାଁମୁଣ୍ଡ ବର୍ଷାଜଳରେ ଭରି ରହି ଯାତାୟାତରେ ବାଧକ ସାଜେ । କେବଳ ଗାଁମୁଣ୍ଡ ନୁହେଁ, ଗାଁର ଚତୁଃପାର୍ଶ୍ୱ ବର୍ଷାଜଳ ଭରି ରହି ଗ୍ରାମବାସୀ ଏକପ୍ରକାର ଜଳବନ୍ଦୀ ଭାବେ ବର୍ଷାଦିନେ ରହିଥାନ୍ତି । ବର୍ଷାଜଳ ନିଷ୍କାସନ ସ୍ଥାନଗୁଡ଼ିକ ଜବରଦଖଲ ହେବା ଓ ଡ୍ରେନ୍‌ରେ ଠିକ୍ ଭାବେ ପାଣି ନ ଯିବାରୁ ଏହିଭଳି ପରିସ୍ଥିତି ଉପୁଜିଥାଏ । ବର୍ଷାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରି ନ ଥିଲା । ଗତ ୨ ଦିନ ହେବ ବର୍ଷା ଲାଗି ରହିଥିବାରୁ ତ୍ରିଶୂଳିଆ ଗ୍ରାମ ମୁଣ୍ଡରେ ଜଳବନ୍ଦୀ ଭଳି ସ୍ଥିତି ଉପୁଜିଥିଲା । ଏଥିରୁ ସାମୟିକ ଭାବେ ମୁକ୍ତି ପାଇବାକୁ ଗ୍ରାମବାସୀ ନିଜ ପକ୍ଷରୁ ଉଦ୍ୟମ ଆରମ୍ଭ କରିଛନ୍ତି । ଶନିବାର ସନ୍ଧ୍ୟାରେ ବର୍ଷା କମିବା ପରେ ତ୍ରିଶୂଳିଆ ଗ୍ରାମବାସୀ ଜେସିବି ଲଗାଇ ବର୍ଷାଜଳ ଅବରୋଧ କରିଥିବା ସ୍ଥାନକୁ ସଫା କରିଛନ୍ତି । ଏହାପରେ ଗ୍ରାମମୁଣ୍ଡରେ ଜମି ରହିଥିବା ବର୍ଷାଜଳ କମିବା ପରେ ଗ୍ରାମବାସୀ ଟିକେ ଆଶ୍ୱସ୍ତି ଅନୁଭବ କରିଛନ୍ତି ।

# ରଥଯାତ୍ରା ପାଇଁ ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର






ଭୁବନେଶ୍ୱର,୨୮ ।୬
(ସୁଚିସ୍ମିତା ସାହୁ)

ପ୍ରତିବର୍ଷ ଭଳି ଚଳିତବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ପୁରୀରେ ଏକ ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି । ସି'ବିଚ୍ ରୋଡ୍‌ରେ ଥିବା ପୁରୀ ହୋଟେଲ ସାମ୍ନାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସେବା ଯୋଗାଉଛି । ଏହି କେନ୍ଦ୍ରକୁ ମଣିପାଲ ହସ୍ପିଟାଲର ୟୁନିଟ ହେଡ୍ (ସେଲ୍‌ସ ଆଣ୍ଡ ମାର୍କେଟିଂ) ବିଜୟ ଚଙ୍ଗାରଥ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ବାହୁଡା ଯାତ୍ରା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ଆସୁଥିବା ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆବଶ୍ୟକ ସମୟରେ ଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟ କରୁଛି । ଏଠାରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସମେତ ପ୍ରଶିକ୍ଷିତ ପାରାମେଡିକାଲ ଟିମ୍ କାର୍ଯ୍ୟରତ ଅଛନ୍ତି । ସେମାନେ ଯେକୌଣସି ଆପାତକାଳୀନ ସମୟରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଠିକ ମୁକାବିଲା କରିବା ପାଇଁ ସକ୍ଷମ । ମଣିପାଲ ହସ୍ପିଟାଲର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, ରଥଯାତ୍ରା ସମୟରେ ଭକ୍ତଙ୍କ ଲାଗି ପୁରୀରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମ ପାଇଁ ଏକ ଗୌରବର ବିଷୟ । ସ୍ୱାସ୍ଥ୍ୟସେବା କେବଳ ହସ୍ପିଟାଲର ସୀମା ମଧ୍ୟରେ ସୀମିତ ନ ରଖି ଦେଶ ବିଦେଶରୁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଆବଶ୍ୟକ ପଡିଲେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ହୀର୍ ଏକ୍ସପ୍ରେସ୍‌ର ପ୍ରଥମ ଗୀତ 'ଭେ ରାନ୍‌ଝାନା'

# ହୀର୍ ଭୂମିକାରେ ଦିଭିତା ଜୁନେଜା

ଭୁବନେଶ୍ୱର,୨୮ ।୬(ଅଭୟ ଦାଶ)




ବିଶିଷ୍ଟ ଶିଳ୍ପପତି ତଥା ନିବେଶକ ଡ. ସଞ୍ଜୀବ ଜୁନେଜାଙ୍କ କନ୍ୟା ଦିଭିତା ଜୁନେଜା ଉଚ୍ଚଶିକ୍ଷା ପରେ ଚଳଚ୍ଚିତ୍ର ଜଗତରେ ପାଦ ରଖିଛନ୍ତି । ପ୍ରଥମ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍'ରେ ଦିଭିତା ଡେବ୍ୟୁ କରିବା ସହ ହୀର ଭୂମିକାରେ ଅଭିନୟ କରିଛନ୍ତି । ଜୀ ମ୍ୟୁଜିକ କମ୍ପାନୀର ବହୁ ପ୍ରତୀକ୍ଷିତ ଏହି ଚଳଚ୍ଚିତ୍ର ଅଗଷ୍ଟ ୮ରେ ମୁକ୍ତିଲାଭ କରିବାକୁ ଯାଉଛି । ଫିଲ୍ମର ପ୍ରଥମ ଗୀତ 'ଭେ ରାନ୍‌ଝାନା' ନିକଟରେ ଜୀ ମ୍ୟୁଜିକ୍ କମ୍ପାନୀ ଦ୍ୱାରା ରିଲିଜ୍ ହୋଇଛି । ଅପରପକ୍ଷରେ ଏହାର ସଙ୍ଗୀତ ଏବଂ ନୃତ୍ୟ ନିର୍ଦ୍ଦେଶନାଠାରୁ ଆରମ୍ଭକରି ସିନେମାଟୋଗ୍ରାଫି ଏବଂ ଲୋକେଶନ୍ ପର୍ଯ୍ୟନ୍ତ (ଭେ ରାନ୍‌ଝାନା ବିଷୟରେ) ସବୁକିଛି ଦର୍ଶକଙ୍କୁ ଆକର୍ଷିତ କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି । ରାଜସ୍ଥାନର ଯୋଧପୁରର ରାଜକୀୟ ସ୍ଥାନଗୁଡ଼ିକ ଏହି ଗୀତକୁ ଏକ ଭିନ୍ନ ପରିଭାଷା ଦେଇଛି ଏବଂ ଦର୍ଶକଙ୍କୁ ଆନନ୍ଦିତ କରିଛି । ଜୁନ୍ ୧୦ରେ ହୀର ଏକ୍ସପ୍ରେସ୍ ଫିଲ୍ମର ଟିଜର ରିଲିଜ୍ ହେବା ପରଠାରୁ ଫିଲ୍ମଟି ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ବର୍ତ୍ତମାନ' ଭେ ରାନ୍‌ଝାନା' ରିଲିଜ୍ ହେବା ସହ ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ଆହୁରି ବୃଦ୍ଧି ପାଇଛି । ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ବର୍ତ୍ତମାନ ଗୀତକୁ ବ୍ୟବହାରକରି ରିଲ୍‌ରେ ଭରିଯାଇଛି । ଏହି ସୁନ୍ଦର ଟ୍ରାକ୍ ସିମର କୌର ଏବଂ ନାଭି ସ୍ରାନ୍ ଗାଇଛନ୍ତି ଏବଂ ଏଭି ସାରାଙ୍କ ଦ୍ୱାରା ରଚିତ ହୋଇଛି । ହୃଦୟସ୍ପର୍ଶୀ ଗୀତଗୁଡ଼ିକୁ ହର୍‌ମନଜିତ୍ ଲେଖିଛନ୍ତି । କୋରିଓଗ୍ରାଫି ବିପିନ୍‌ଙ୍କ ଦ୍ୱାରା ପରିଚାଳିତ ହୋଇଛି । ଗୀତ ବିଷୟରେ ସିମର କହିଛନ୍ତି, ହୀର ଏକ୍ସପ୍ରେସ୍‌ର ଦୁନିଆ ହୃଦୟରେ ପରିପୂର୍ଣ୍ଣ ଏବଂ ଭେ ରାନ୍‌ଝାନା ଏଥିରେ ସୁନ୍ଦର ଭାବରେ ଫିଟ୍ ହୋଇଛି । ଏହି ଗୀତର ସରଳତା ମୋତେ ପ୍ରଥମଥର ଶୁଣିବା ମାତ୍ରେ ଛୁଇଁଥିଲା । ଲାଲ୍ ପରୀ ଭଳି ଏକ ଶକ୍ତିଶାଳୀ ଟ୍ରାକ୍ ପରେ ଏହି ଗୀତଟି ମୋତେ ଏକ ଶାନ୍ତ ଏବଂ ଆତ୍ମୀୟ ପରିବର୍ତ୍ତନ ଆଣିଥିଲା । ଉକ୍ତ ଗୀତଟିରେ ହୀର ଏକ୍ସପ୍ରେସ୍ ସହ ଡେବ୍ୟୁ କରୁଥିବା ଦିଭିତା ଏବଂ ଉଦୀୟମାନ ତାରକା ପ୍ରୀତ୍‌କମାନୀଙ୍କୁ ଦେଖିବାକୁ ମିଳିଛି । ପରଦା ଉପରେ ସେମାନଙ୍କ ଅଭିନୟ ସହଜ ଅନୁଭବ ହେଉଛି । ଦିଭିତାଙ୍କ ନିର୍ଦ୍ଦୋଷତା ଏବଂ କ୍ୟାମେରା ପ୍ରତି ଆଗ୍ରହ ଓ ପ୍ରୀତ୍‌ଙ୍କ ଆକର୍ଷଣ ଏବଂ ସହଜତା ସହିତ ଗୀତଟିରେ ଏକ ଅନନ୍ୟ ଜୀବନ ଯୋଡ଼ିଛି । ସଓ୍ୱା ଦିଲ୍‌ଉଡେଭାଜିଆନ

### ଅଗଷ୍ଟ ୮ରେ ଫିଲ୍ମ ମୁକ୍ତିଲାଭ କରିବ

ଭେ ରାନ୍‌ଝାନା, ମୈଁ ତାନ୍‌ତେରେ ଲାଡ୍ ଲଗ୍‌ଗିହାନଭେ ରାନ୍‌ଝାନା' ଗୀତର ମୁଖ୍ୟ ଧାଡିଗୁଡ଼ିକ ସମସ୍ତଙ୍କ ଓଠରେ ପୂର୍ବରୁ ଅଛି । ହୀର ଏକ୍ସପ୍ରେସ୍‌ର ସମଗ୍ର ଦଳ, ସେ କଳାକାର ହୁଅନ୍ତୁ, ବୈଷୟିକ ଦଳ ହୁଅନ୍ତୁ କିମ୍ବା ବ୍ୟାକ୍‌ଏଣ୍ଡ ସମର୍ଥନ, ସମସ୍ତେ ଅତ୍ୟନ୍ତ ଉତ୍ସାହିତ ! ସାମଗ୍ରିକ ଭାବେ ଜୀ ମ୍ୟୁଜିକ୍ କମ୍ପାନୀ ଦ୍ୱାରା ଉପସ୍ଥାପିତ ହୀର ଏକ୍ସପ୍ରେସ୍‌ର ଏହି ପ୍ରଥମ ଗୀତଟି ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିସାରିଛି ଏବଂ ଫିଲ୍ମ ରିଲିଜ୍ ପୂର୍ବରୁ ହିଁ ସଫଳତାର ରାସ୍ତାରେ ଥିବାପରି ମନେହେଉଛି ।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଶନିବାର ରାଜା ଡ୍ୟାନ୍ସ ଷ୍ଟୁଡିଓର ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି ।




ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅନୁଷ୍ଠିତ ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦର ବାର୍ଷିକ ଉତ୍ସବରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଅନ୍ୟ ଅତିଥିମାନେ ।

# ଆଡ଼ପ ଦର୍ଶନରେ ଭକ୍ତିମୟ ପରିବେଶ

**ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜାଗୁଳିପାଟଣା ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଏବଂ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥ ଯଥାକ୍ରମେ ଜାଗେଶ୍ୱର ଠାକୁରାଣୀଙ୍କ ପରିସର ଗୁଣ୍ଡିଚାମଣ୍ଡପ ଓ ଖୋର୍ଦ୍ଧାଗଡ଼ ନିକଟ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଛନ୍ତି। ଶନିବାରଠାରୁ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ଆରମ୍ଭ ହୋଇଛି। ଭୋର ୫ଟାରେ ଦ୍ୱାରଫିଟା, ସାଢ଼େ ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ବାଲଭୋଗ ଲାଗି ହୋଇଥିଲା। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୮ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ଅପରାହ୍ନ ୧ଟାରେ ଭୋଗ ଲାଗି ପରେ ଠାକୁରଙ୍କ କିଛି ସମୟ ଦିବା ପହଡ଼ି ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ଦିନସାରା ଭକ୍ତଙ୍କ ସମାଗମ ଯୋଗୁ ଏକ ଆଧାତ୍ମିକ ପରିବେଶ ରହିଥିଲା। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଆଡ଼ପ ମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସମାରୋହ ହୋଇଥିଲା। ସେହିପରି ଗଡ଼ଖୋର୍ଦ୍ଧାରେ ଭକ୍ତିମୟ ହୋଇଉଠିଛି। ନିକଟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଆଡ଼ପ ଦର୍ଶନ ଲାଗି ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ରହିଥିଲା ଉତ୍ସାହ। ସକାଳେ ମଙ୍ଗଳ ଆଳତି ଏବଂ ସନ୍ଧ୍ୟା ଦର୍ଶନ ଲାଗି ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଆଡ଼ପ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏକ ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତ ଏବଂ ଭଗବାନ୍ ଏକାକାର ହୋଇଯାଇଛନ୍ତି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରମାକାନ୍ତ ପାଇଯୋଶୀ, କମିଟି ସଭାପତି ଅଜିତ୍ ପଟ୍ଟନାୟକ, ସମ୍ପାଦକ ଗୋପାଳକୃଷ୍ଣ ଦାସଙ୍କ ସମେତ ଅନ୍ୟ କମିଟି ସଦସ୍ୟ, ଗ୍ରାମ୍ୟ କମିଟି, ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରୁଛନ୍ତି। ଗବେଷକ ଗୋପାଳକୃଷ୍ଣ ଦାସ କୁହନ୍ତି, ମାଦଳାପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ର ଦେବ ଖ୍ରୀ.୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ଖ୍ରୀ.୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ୨୦୧୪ ଜୁନ ୨୬ ତାରିଖ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା। ଗତ ୪ବର୍ଷ ହେବ ରଥ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି।

### ଏମାନେ ଯାହା କୁହନ୍ତି...

“ ପୂର୍ଣ୍ଣବିଗ୍ରହଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। ଶ୍ରୀଜୀଉଙ୍କ ଦର୍ଶନ ଲାଗି ମନ ବ୍ୟାକୁଳ ରହିଥାଏ। ପ୍ରତିବର୍ଷ ଜାଗୁଳିପାଟଣା ରଥାରୂଢ଼ ଠାକୁର ଏବଂ ଆଡ଼ପ ଦର୍ଶନ ଲାଗି ଆସିଥାଉ। ଆଡ଼ପ ଦର୍ଶନର ବର୍ଣ୍ଣନା ଅବର୍ଣ୍ଣନୀୟ।

**- ସମୀର କୁମାର ଦାସ, ଗଁପୁର, ବାଘମାରୀ**

“ ସେ ଭାବର ଠାକୁର। ଯେତେବେଳେ ଯାହା ମନାସିଛି, ତାହା ପୂରଣ ହୋଇଛି। ଆଡ଼ପ ଦର୍ଶନ ଲାଗି ଆସିଥାଏ। ପୂର୍ଣ୍ଣବିଗ୍ରହଙ୍କ ଦର୍ଶନ ଯେଉଁ ଆନନ୍ଦ ମିଳେ, ତାହା ଅପୂର୍ବ। କୋଳାହଳ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବାର ନିଆରା ଭାବ ରହିଛି।

**- ତପନ ସାମନ୍ତରାୟ, ଶ୍ରୀରାମନଗର, ଖୋର୍ଦ୍ଧା**

“ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ମହିମା ଅପର। ତାଙ୍କୁ ସ୍ମରଣମାତ୍ରକେ ସବୁ ଦୁଃଖ ଭୂଲିଯାଏ। ସପରିବାର ଦର୍ଶନ କରିବାକୁ ଆସିଥିଲୁ। ଅତି ସୁନ୍ଦର ଦର୍ଶନ ମିଳିଲା। ପୂର୍ଣ୍ଣବିଗ୍ରହଙ୍କ ଚକାନୟନରେ ଆଖି ଲାଗିଗଲେ, ଆଉ କିଛି ଆବଶ୍ୟକ ପଡ଼େନାହିଁ।

**- ଭରତ ସୁବୁଦ୍ଧି, ଦଳେଇପୁଟ, ଖୋର୍ଦ୍ଧା**

“ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ରହିଛି। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ବଡ଼ଭାଇ ଶ୍ରୀବଳଭଦ୍ର ହଳଲଙ୍ଗଳ ଧାରଣ କରିଛନ୍ତି। ଲାଗେ ସତେଯେପରି ମହାପ୍ରଭୁ ଯୋଦ୍ଧା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଡ଼ପ ଦର୍ଶନ କୋଟି ପୂର୍ଣ୍ଣପ୍ରାପ୍ତ ହୋଇଥାଏ। ଏଥିଲାଗି ସବୁ ସମୟରେ ଏଠାକୁ ଆସିଥାଏ।

**- ସୁକାନ୍ତ ପଣ୍ଡା, ବିଡିଏ କଲୋନୀ, ଖୋର୍ଦ୍ଧା**

## ପାରିକୁଦ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ



**କୃଷ୍ଣପ୍ରସାଦ,୨୮।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଘୋଷଯାତ୍ରା ଅବସରରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରେ ଆସି ପହଞ୍ଚିବା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ଦୈନିକ ସକାଳ ଧୂପ, ଭୋଗଲାଗି, ସନ୍ଧ୍ୟାଧୂପ ଆଦି ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିଛି। ପାରିକୁଦଗଡ଼ର ଚନ୍ଦନ ପଡ଼ିଆସ୍ଥିତ ଗୁଣ୍ଡିଚା ମନ୍ଦିରରେ ବିଗ୍ରହଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବରିଷ୍ଠ ପୂଜକ ପ୍ରସନ୍ନ କୁମାର ପଣ୍ଡା, ବାବୁଲା ଚନ୍ଦ୍ର ଦେବତା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ବିଗ୍ରହମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିଥାନ୍ତି। ଭକ୍ତ ଓ ଭଗବାନଙ୍କର ଏକ ଅପୂର୍ବ ମିଳନ ପର୍ବ ଏହି ଅବସରରେ ଦେଖିବାକୁ ମିଳିଥାଏ। ପାରିକୁଦ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ସହ ବିଭିନ୍ନ କ୍ଷେତ୍ରରେ ସାମଞ୍ଜସ୍ୟ ରଖୁଥିବା ବହୁ ବରିଷ୍ଠ ମତଦିଅନ୍ତି। ଶ୍ରୀକ୍ଷେତ୍ରରେ ୧୨ମାସରେ ୧୩ପର୍ବ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପଭାବେ ପାରିକୁଦଗଡ଼ର ଜଗନ୍ନାଥ ମନ୍ଦିରରେ ବିଗ୍ରହମାନଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ନବଦିନ ବ୍ୟାପୀ ବିଗ୍ରହମାନେ ଗୁଣ୍ଡିଚାଘରେ ରହିବା ପରେ ବାହୁଡ଼ା ଯାତ୍ରାରେ ବିଗ୍ରହମାନେ ମନ୍ଦିରକୁ ରଥରେ ପ୍ରତ୍ୟାବର୍ତ୍ତନ କରିବେ। ରଥଯାତ୍ରା ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ନାୟକ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ଉପସଭାପତି ମକଦମସିଂହ, ସହ ସମ୍ପାଦକ ମନୋଜ କୁମାର ବାରିକ, ହୃଦାନନ୍ଦ ଜେନା, ସୁବାସ ଚନ୍ଦ୍ର ଗୌଡ଼, ପ୍ରମୋଦ କୁମାର ସାହୁ, ବାଉରି ବନ୍ଧୁ ଦଳେଇ, ବିଜୟ କୁମାର ଜେନା, ସୁଶାନ୍ତ କୁମାର ଭାରିମଲ, ଅଜୟ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ସିଂହସାମନ୍ତ, ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ନୀଳାଚଳ ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି । ଘୋଷଯାତ୍ରାର ଦ୍ୱିତୀୟ ଦିବସରେ କୃଷ୍ଣପ୍ରସାଦ ପଞ୍ଚାୟତର ଇପିଙ୍ଗ ବାଉରିପଲି ମା'ବୁଢୀ ଠାକୁରାଣୀ ମହିଳା ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିବା ବେଳେ ପ୍ରଶାନ୍ତ କୁମାର ପଲେଇ ପ୍ରବଚନ ପ୍ରଦାନ କରିଥିଲେ।

### ସଂକ୍ଷେପରେ

## ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)**

ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀରେ ନବନିର୍ମିତ ମହାବୀର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସଞ୍ଜୁକ୍ତାରାଣୀ ସାହୁ, ପୌରପାଳିକା ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌରପାଳିକା ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନସିଲର ଦିଲୀପ କୁମାର ପରିଡା, ପୂର୍ବତନ କାଉନସିଲର ନରେନ୍ଦ୍ର ପରିଡା, ସିଦ୍ଧାର୍ଥ ମିତ୍ର, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଫେସର ନରସିଂହ ପ୍ରସାଦ ଆଚାର୍ଯ୍ୟ, ପୂର୍ବତନ ବିଚାରପତି ନୀଳକଣ୍ଠ ମିଶ୍ର, ଡ. ସୁବୋଧ ଚନ୍ଦ୍ର ପ୍ରହରାଜ, ଡ.ନିରଞ୍ଜନ ଦାଶ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ଦାଶରଥି ପଟ୍ଟନାୟକ, ଜାନକୀ ସାମନ୍ତରାୟ, ବାବୁ ପାତ୍ର, ପ୍ରଶାନ୍ତ ଦାଶ, ବିଜୟ କୁମାର ବ୍ରହ୍ମା, ସୁରେନ୍ଦ୍ର ପୃଷ୍ଟି ପ୍ରମୁଖଙ୍କସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଭକ୍ତିରେ ବିହ୍ୱଳ ଶ୍ରଦ୍ଧାଳୁ

**କଳାପଥର,୨୮।୬(ଗଙ୍ଗାଧର ସାହୁ)**

ବରପୁଟ୍ଟ, ବାଣିଆ ସ୍ଥିତ ଦେବଗିରି ପୀଠରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହେଇଯାଇଛି। ସକାଳେ ସମସ୍ତ ଦେବନୀତି ମଙ୍ଗଳ ଆଳତି, ଅବକାଶ, ସକାଳ ଧୂପ, ରଥ ପ୍ରତିଷ୍ଠା, ପହଣ୍ଡି ବିଜେ କାର୍ଯ୍ୟ ସମ୍ପନ୍ନ ହେବାପରେ ଛେରାପହଁରା ରାଜା କରୁଣାକର ସିଂଙ୍କ ଦ୍ୱାରା କରାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡାହୁକ କୁଳମଣି ରଣାଙ୍କ ନିର୍ଦ୍ଦେଶପରେ ରଥଟଣା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଠାକୁରଙ୍କ ପୂଜକ ବିପିନ ବିହାରୀ ତ୍ରିପାଠୀ, ପ୍ରଭାତ ରଞ୍ଜନ ତ୍ରିପାଠୀ, ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ଭଗବାନ ପ୍ରଧାନ, ମଧୁ ରାଉତରାୟ, ସଦାନନ୍ଦ ଦାସ, ଅଭିନାଶ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବୁଲୁ ଚକ୍ରବର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ।



ପାଞ୍ଚଗାଁ ସ୍ଥିତ ମାଉସୀମା' ମନ୍ଦିରରେ ଲବଣଗିରିର ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ଶୁଭଦ୍ରା ବିଜେ କରିଛନ୍ତି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

## ଦୁର୍ଗାମାଧବ ପୂଜା କମିଟିର ରାମଲୀଳା କୃଷ୍ଣଲୀଳା ଉଦ୍‌ଯାପିତ

**ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)**

ପ୍ରାୟ ୫୦ବର୍ଷ ଧରି ସ୍ଥଗିତ ରହିଥିବା ରାମଲୀଳା, କୃଷ୍ଣଲୀଳା, ଚନ୍ଦନଯାତ୍ରା ଦୁର୍ଗାମାଧବ ପୂଜା କମିଟି ଦ୍ୱାରା ସପ୍ତାହବ୍ୟାପୀ ଅନୁଷ୍ଠିତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ନନ୍ଦସାହି, ତଳସାହି, ସୁନ୍ଦରାସାହି, ରାଧାବଲ୍ଲଭ ସାହି ଓ ସାଗର କ୍ଲବର ସଦସ୍ୟଙ୍କ ଦ୍ୱାରା ଏଠାରେ ବହୁ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୨ବର୍ଷ ଧରି ପାଳିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ସଭାପତି ରୋଟାରିଆନ୍ ମଦନମୋହନ ରାମ, ରୋଟାରିଆନ୍ ସମ୍ପାଦକ ଗୋପାଳକୃଷ୍ଣ ଦାସ, ବ୍ୟାଙ୍କ ଉଚ୍ଚ ପଦାଧିକାରୀ ଶେଷଦେବ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ସୁଦର୍ଶନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସୁରେଶ ଚନ୍ଦ୍ର ନନ୍ଦ, ରାମଚନ୍ଦ୍ର ନାୟକ, ଲାଲା ମହିନ୍ଦ୍ର ରାୟ ପ୍ରମୁଖ ଅଭିନୟ କରିଥିଲେ। ଲଳିତ ମୋହନ ରାଉତରାୟ, ମାଧବ ଚନ୍ଦ୍ର ହାତୀଙ୍କ ସଂଯୋଜନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ରାଧାବଲ୍ଲଭ ଚନ୍ଦନଯାତ୍ରା କମିଟିର ସଭାପତି ରବି ନାରାୟଣ ମହାପାତ୍ର, ସମ୍ପାଦକ ରାମଶଙ୍କର ମିଶ୍ର, ଟୁଟୁ ପ୍ରଧାନ, ମାନସ ରଞ୍ଜନ ଲାଲା, ରାଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ଅଦରକାରୀ ସାମଗ୍ରୀରେ ୫ଇଞ୍ଚର ୩ରଥ

**ଖୋର୍ଦ୍ଧା,୨୮।୬(ପ୍ରଭାତ ପାଣିଗ୍ରାହୀ)**



ଶୁଭ୍ରାଂଶୁ ରଞ୍ଜନ ସାହୁ

ଖୋର୍ଦ୍ଧା ପଲଟଣ ପଡ଼ିଆର ଶୁଭ୍ରାଂଶୁ ରଞ୍ଜନ ସାହୁ। ଅଦରକାରୀ ସାମଗ୍ରୀରେ ନିର୍ମାଣ କରିଛନ୍ତି ୫ ଇଞ୍ଚର ନନ୍ଦିଘୋଷ ରଥ। ରଥରେ ମହାପ୍ରଭୁ ବିଜେ କରିଛନ୍ତି। ସୋସିଆଲ ମିଡିଆ(ୟୁଟ୍ୟୁବ)ରେ ଶୁଭ୍ରାଂଶୁଙ୍କ ଆକାଉଣ୍ଟ ରହିଛି। ସେ ଏହି ରଥ ନିର୍ମାଣର କଳା ପ୍ରଦର୍ଶନ କରିଛନ୍ତି। ଏହାକୁ ଶତାଧିକ ଲୋକ ଦେଖିଛନ୍ତି। ଅଦରକାରୀ କାର୍ଟୁନ, ବାହାଘର କାର୍ଡ ଓ କାର୍ଡବୋର୍ଡ, ଖବରକାଗଜ, ପ୍ରାକୃତିକ ରଙ୍ଗ, ରଙ୍ଗିନ ପେପରକୁ ବ୍ୟବହାର କରି ୫ଇଞ୍ଚର ଏହି ରଥ ପ୍ରସ୍ତୁତ କରିଛନ୍ତି। ତିନି ରଥରେ ୧.୫ର ତିନି ଠାକୁର ବିଜେ କରିଛନ୍ତି। ଠାକୁର ରୁପାର ମୁକୁଟ, ଅଳଙ୍କାର ପରିଧାନ କରିଛନ୍ତି। ଏଥିଲାଗି ତାଙ୍କୁ ୫ଦିନ ସମୟ ଲାଗିଛି। ଶୁଭ୍ରାଂଶୁଙ୍କ ଦ୍ୱାରା ନିର୍ମିତ ଏହି ରଥ ଦେଖିବା ଲାଗି ସାହି ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି। ମହାପ୍ରଭୁଙ୍କ ପ୍ରତି ରହିଥିବା ଭକ୍ତି ଓ ସମର୍ପଣ ଶୁଭ୍ରାଂଶୁଙ୍କୁ ଏହି ସଫଳତା ମିଳିଛି ବୋଲି ବାପା ଦୀପ୍ତିରଞ୍ଜନ କହିଛନ୍ତି। ଆଗକୁ ଶ୍ରୀଜଗନ୍ନାଥ ବିଭିନ୍ନ ବେଶ, ପରମ୍ପରା, ନୀତି ଚିତ୍ର ପ୍ରଦର୍ଶନୀ ଯୋଜନା ରଖିଛନ୍ତି। ଜେଜେମା' ସତ୍ୟଭାମା କୁହନ୍ତି, ପିଲାବେଳୁ ଶୁଭ୍ରାଂଶୁର ଶ୍ରୀଜଗନ୍ନାଥଙ୍କ ଅଗାଢ଼ ଭକ୍ତି ରହିଛି। ମହାପ୍ରଭୁଙ୍କ ଚିତ୍ର ଆଙ୍କିବାକୁ ସେ ଭଲ ପାଏ। ଗତବର୍ଷ ଗଢିଥିବା ରଥ ପ୍ରତିଷ୍ଠା କରାଯାଇଥିଲା। ଶତାଧିକ ଲୋକେ ରଥକୁ ଟାଣିଥିଲେ। ସେହିପରି ଶୁଭ୍ରାଂଶୁ କୁହନ୍ତି, ରଥଯାତ୍ରାରେ ପରିବାର ସହ ଶ୍ରୀକ୍ଷେତ୍ରକୁ ଯାଇଥାଏ। ରଥାରୂଢ଼ ଠାକୁର, ଆଡ଼ପ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। ସବୁ ସମୟରେ ମହାପ୍ରଭୁଙ୍କ କରୁଣା, ଆଶୀର୍ବାଦକୁ ଅନୁଭବ କରେ।

## ଟ୍ରାନ୍ସଫର୍ମର ଚୋରି ଉଦ୍ୟମ, ବିଦ୍ୟୁତ୍ କର୍ମଚାରୀ ଅଟକ

**ବାଣପୁର,୨୮।୬(ଦିଲୀପ କୁମାର ସ୍ୱାଇଁ)**

ସ୍ଥାନୀୟ ବରଡ଼ି ଗ୍ରାମର ମା' ବ୍ରାହ୍ମଣୀଦେବୀଙ୍କ ମନ୍ଦିର ପରିସରରେ ଲଗାଯିବା ପାଇଁ ଥିବା ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ବେଳେ ବାଣପୁର ସେକ୍ସନ-୨ର ବରିଷ୍ଠ ଲାଇନମ୍ୟାନ ପୂର୍ଣ୍ଣ ଚନ୍ଦ୍ର ସେଠୀ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିବା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଛନ୍ତି। ଶନିବାର ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ରଙ୍କୁ ବାଣପୁର ପୋଲିସ ଜିମା ଦେଇଛନ୍ତି। ଏନେଇ ଗ୍ରାମର ଉପସଭାପତି ବିନୋଦ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବରଡ଼ି ଗ୍ରାମର ମା'ବ୍ରାହ୍ମଣୀଦେବୀଙ୍କ ମନ୍ଦିର ପରିସରରେ ଲଗାଯିବା ପାଇଁ ଏକ ୨୫ କିଲୋ ଭୋଲ୍ଟର ବିପିଏଲ ଟ୍ରାନ୍ସଫର୍ମର ମନ୍ଦିର ପରିସରରେ ରଖାଯାଇଥିଲା। ଶୁକ୍ରବାର ରାତି ପ୍ରାୟ ୨ଟାରେ ତିନି ଜଣ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ କରୁଥଲେ। ଏହି ସମୟରେ କେତେଜଣ ଘର ବାହାରକୁ ଆସିଥିବା ବେଳେ ଟ୍ରାନ୍ସଫର୍ମର ଚୋରି ହେଉଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଏହା ପରେ ଗ୍ରାମବାସୀଙ୍କୁ ଦେଖି ଚୋରି ଉଦ୍ୟମ କରୁଥିବା ୩ଜଣ ଦୌଡ଼ି ପଳାଉଥିଲେ। ତେବେ ଗ୍ରାମବାସୀ ଗୋଡ଼ାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ଧରିଥିବା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଥିଲେ। ଶନିବାର ସକାଳେ ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ରଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ଏ ସମ୍ପର୍କରେ ବାଲୁଗାଁ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଦିଲୀପ କୁମାର ମାଝି କହିଛନ୍ତି, ବିଦ୍ୟୁତ୍ ବିଭାଗ ଏବଂ ପୋଲିସ ଅଭିଯୋଗର ତଦନ୍ତ କରୁଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ନୂଆଗଡ଼ ସ୍ୱୟଂ ସେବକ ସଂଘ ହରିପୁର ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ମେଧାବୀ ଛାତ୍ରୀଛାତ୍ର।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନିରାକାରପୁର,୨୮।୬(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତରେ ଥିବା ଉଗ୍ରତାରା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନୂଆଗଡ଼ ସ୍ୱୟଂ ସେବକ ସଂଘ ହରିପୁର ପକ୍ଷରୁ ତୃତୀୟ ବାର୍ଷିକ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ୩ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

**ବାଘମାରୀ,୨୮।୬(ମିହିର ରଞ୍ଜନ ମହାପାତ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅଧିକାରୀ ସୁଜିତ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଶନିବାର ସାରୁଅ ଗ୍ରାମ ପଟଣାସାହିରେ ଚଢ଼ାଉ କରିଥିଲା। ଏହି ଟିମ୍ ପ୍ରକାଶ କୁମାର ସାହୁ (୩୮)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩ କେଜି ଗଞ୍ଜେଇ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ପରେ ପ୍ରକାଶଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଜିଲା ଭ୍ରାମ୍ୟମାଣ ଅଧିକାରୀ ନାଗଙ୍କ ସମେତ ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ, ସତ୍ୟବ୍ରତ ମାଝୀ, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

# ଶ୍ୟାମ ଚାଲେଞ୍ଜର, ବ୍ଲାକ ପାନ୍ଥର ବିଜୟୀ

### ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍

**ଜଟଣୀ,୨୮।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ତିରିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶନିବାର ଶ୍ୟାମ ଚାଲେଞ୍ଜର ଏବଂ ଚାଲେଞ୍ଜର୍ସ -୧୧ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଶ୍ୟାମ ଚାଲେଞ୍ଜର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୭ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରିଥିଲା। ଜବାବରେ ଚାଲେଞ୍ଜର୍ସ-୧୧ ଟିମ୍ ୧୨.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଶ୍ୟାମ ଚାଲେଞ୍ଜର ବିଜୟୀ ହେବା ସହ ଏବି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶାହା ଇସାକ୍ ଅଲ୍ଲୀ ଏବଂ ସ୍ୱପ୍ନେଶର ମାର୍ଥା ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ଲାକ ପାନ୍ଥର ଏବଂ ହପ୍‌ସା ୱାରିୟର ଟିମ୍ ମଧ୍ୟରେ ହୋଇଥିଲା। ବ୍ଲାକ ପାନ୍ଥର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୪ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ହପ୍‌ସା ୱାରିୟର ୧୩ ଓଭରରେ ୯ ଉଇକେଟ ବିନିମୟରେ ୭୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ଅଭିଷେକ ନିଶଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯୋଗେଶ ମହାରଣା ଏବଂ ସଞ୍ଜୟ ରଥ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ।



ମ୍ୟାଚ ଆରମ୍ଭ ପୂର୍ବରୁ ଅତିଥିଙ୍କ ସହ ଖେଳାଳି ଏବଂ ଅନ୍ୟମାନେ।

# ସବୁଠି ଆବର୍ଜନା, କୂଅରେ ପଡ଼ିନି ବ୍ଲିଚିଂ

### ମଶା ବଂଶ ବୃଦ୍ଧି, ସ୍ୱାସ୍ଥ୍ୟ ବିଭାଗର ନାହିଁ ତତ୍ପରତା

**ବେଗୁନିଆ,୨୮।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ୍ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଜମିରହିଥିବା ଅଳିଆ ଆବର୍ଜନା ସଫେଇ କରାଯାଉ ନାହିଁ। ବର୍ଷା ଯୋଗୁ ଏହା ପଚିଶଢ଼ି ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏପରିକି ମାଛି ଏବଂ ମଶାଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ବହୁ ରୋଗୀ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଦୈନିକ ଆସୁଛନ୍ତି। ଅନ୍ୟପକ୍ଷରେ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆରେ ବହୁ ଲୋକ ଆକ୍ରାନ୍ତ ହୋଇଥାନ୍ତି। ତେବେ ଏହି ରୋଗର ମୁକାବିଲା କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଏପର୍ଯ୍ୟନ୍ତ ଘର ଘର ବୁଲି ହାଲୋଜିନ, ପାରାସିଟାମଲ ବଟିକା ବଣ୍ଟନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇନାହିଁ। ଗ୍ରାମାଞ୍ଚଳରେ ଥିବା ଖୋଲା କୂପରେ ବ୍ଲିଚିଂ ଏବଂ ଆବର୍ଜନା ସ୍ଥାନରେ ଡିଡିଟି ସିଞ୍ଚନ କରାଯାଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

ସୂଚନାଥାଉ କି, ବେଗୁନିଆ ବଜାର, ସାପ୍ତାହିକୀ ପରିବା ହାଟସ୍ଥଳ, ସ୍କୁଲ, କଲେଜ ପରିସର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ଜମା ହୋଇଛି। ବର୍ଷା ଯୋଗୁ ଏହା ପଚିଶଢ଼ି ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସଫେଇ ନ ହେବାରୁ ମାଛି ଓ ମଶାଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ବେଗୁନିଆ ସଦର ମହକୁମାସ୍ଥିତ ବ୍ଲକ୍, ତହସିଲ, ଥାନା କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଘାସ ଓ ଅଳିଆ ଗଦା ହୋଇ ରହିଛି। ବେଗୁନିଆ, ଡାଳତୋଳା, ବାଘମାରୀ ବଜାର ପାର୍ଶ୍ୱ କଥା ନ କହିବା ଭଲ। ଜଳଖିଆ, ଫାଷ୍ଟଫୁଡ, ଉଠାଦୋକାନ ପାର୍ଶ୍ୱରେ ଦୀର୍ଘଦିନ ଧରି ଆବର୍ଜନା ଜମା ହୋଇ ରହିଛି। ସେହିପରି ବ୍ଲକ୍ ଅଞ୍ଚଳରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଦା ହୋଇ ରହିଥିବା ଆବର୍ଜନା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଭିନ୍ନ ବଜାର ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡମ୍ପିଂୟାର୍ଡର ବ୍ୟବସ୍ଥା କରାଯାଇନାହିଁ। ବ୍ଲକ୍ ପ୍ରଶାସନ ଏବଂ ପଞ୍ଚାୟତ ପକ୍ଷରୁ ସବୁଠି ବର୍ଜ୍ୟବସ୍ତୁ ପରିଚାଳନା କମିଟି କରାଯାଇ ନ ଥିବା ବେଳେ ଗାଁ କଲ୍ୟାଣ କମିଟି ମଧ୍ୟ ସ୍ଥାଣୁ ପାଲଟିଛି। ସଚେତନତା ଓ ପ୍ରତିକାର ପ୍ରତି ଗୁରୁତ୍ୱ ଦିଆନଯାଏ, ଆଗାମୀ ଦିନରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ଶିବ କୁମାର ମୁନି, ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଏହି ବ୍ଲକ ଅଞ୍ଚଳରେ ଗତ ୫ବର୍ଷରେ ୩ଶହରୁ ଅଧିକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଡେଙ୍ଗୁ ରୋଗର ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଅଙ୍ଗନୱାଡି ଓ ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିଜ ସେକ୍ଟର ଅଞ୍ଚଳରେ ବର୍ଷାଋତୁରେ ବିଭିନ୍ନ ରୋଗରୁ ଲୋକେ କିଭଳି ଉପଚାର ପାଇପାରିବେ ଦୃଷ୍ଟି ଦେବାକୁ କୁହାଯାଇଛି।



ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାଟକ ପାର୍ଶ୍ୱରେ ଗଦା ହୋଇଥିବା ଆବର୍ଜନା।

## ସଂକ୍ଷେପରେ

### ଦୋକାନରୁ ଚୋରି ଅଭିଯୋଗରେ ୨ ଗିରଫ

ଚୌଦ୍ୱାର,୨୮।୬(ଆଶୁତୋଷ ଦାସ)

ଏକ ସୋଫା ଓ ଫର୍ନିଚର ତିଆରି ଦୋକାନରୁ ଚୋରି କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କପାଳେଶ୍ୱର ମୁଆସାହିର ଭୀମସେନ ବିଶ୍ୱାଳ(୨୩) ଓ ବାଗନ ପ୍ରଧାନ (୨୫)। ସେମାନଙ୍କ ନିକଟରୁ ପୋଲିସ ଏକ ଖଟ, ଚେୟାର ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ କପାଳେଶ୍ୱରରେ ଥିବା ଦୋକାନର ମାଲିକ ଅଜୟ ଅଗ୍ରୱାଲ ଥାନାରେ ଅଭିଯୋଗ କରିଥିଲେ ଯେ ରାତିରେ ଦୁର୍ବୃତ୍ତମାନେ ତାଙ୍କ ସୋଫା ଓ ଫର୍ନିଚର ତିଆରି ଦୋକାନରେ ପଶି ସୋଫା, ଚେୟାର ଓ ଖଟ ଆଦି ଚୋରି କରି ନେଇଛନ୍ତି। ପୋଲିସ ଏକ ମାମଲା (ନଂ.୩୭୫/୨୫)ରେ ରୁଜୁକରି ଘଟଣାର ତଦନ୍ତ କରି ଚୋରିରେ ସମ୍ପୃକ୍ତ ଭୀମସେନ ଓ ବାଗନଙ୍କୁ ଗିରଫ କରିଛି। ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଔଷଧ ବଣ୍ଟନ

ବାଙ୍କୀ,୨୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ତରଫରୁ ଶନିବାର ବେଲଗୋଛିଆ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଡିନ ପ୍ରଫେସର୍ ପ୍ରଦୀପ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଆୟୋଜିତ ଶିବିରରେ ଆଖପାଖ ଗ୍ରାମର ଶତାଧିକ ଲୋକ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଏଥିସହ ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ. ଦୁର୍ଗା ପ୍ରସାଦ ଦାଶ, ଡ. ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ. ସଞ୍ଜୀବ ଦାସ, ଡ. ଶିବକାନ୍ତ ଶର୍ମା, ଡ. ଧ୍ରୁବ ପ୍ରସାଦ, ଡ. ଶ୍ରୀନିବାସନ ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ସରପଞ୍ଚ ମାନିନୀ ସାହୁ ଓ ପଞ୍ଚାୟତ ଜନସାଧାରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜଗତପୁର ବୈକୁଣ୍ଠବିହାରରେ ବଡ଼ ଧରଣର ଚୋରି

**୨୦ଲକ୍ଷ ଟଙ୍କାର ଅଳଙ୍କାର, ନଗଦ ୮୦ହଜାର ଟଙ୍କା ଚୋରି**

ମଙ୍ଗୁଳି-ଜଗତପୁର,୨୮।୬(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ବୈକୁଣ୍ଠବିହାରର ବ୍ରଜମୋହନ ଶର୍ମାଙ୍କ ଘରେ ଏକ ବଡ ଧରଣର ଚୋରି (ସୁନା ଅଳଙ୍କାର)ହୋଇଥିବା ଜଣାପଡିଛି। ଏ ନେଇ ବ୍ରଜମୋହନଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚୋରି ସାମଗ୍ରୀଗୁଡ଼ିକ ମଧ୍ୟରେ ୨ଟି ଲେଖାଏଁ ସୁନା ହାର, ଚେନ, ମଙ୍ଗଳସୂତ୍ର, ଆଠଟି ସୁନା ମୁଦି, ୩ହଳ କାନଫୁଲ, ୫ଭରି ରୂପା ଅଳଙ୍କାର ଓ ନଗଦ ୮୦ହଜାର ଟଙ୍କା ରହିଛି। ଚୋରି ଅଳଙ୍କାର ମୂଲ୍ୟ ପାଖାପାଖି ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି।

ସୂଚନା ମୁତାବକ, ଗୁରୁବାର ରାତ୍ରିରେ ଦୁର୍ବୃତ୍ତମାନେ ଲଗାଣ ବର୍ଷାର ସୁଯୋଗ ନେଇ ବ୍ରଜମୋହନଙ୍କ ଘର ପଛ ଝରକା ତାଡି ଘର ଭିତରକୁ ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ଆଲମିରା ତାଡି ନଗଦ ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ। ପ୍ରକାଶ ଥାଉ କି, ପୂର୍ବରୁ ମଧ ପୁରୁଣା ଜଗତପୁର ଗ୍ରାମର ବନିତା ସାହୁ ଏବଂ ଲକ୍ଷ୍ମୀ ବିହାରର ଏକ ଫ୍ଲାଟରୁ ବିପୁଳ ପରିମାଣର ସୁନା, ରୂପା ଅଳଙ୍କାର ସାଙ୍ଗକୁ ନଗଦ ଟଙ୍କା ଚୋରି ହେବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଏଯାଏ କୌଣସି ଟେର୍ ପାଇନାହିଁ। ଏ ନେଇ ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି, ଛକ ଛକରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ଚୋରି ଘଟଣାର ସୁରାକ ଖୋଜୁଛି। ଖୁବଶୀଘ୍ର ଚୋରି ଘଟଣାର ପର୍ଦ୍ଦାଫାଶ କରିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଠିକାଦାର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)



ଲାଲବାଗ ଥାନାରେ ଏତଲା ଦେବାକୁ ଆସିଥିବା କଟକ ନଗର ଯୁବ କଂଗ୍ରେସ ପ୍ରତିନିଧିମାନେ।

**ବର୍ଷାରେ ଶିଶୁଭବନର ପାରାପିଟ୍ ଭାଙ୍ଗିପଡ଼ିବା ଘଟଣା**

**ଥାନାରେ ଏତଲା ଦେଲା କଟକ ନଗର ଯୁବ କଂଗ୍ରେସ**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନ (ଶିଶୁଭବନ)ର ନୂତନ କୋଠାର ଦ୍ୱିତୀୟ ମହଲା ବାହାର ପାର୍ଶ୍ୱରେ ଥିବା ତାଳାର ୫ ଇଞ୍ଚିଆ ପାରାପିଟ୍ (କାନ୍ଥ) ଭାଙ୍ଗିପଡ଼ିବା ଘଟଣାରେ ଦୋଷୀଙ୍କ ବିରୁଦ୍ଧ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଶନିବାର କଟକ ନଗର ଯୁବ କଂଗ୍ରେସ ପକ୍ଷରୁ ଲାଲବାଗ ଥାନାରେ ଏତଲା ଦିଆଯାଇଛି। ଶିଶୁଭବନ ଭଳି ଗୋଟେ ହସ୍ପିଟାଲରେ ଏଭଳି ନିମ୍ନମାନର କାର୍ଯ୍ୟ କରିଥିବା ସମ୍ପୃକ୍ତ ଠିକାଦାର, ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ଯଦିଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୁଏ ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କଟକ ନଗର ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ଅମିତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତ ବୁଧବାର ଅପରାହ୍ନରେ ହୋଇଥିବା ବର୍ଷାରେ ଶିଶୁଭବନ ନୂତନ କୋଠାର ଦ୍ୱିତୀୟ ମହଲା ବାହାର ପାର୍ଶ୍ୱରେ ଥିବା ତାଳାର ୫ ଇଞ୍ଚିଆ ପାରାପିଟ୍ (କାନ୍ଥ) ଭାଙ୍ଗିପଡ଼ିଛି। ଏହା ଭାଙ୍ଗିପଡ଼ିବାରୁ ତଳେ ଥିବା ରୋଗୀଙ୍କ ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ପ୍ରାୟ ୧୦ରୁ ଅଧିକ ଗାଡ଼ି ଭାଙ୍ଗି ଯାଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଏଥିସହିତ ନୂତନ କୋଠାରେ ବର୍ଷାଜଳ ନିଷ୍କାସନର ଠିକ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ମେଡିକାଲ ପରିସରରେ ପଶିଥିଲା। ଏପରିକି ଲିଫ୍ଟ ବାଟେ ପାଣି ଆସିବା ସହ ସିଲିଂ ଭାଙ୍ଗି ବର୍ଷା ପାଣି ତଳମହଲାରେ ଥିବା କାଜୁଆଲ୍ଟି ସମ୍ମୁଖରେ ଜମିଥିଲା। ଏଭଳି ଘଟଣା ପରେ ମେଡିକାଲ ଅଧୀକ୍ଷକ କିମ୍ବା କୌଣସି ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ଖବର ପାଇ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଘଟଣାସ୍ଥଳରେ ପହଞ୍ଚି ମେଡିକାଲ ପରିସର ବୁଲି ଦେଖିଥିଲେ। ଅଘଟଣ ଘଟିବା ପରେ ମେଡିକାଲ ଅଧୀକ୍ଷକ ଉପସ୍ଥିତ ନ ଥିବା ଘଟଣା ନେଇ ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲାପାଳ କହିଥିଲେ।

# ପୁଅ କାଠଫାଳିଆ ମାଡ଼ରେ ବାପା ମୃତ

ମଙ୍ଗୁଳି-ଜଗତପୁର,୨୮।୬(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ବରପଦା ଗ୍ରାମରେ ଜଣେ ପୁଅର କାଠ ଫାଳିଆ ମାଡରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବରପଦା ଗ୍ରାମର ବିପିନ ବିହାରୀ ସ୍ୱାଇଁ (୫୨)। ମୃତକଙ୍କ ସାନଭାଇ ପୁଅ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୮୨/୨୫) ରୁଜୁ କରିଛି। ଶନିବାର ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

ସୂଚନା ମୁତାବକ, ମୃତକଙ୍କ ପୁଅ ବିଶ୍ୱଜିତ ଚୌଦ୍ୱାରସ୍ଥିତ ଏଆର୍‌ସିରେ ସରକାରୀ ଚାକିରି କରୁଛନ୍ତି। ସେ ଯେବେ ଗ୍ରାମକୁ ଆସିବେ ନିଶାରେ ବୁଡି ରହି ଗ୍ରାମର ସାହିଭାଇଙ୍କୁ ଗାଳିଗୁଲଜ କରିଥାଏ। ସେହିପରି ଗତ ରବିବାର ଅପରାହ୍ନରେ ବିଶ୍ୱଜିତ ହଠାତ ଦାଦା ପୂର୍ଣ୍ଣାନନ୍ଦଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ପାଟି ଶୁଣି ବିପିନ ଦୌଡି ଯାଇ ପୁଅ ବିଶ୍ୱଜିତଙ୍କୁ ସେଠାରୁ ଘରକୁ ନେଇ ଆସିଥିଲେ। ବିଶ୍ୱଜିତ ଥମିବା ପରିବର୍ତ୍ତେ ଘରୁ ଏକ କାଠ ଫାଳିଆ ନେଇ ପୁନଶ୍ଚ ମାରିବାକୁ ଉଦ୍ୟମ କରିଥିଲେ। ବିପିନ ପୁଅକୁ ପୁନଶ୍ଚ ଅଟକାଇ ହାତରୁ କାଠ ଫାଳିଆ ଛଡେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଶ୍ୱଜିତ ରାଗି ଯାଇ ସେହି କାଠ ଫାଳିଆରେ ବାପା ବିପିନଙ୍କ ମୁଣ୍ଡ, ହାତ, ଗୋଡରେ ପିଟିଥିଲେ। ଫଳରେ ବିପିନଙ୍କ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇ ଚେତାଶୂନ୍ୟ ହୋଇପଡିଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିପିନଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ମେଡିକାଲ ପଠାଇଥିଲା। କିନ୍ତୁ ୪ ଦିନ ଚିକିତ୍ସା ପରେ ଗୁରୁବାର ବିପିନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ପୁଅଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଥାନା ଅଧିକାରୀ କହିଛନ୍ତି, ହତ୍ୟାକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୋଲିସ ନିୟୋଜିତ କରାଯାଇଛି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ

କଟକ,୨୮।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଦରଘାବଜାରସ୍ଥିତ କମିଟି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଭିକାରୀ ଦାସ ଗୋପବନ୍ଧୁ ଦାସଙ୍କ ତ୍ୟାଗପୂତ ଜୀବନ ଓ ସମାଜ ସେବା କ୍ଷେତ୍ରରେ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ଦେବେନ୍ଦ୍ର କାହାଳୀ, ମନୋରଞ୍ଜନ ସାହୁ, ରାକେଶ ସାହୁ, ରବୀନ୍ଦ୍ର ବେହେରା, ଡ. ଦ୍ୱିପାୟନ ପଟ୍ଟନାୟକ, ସୁବାଶିଷ କର ପ୍ରମୁଖ ଉପସ୍ଥିତ ରହିଥିଲେ।

# ୯ରେ ହେବ ଦେଶବ୍ୟାପୀ ସାଧାରଣ ଧର୍ମଘଟ



ଓଏସ୍‌ଏସ୍‌ଟିଏ ସମ୍ମିଳନୀ କକ୍ଷରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଅନୁଷ୍ଠିତ କନଭେନଶନରେ ଯୋଗଦେଇଥିବା କର୍ମକର୍ତ୍ତା।

**ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ କନଭେନଶନ**

କଟକ,୨୮।୬(କାର୍ତ୍ତିକ ସାହୁ)

ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇଁ ଆଇନ କରିବା, ଖାଲି ପଡିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା ଆଦି ପ୍ରମୁଖ ୧୭ ଦଫା ଦାବିରେ ଜୁଲାଇ ୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ। ଏହି ଧର୍ମଘଟ ସଫଳ ପାଇଁ କଟକ ଜିଲାସ୍ତରୀୟ କନଭେନସନ ନୟାସଡ଼କସ୍ଥିତ ଓଷ୍ଟା ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କନଭେନସନରେ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଅମୃତା ଦାସ, ଉଷାରାଣୀ ମହାପାତ୍ର, ନିର୍ମଳ ଦାସ, ଅଜୟ ବେହୁରିଆଙ୍କୁ ନେଇ ଏକ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟ ପ୍ରୟୋଜନୀୟ ଜିନିଷର ଦର ବୃଦ୍ଧି ବନ୍ଦ କରିବା, ଜନବିରୋଧୀ ଶ୍ରମ କୋଡ ବାତିଲ, ୨୦୨୦ ଜାତୀୟ ଶିକ୍ଷା ନୀତି ବାତିଲ, ବିଦ୍ୟୁତ୍ ଆଇନ ୨୦୨୨ ବାତିଲ ଦାବି କରିବାକୁ ବକ୍ତାମାନେ ଆଲୋଚନା କରିଥିଲେ। ଏଆଇଟିୟୁସି ପକ୍ଷରୁ ଅମରେନ୍ଦୁ ମହାନ୍ତି, ସିଆଇଟିୟୁ ପକ୍ଷରୁ ରବିନାରାୟଣ ମଲ୍ଲିକ, ଏଆଇୟୁଟିୟୁସି ପକ୍ଷରୁ ରାଜକିଶୋର ମଲ୍ଲିକ, ଆଇଏନଟିୟୁସି ପକ୍ଷରୁ ସନ୍ତୋଷ ଭୋଳ, ଏଲ୍‌ପିଏଫ୍ ପକ୍ଷରୁ ମନୋରଞ୍ଜନ ମହାରଣା, ଏନ୍‌ଏଫ୍‌ଆଇଟିୟୁ ପକ୍ଷରୁ ନିହାରରଞ୍ଜନ ଦାସ, ସିଟି କୋ-ଅର୍ଡିନେଶନ ପକ୍ଷରୁ ଅକ୍ଷୟ ଦାସ, ସିଟି ଫେଡେରେଶନ ପକ୍ଷରୁ ବିପିନ ପାଢ଼ୀ, ଏଆଇକେକେଏମ୍‌ଏସ୍ ପକ୍ଷରୁ ବସନ୍ତ ନାୟକ, ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ମାଳବିକା ସାମଲ, ଏଆଇଡିଏସ୍‌ଓ ପକ୍ଷରୁ ତରୁଣସେନ ନାୟକ, କର୍ମଚାରୀ ନେତା ରବିନ୍ଦ୍ରନାଥ ଧଳ, ପ୍ରଦୀପ କୁମାର ସିହ୍ନ, ସୌଭାଗ୍ୟ କେତେକ ସାମଲ, ଅଶୋକ ତା ପ୍ରମୁଖ ସମସ୍ୟାଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।

### ଜମିଜମା ରେକର୍ଡ ସଂଶୋଧନରେ ମୃତ୍ୟୁ ପ୍ରମାଣ ପତ୍ର ମୁଖ୍ୟ ପ୍ରତିବନ୍ଧକ

କଟକ ସଦର,୨୮।୬(ସୁଶାନ୍ତ କୁମାର ଜେନା)

ଜମିଜମା ରେକର୍ଡ ସଂଶୋଧନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ବିନା ମୂଲ୍ୟରେ ମୃତକଙ୍କ ନାମ ବାଦ ଦେଇ ଉତ୍ତରାଧିକାରୀଙ୍କ ନାମ ସାମିଲ କରାଯିବ। କଟକ ସଦର ତହସିଲ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅଧିକାଂଶ ଲୋକଙ୍କ ମୃତ୍ୟୁ ପ୍ରମାଣ ପତ୍ର ନ ଥିବାରୁ ଜମି ପଟ୍ଟା ସଂଶୋଧନ ହୋଇ ପାରୁନାହିଁ ବୋଲି ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ କହିଛନ୍ତି। ୧୯୭୪ ବନ୍ଦୋବସ୍ତ ପରେ ୪୨ ମୌଜା ଅଞ୍ଚଳରେ ଜମି ରେକର୍ଡ ସଂଶୋଧନ କରାଯାଇ ନ ଥିଲା। ବର୍ତ୍ତମାନ ନୂଆ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଗରିବ ଓ ମଧ୍ୟମିତ ପରିବାର ଲୋକଙ୍କ ପକ୍ଷରେ ଏହା ସମ୍ଭବ ହେଉନାହିଁ। ତେଣୁ ରାଜ୍ୟ ସରକାର କେବଳ ଜମି ରେକର୍ଡ ସଂଶୋଧନ ପାଇଁ ସରପଞ୍ଚଙ୍କ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହୋଇପାରିବ ବୋଲି ନିର୍ଦ୍ଦେଶନାମା ଜାରି କରିବାକୁ ଦାବି କରିଛନ୍ତି। ଏହା ସରକାରୀ ନିଷ୍ପତ୍ତି ହୋଇଥିବାରୁ ଏହା ଉପରେ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ ମତ ଦେଇନାହାନ୍ତି।

# ୫୮ ନଂ. ୱାର୍ଡର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



ବିଧାୟକ ଫିତାକାଟି ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ଫୁଲନଖରା,୨୮।୬(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ଅନ୍ତର୍ଗତ ୫୮ ନଂ. ୱାର୍ଡର ବିଭିନ୍ନ ଗ୍ରାମରେ ଦୀର୍ଘ ଦିନଧରି ପଡି ରହିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶିଳାନ୍ୟାସ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ କରିଛନ୍ତି। ପ୍ରକାଶ ଥାଉକି ୱାର୍ଡର ପ୍ରତାପ ନଗରୀ ତ୍ରିନାଥ ମନ୍ଦିର ସାହିର ବାସିନ୍ଦାମାନେ ଦୀର୍ଘ ବର୍ଷ ହେବ ପାଣି କାଦୁଅରେ ଯାତାୟାତ କରୁଥିଲେ। ସ୍ୱଳ୍ପ ବର୍ଷା ହେଲେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଲୋକମାନେ ଘରୁ ବାହାରିବାରେ ବହୁ ଅସୁବିଧା ଭୋଗୁଥିଲେ। ଏ ନେଇ ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡା ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷ ସମେତ ସଦର ବିଧାୟକ ଇଂ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଇଂ.ସେଠୀ ସମସ୍ୟାକୁ ଗୁରୁତ୍ୱ ଦେଇ ଡ୍ରେନେଜ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସେହିଭଳି ନୂଆଗଡ଼ ପଡିଆଠାରୁ ମକରା ଖୁଣ୍ଟିଆ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଜ୍ୟୋତ୍ସ୍ନା ବିହାର ସୌମ୍ୟ ରଞ୍ଜନ ସାହୁଙ୍କ ଘରଠାରୁ ବସନ୍ତ ସାହୁଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଧାକୁଲେଇ ପୀଠରେ ଗୃହ ନିର୍ମାଣ, ଜାତୀୟ ରାଜପଥଠାରୁ ଭାଣପୁର ପଡିଆ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ପ୍ରମୁଖ ୫ଟି ପ୍ରକଳ୍ପର ବିଧାୟକ ଶିଳାନ୍ୟାସ କରିଥିଲେ। ଏଥିପାଇଁ ୧ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ ହୋଇଛି। କାର୍ଯ୍ୟକ୍ରମରେ ସିଟି ଇଞ୍ଜିନିଅର ଅତନୁ କୁମାର ସାମନ୍ତ, କନିଷ୍ଠ ଯନ୍ତ୍ରୀ ଗୀତ ରାଣୀ ସାହୁ, ସାମାଜିକ କର୍ମୀ ସନ୍ତୋଷ ଲେଙ୍କା, ଜ୍ୟୋତ୍ସ୍ନା ବିହାର ଡେଭଲପମେଣ୍ଟ ସୋସାଇଟି ସଭାପତି ପ୍ରଭାତ ନନ୍ଦ, ନୂଆଗଡ଼ ଗ୍ରାମ କମିଟି ସଭାପତି ବିକ୍ରମ ଶତପଥି, ସାମାଜିକ କର୍ମୀ କମଲ ଉଦ୍ଦିନ, ଶରତ କୁମାର ଜେନା, ଶଙ୍କର ରାଉତ, ଗୋବିନ୍ଦ ରାଉତ, ସୁଶାନ୍ତ କୁମାର ରାଉତ, ସାମାଜିକ କର୍ମୀ ପ୍ରମୋଦ ଓଝା, ଭାଣପୁର ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ଜେନା, ଉପସଭାପତି ସନାତନ ରାଉତ, ସମ୍ପାଦକ ଦିଲୀପ କୁମାର ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଆଦିବାସୀ ବହୁଳ ସଫା ଗ୍ରାମପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ମଙ୍ଗୁଳି-ଜଗତପୁର,୨୮।୬ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଆଦିବାସୀ ବହୁଳ ସଫା ଗ୍ରାମପଞ୍ଚାୟତରେ ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଏକ ବୃହତ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୋଟାରୀ ଜିଲା ପାନ୍ତପାଳ ଯଜ୍ଞାଶିସ ମହାପାତ୍ର, ପୂର୍ବତନ ଜିଲା ପାନ୍ତପାଳ ବିନ୍ଧୁ ସିଂ ଓ ଶରତ ଚନ୍ଦ୍ର, ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ଶେଖର ଜେନା, ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଫା ଗ୍ରାମପଞ୍ଚାୟତସ୍ଥିତ ଡାହାଣୀ ଗଡିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ପାନୀୟ ଜଳ ମେଶିନ, ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ନିମନ୍ତେ ହସ୍ତ ପଖାଳନ କେନ୍ଦ୍ର ଓ ବିଭିନ୍ନ ଫୁଲଫଳ ଔଷଧୀୟ ବୃକ୍ଷ ଚାରା ପ୍ରତିରୋପଣ କରାଯିବା ସଙ୍ଗେ ସଙ୍ଗେ ଏକ ସୁନ୍ଦର ବଗିଚା ଉଦ୍‌ଘାଟନ କରିଥିଲେ। ଏଥିସହ ଶତାଧିକ ଅସହାୟ ବୃଦ୍ଧା ଓ ବୃଦ୍ଧମାନଙ୍କୁ ଛତା, ମଶାରୀ ଲୁଗା, ଲୁଙ୍ଗି ବଣ୍ଟନ କରାଯାଇଥିଲା। ପରେ ସଫା ଡାକ୍ତରଖାନାଠାରେ ଶାନ୍ତିସ୍ତମ୍ଭ ଉଦ୍‌ଘାଟନ କରାଯାଇଥିଲା। ଚୌଦ୍ୱାର ଅଞ୍ଚଳ ରୋଟାରୀ କମିଟି କ୍ଲବ ସଭାପତି ମାନସ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷୟିତ୍ରୀ କୁନ୍ତଳା ନାୟକ ସହଯୋଗ କରିଥିଲେ।

# ‘ସ୍ୱାଧୀନ ମତ’ର ପ୍ରଥମ ସଂଖ୍ୟା ଲୋକାର୍ପିତ



ପାକ୍ଷିକ ଖବରକାଗଜ ‘ସ୍ୱାଧୀନ ମତ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୨୮।୬(କାର୍ତ୍ତିକ ସାହୁ)

ପାକ୍ଷିକ ଖବରକାଗଜ ‘ସ୍ୱାଧୀନ ମତ’ର ପ୍ରଥମ ସଂଖ୍ୟା ସ୍ୱରାଜ ଆଶ୍ରମଠାରେ ଗୁରୁବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ଶିବ ଟୋପୋ ବର୍ତ୍ତମାନ ସମୟରେ ଛାପା ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ନଟବର ଶତପଥୀ ପ୍ରକାଶ ପାଉଥିବା ସମ୍ବାଦପତ୍ରର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀ କାନ୍ତ ସାହୁ, ମହାସଚିବ ମିଳିତ ଜାତିସଂଘ, ଓଡିଶା ଶାଖା ଡଃ. ଦୀପାୟନ ପଟ୍ଟନାୟକ, ଭାରତ ସ୍କାଉଟ ଗାଇଡର ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ବିଶିଷ୍ଟ ଶିକ୍ଷାବିତ ଗିରିଶ ଚନ୍ଦ୍ର ସାହୁ, ରୋଟାରିଆନ ଡାକ୍ତର ଆଲୋକ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କବି ରବୀନ୍ଦ୍ର ନାଥ ମିଶ୍ର ଏବଂ ସାମାଜିକ କର୍ମୀ ପନ୍ନଗ ଭୂଷଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଶ୍ରୀ ଶୁଭେନ୍ଦୁ କୁମାର ମହାନ୍ତି, ଶ୍ରୀ କୃଷ୍ଣ ଚନ୍ଦ୍ର ମଲ୍ଲିକ, ଶ୍ରୀ ଶ୍ରୀବନ୍ତ ଜେନା, ସହକାରୀ ସୂଚନା ଅଧିକାରୀ ପଢିଆରୀ ପାଠାଗାର, ସ୍ୱାଗତିକା ବେହେରା, ଭାରପ୍ରାପ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଏବଂ ଶିକ୍ଷାବିତ ମିହିର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ, ଚାକିରିରେ ରହିବେ ଅଧାପକ

କଟକ,୨୮।୬(କାର୍ତ୍ତିକ ସାହୁ)



**ଅଧାପକଙ୍କ ଜନ୍ମ ତାରିଖ ସଂଶୋଧନରେ ନିଷ୍କ୍ରିୟତା ମାମଲା**

ଜଣେ ଇଂଲିଶ ଅଧାପକଙ୍କ ଚାକିରି ସମ୍ପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ କରିବା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରୁଥିବା ବେଳେ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଚାକିରି ସଂକ୍ରାନ୍ତ ଫାଇଲରେ ଜନ୍ମ ତାରିଖ ସଂଶୋଧନ ହୋଇ ନ ଥିବାରୁ ଅଧାପକ ଜୁନ ୩୦ରେ ଅବସର ଗ୍ରହଣ କରିଥାନ୍ତେ। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଅଧାପକଙ୍କ ଜନ୍ମ ତାରିଖ ଯାଞ୍ଚ ସମ୍ପର୍କିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ରିପୋର୍ଟକୁ ବିଚାରକୁ ନିଆଯାଇ ୨ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଭଳି ସ୍ଥିତିରେ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୧କୁ ଧାର୍ଯ୍ୟ କରିଛନ୍ତି। ଏଥି ସହିତ ଆଧାପକଙ୍କୁ ନିଜ ପଦରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଯାଜପୁର ଅଙ୍ଗାଳୋସ୍ଥିତ ଲଛମନଜୀଉ କଲେଜର ଅଧାପକ ଆଲୋକଚନ୍ଦ୍ର ବାରିକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ଅଧାପକ ଜୁନ ୩୦ରେ ଅବସର ନ ନେଇ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଜ ପଦବୀରେ କାର୍ଯ୍ୟ କରିବେ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୧୯୮୩ରେ ମାଟ୍ରିକ୍ ପାସ କରିଥିବା ବେଳେ ତାଙ୍କ ଆଡମିଟ କାର୍ଡ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୭, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ରେ ସେ ପାଇଥିବା ଚୂଡାନ୍ତ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମତାରିଖ ୧୯୬୫, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା। ବାରମ୍ବାର ଅନୁରୋଧ ପରେ ବି ତାଙ୍କ ମାଟ୍ରିକ ସାର୍ଟିଫିକେଟରେ ଜନ୍ମ ତାରିଖ ସଂଶୋଧନ ହୋଇ ପାରି ନ ଥିଲା। ୨୦୨୫ ଏପ୍ରିଲରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ କରାଯାଇ ସାନି ମାଟ୍ରିକ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହାପରେ ଚାକିରି ସମ୍ପର୍କିତ ଫାଇଲରେ ଜନ୍ମତାରିଖ ସଂଶୋଧନ ପାଇଁ ସେ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ। ଆବେଦନକାରୀ ଇଂଲିଶ ଅଧାପକ ଭାବେ କାର୍ଯ୍ୟରତ ଥିବା ଲଛମନଜୀଉ କଲେଜର ଅଧକ୍ଷଙ୍କ ପକ୍ଷରୁ ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିଲା। ଏହାପରେ ମଧ ଆବେଦନକାରୀଙ୍କ ଚାକିରି ସମ୍ପର୍କିତ ଫାଇଲରେ ପ୍ରକୃତ ଜନ୍ମ ତାରିଖ ସଂଶୋଧନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଡାକ୍ତର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

# ୫ଦିନ ପରେ ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଟାଙ୍ଗୀ,୨୮।୬(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତ ଦୀକ୍ଷିତପଡ଼ା ଗ୍ରାମର ଗଜେନ୍ଦ୍ର ବେହେରା(୩୨) ଦୁବାଇର ଏକ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ଗତ ୨୩ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁର ୫ଦିନ ପରେ ଅର୍ଥାତ୍ ଶନିବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ଏହା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନାଥାଉ କି, ଗଜେନ୍ଦ୍ର ୨୦୨୩ ଡିସେମ୍ବରରୁ ଦୁବାଇରେ


ଗଜେନ୍ଦ୍ର ବେହେରା

ଏକ କମ୍ପାନୀର ବିଲ୍ଡିଂ ନିର୍ମାଣ କାର୍ଯ୍ୟର ଷ୍ଟିଲ ଫିକ୍ସରଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଗତ ୨୩ ତାରିଖରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ଥିବା ତାଙ୍କ ସାଙ୍ଗ ଗଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ଟେଲିଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତଦେହ ଗ୍ରାମକୁ ଆଣିବା ପାଇଁ ପରିବାର ସଦସ୍ୟମାନେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀଙ୍କ ନିକଟରେ ନିବେଦନ କରିଥିଲେ। ଏନେଇ ଏମ୍ପି ଷଡ଼ଙ୍ଗୀ ୨୪ତାରିଖରେ ଦିଲ୍ଲୀସ୍ଥିତ ବୈଦେଶିକ ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖି ଗଜେନ୍ଦ୍ରଙ୍କ ମୃତଦେହ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ତେବେ ଶେଷରେ ଶନିବାର ଗଜେନ୍ଦ୍ରଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଗ୍ରାମ ଶ୍ମଶାନରେ ମୃତଦେହ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟପଟେ ମୃତଦେହ ଫେରାଇଆଣିବାକୁ ସହଯୋଗ କରିଥିବାରୁ ଗ୍ରାମର ସୁଶାନ୍ତ ସାମନ୍ତରାୟ, ପ୍ରଦୀପ ମହାରଥୀ, ସଂଗ୍ରାମ ବିଶ୍ୱାଳ, ଏମ୍ପିଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ପ୍ରମୁଖ ଭୁବନେଶର ଏମ୍ପି ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରାଜପଥ ପାର୍ଶ୍ୱକୁ ଖସିଲା କାର୍, ୫ ଆହତ

ବାଲୁଗାଁ,୨୮।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ରାସ୍ତା ୧୬ନମ୍ବର ଜାତୀୟ ରାଜପଥର ଖଡ଼ିକାପଲ୍ଲୀ ଛକ ନିକଟରେ ଶନିବାର ଭୋରୁ ଏକ କାର୍ ୨୦ ଫୁଟ ତଳକୁ ଖସିପଡ଼ିଛି। ଫଳରେ କାର୍‌ରେ ଥିବା ଗୋଟିଏ ପରିବାରର ୫ଜଣ ଆହତ ହୋଇଛନ୍ତି। ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି । ସୂଚନା ମୁତାବକ, ବ୍ରହ୍ମପୁର ଅଞ୍ଚଳର ରବୀନ୍ଦ୍ର କୁମାର ସାହୁ ଓ ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ରଥଯାତ୍ରା ନିମନ୍ତେ କାର୍‌ରେ ପୁରୀ ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ବେଳେ ଭୋର ପ୍ରାୟ ୪ଟାରେ ଖଡ଼ିକାପଲ୍ଲୀ ଛକଠାରେ ଅସାବଧାନତାବଶତଃ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ୨୦ଫୁଟ ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି କାର୍‌ରୁ ଆହତ ଅବସ୍ଥାରେ ୫ଜଣଙ୍କୁ ଉଦ୍ଧାର କରି ବାଲୁଗାଁ



ମେଡିକାଲ ପଠାଇଥିଲେ। ଚିକିତ୍ସିତ ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବେଗୁନିଆ,୨୮।୬(ସନ୍ଧ୍ୟାରାଣୀ ମିଶ୍ର):

ବିଦ୍ୟୁତ୍ ଆଘାତରେ ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମର ଅଜୟ ରାଉତରାୟ(୫୫)। ସୂଚନା ଅନୁଯାୟୀ, ଭୁବନେଶରରେ ଅଜୟ ବ୍ୟବସାୟ କରି ପରିବାର ଚଳାଇବା ସହ ଏଠାରେ ରହୁଥିଲେ। ତେବେ ଶନିବାର ପୂର୍ବାହ୍ନରେ ସେ ବିଦ୍ୟୁତ୍ ଆଘାତରେ ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ପ୍ରକାଶ କରିଛନ୍ତି।

### ଅଟୋ ଧକ୍କାରେ ବାଇକ୍ ଆରୋହୀ ଆହତ

ବେଗୁନିଆ,୨୮।୬(ସନ୍ଧ୍ୟାରାଣୀ ମିଶ୍ର):

ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର-କଣ୍ଟାବାଡ଼ ରାସ୍ତାରେ ଏକ ଅଟୋ ଧକ୍କାରେ ଜଣେ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେ ହେଲେ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଦିବାକର ଶତପଥୀ। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କୋଲୁହାପାଟଣା ଗ୍ରାମର ଦିବାକର କୌଣସି କାର୍ଯ୍ୟରେ କଣ୍ଟାବାଡ ଯାଉଥିଲେ। ଗୋବିନ୍ଦପୁର-କଣ୍ଟାବାଡ଼ ରାସ୍ତାରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ।

# ମାଙ୍କଡ଼ା ପଥର ବୋଝେଇ ୨ ଗାଡ଼ି ଜବତ

ଟାଙ୍ଗୀ,୨୮।୬(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ମାନସିଂହପୁର ଗ୍ରାମ ମା'ଡୋମଣି ପୋଖରୀ ଖୋଳାଯିବା ଆଳରେ ମାଙ୍କଡ଼ା ପଥର କଟାଯାଇ ବାହାରକୁ ଚାଲାଣ ହେଉଥିବା ବେଳେ ପୋଲିସ ମାଙ୍କଡା ପଥର ବୋଝେଇ ୨ ଗାଡ଼ି ଜବତ କରିଛି। ସୂଚନା ମୁତାବକ, ଏହି ପୋଖରୀ ଖୋଳାଯିବା ପାଇଁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଶ୍ରମିକମାନଙ୍କ ଦ୍ୱାରା ଖୋଳାଯିବା ପାଇଁ ନିୟମ ଥିବାବେଳେ ମେଶିନ ମାଧ୍ୟମରେ ମାଙ୍କଡା ପଥର କଟାଯାଇ ବାହାରକୁ ଗାଡ଼ି ମାଧ୍ୟମରେ ଚାଲାଣ କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଶନିବାର ଗ୍ରାମବାସୀ ମାଙ୍କଡା ବୋଝେଇ ପଥର ଦୁଇଟି ଗାଡିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

# ଜୁଲାଇ ୯ରେ ହେବ ଦେଶବ୍ୟାପୀ ସାଧାରଣ ଧର୍ମଘଟ

କଟକ,୨୮।୬(କାର୍ତ୍ତିକ ସାହୁ)

ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇଁ ଆଇନ କରିବା, ଖାଲି ପଡିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା ଆଦି ୧୭ ଦଫା ଦାବିରେ ଜୁଲାଇ ୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ। ଏହି ଧର୍ମଘଟ ସଫଳ ପାଇଁ କଟକ ଜିଲାସ୍ତରୀୟ କନଭେନସନ ନୟାସଡ଼କସ୍ଥିତ ଓଷ୍ଟା ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କନଭେନସନରେ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଅମୃତା ଦାସ, ଉଷାରାଣୀ ମହାପାତ୍ର, ନିର୍ମଳ ଦାସ, ଅଜୟ ବେହୁରିଆଙ୍କୁ ନେଇ ଏକ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟ ପ୍ରୟୋଜନୀୟ ଜିନିଷର ଦର ବୃଦ୍ଧି ବନ୍ଦ କରିବା, ଜନବିରୋଧୀ ଶ୍ରମ କୋଡ ବାତିଲ, ୨୦୨୦ ଜାତୀୟ ଶିକ୍ଷା ନୀତି ବାତିଲ, ବିଦ୍ୟୁତ୍ ଆଇନ ୨୦୨୨ ବାତିଲ ଦାବି କରିବାକୁ ବକ୍ତାମାନେ ଆଲୋଚନା କରିଥିଲେ। ଅମରେନ୍ଦୁ ମହାନ୍ତି, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ସନ୍ତୋଷ ଭୋଳ, ମନୋରଞ୍ଜନ ମହାରଣା, ନିହାର ରଞ୍ଜନ ଦାସ, ଅକ୍ଷୟ ଦାସ, ବିପିନ ପାଢ଼ୀ, ବସନ୍ତ ନାୟକ, ମାଳବିକା ସାମଲ, ତରୁଣସେନ ନାୟକ, ରବିନ୍ଦ୍ରନାଥ ଧଳ, ସୌଭାଗ୍ୟ କେତେକ ସାମଲ ପ୍ରମୁଖ ସମସ୍ୟାଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।

# ଘର ପାଲଟିଛି ଗୁଣ୍ଡିଚା ମନ୍ଦିର

ଖୋର୍ଦ୍ଧା,୨୮।୬
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଲୋକେଶ୍ୱରପୁର ଚତୁର୍ଥ ଶ୍ରେଣୀର ଛାତ୍ର ସାଇ ସମ୍ମିତ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ନନ୍ଦିଘୋଷ ରଥରେ ବିଜେ କରିଛନ୍ତି ତିନି ଠାକୁର। ଅଦରକାରୀ କାଗଜ, କାର୍ଟୁନ, କାର୍ଡବୋର୍ଡ, ରଙ୍ଗିନ ପେପର ସାହାଯ୍ୟରେ ସେ ୪ଫୁଟ୍‌ର ରଥ ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଛନ୍ତି। ଏହି ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀ ସୁଦର୍ଶନଙ୍କୁ ବିଜେ କରିଛନ୍ତି। ଘୋଷଯାତ୍ରାରେ ସାଙ୍ଗସାଥୀଙ୍କ


ପୂଜା

ସହ ଦାଣ୍ଡରେ ରଥ ପରିକ୍ରମା କରି ଘର ଭିତରେ ପୂଜା କରୁଛନ୍ତି। ସାଇ ସମ୍ମିତଙ୍କ ଘର ପାଲଟିଛି ଗୁଣ୍ଡିଚା ମନ୍ଦିର। ସେ ମା'ବାପାଙ୍କ ସହ ଶ୍ରୀକ୍ଷେତ୍ରକୁ ଯିବାକୁ ମନସ୍ଥ କରିଥିଲେ ମଧ୍ୟ କୌଣସି କାରଣରୁ ଯାଇପାରିଲେ ନାହିଁ। ଶ୍ରୀକ୍ଷେତ୍ରରେ ରଥାରୂଢ଼ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇ ନିଜେ ନିର୍ମାଣ କରିଥିବା ରଥରେ ଠାକୁରଙ୍କୁ ବିଜେ କରାଇ ପୂଜାର୍ଚ୍ଚନା ଜାରି ରଖିଛନ୍ତି। ଶନିବାର ସକାଳେ ମହାପ୍ରଭୁଙ୍କୁ ରଥରେ ମଙ୍ଗଳ ଆଳତି, ଧୂପଦୀପ, ଫୁଲ ପୁଷ୍ପ ଅର୍ପଣ କରି ପୂଜା ଆରାଧାନା କରିଥିଲେ। ସକାଳ ବାଲଭୋଗ, ମଧ୍ୟାହ୍ନରେ ଠାକୁରଙ୍କୁ ଫଳ ଭୋଗ କରିଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରିଥିଲେ।

# ନିଷ୍କାସନ ହୋଇପାରୁନି ବର୍ଷାଜଳ


ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଛି।

ବେଗୁନିଆ,୨୮।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ସାହି ମୁଣ୍ଡ ରାସ୍ତାରେ ବର୍ଷା ପାଣି ଜମି ରହିବା ସହ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କଣ୍ଟାବାଡଠାରୁ ସାଲତରା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଚଳିତ ବର୍ଷ କରାଯାଇଛି। ରାସ୍ତା ନିର୍ମାଣ ସମୟରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଏହି ରାସ୍ତା ଯାତାୟାତ କରୁଥିବା ଲୋକେ ଏବଂ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଜମି ରହିଥିବାରୁ ମଶା ଓ ମାଛିଙ୍କ ବଂଶ ବିସ୍ତାର କରିବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ରାସ୍ତାରୁ ପାଣି ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।


Annexure-I

FORM - A

BALANCE SHEET OF THE UNITED PURI NIMAPARA CENTRAL CO-OPERATIVE BANK LIMITED

Balance Sheet as on 31st March' 2025

| | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 533,848,990.00 | 478,109,056.00 |
| Reserves and Surplus | 2 | 139,329,891.39 | 135,614,437.66 |
| Deposits | 3 | 2,730,367,033.65 | 2,101,163,026.22 |
| Borrowings | 4 | 3,044,248,367.00 | 2,729,054,188.00 |
| Other liabilities and provisions | 5 | 523,113,202.65 | 432,761,976.18 |
| **Total** | | **6,970,907,484.69** | **5,876,702,684.06** |
| **Assets** | | | |
| Cash and balances with Reserve Bank of India | 6 | 28,623,550.64 | 9,394,053.64 |
| Balance with banks and money at call and short notice | 7 | 198,978,265.82 | 175,016,025.01 |
| Investments | 8 | 1,986,532,419.36 | 1,232,049,649.36 |
| Advances | 9 | 4,509,301,797.74 | 4,223,401,743.00 |
| Fixed Assets | 10 | 33,868,186.49 | 32,702,475.87 |
| Other Assets | 11 | 213,603,264.64 | 204,138,737.18 |
| **Total** | | **6,970,907,484.69** | **5,876,702,684.06** |
| | | | |
| Contingent liabilities Bills for collection | 12 | 22,350,784.45 | 20,914,514.45 |

Significant Accounting Policies 18
Notes on Accounts 19
As per our report of even date attached.

Sd./- (Snigdha Haldar) Manager (Accounts)
Sd./- (Smt Banashree Mallick) Chief Executive Officer
Sd./- Director
Sd//- Director
For M/S S Sahoo & Co. Chartered Accountants FRN-322952E
Sd./- (Sj Kishore Kumar Chhotaray) President
Sd./- (CA A K Swain, FCA) Partner Memb. No.-056518 UDIN: 25056518BMHZDF5619
Place : Puri
Date : The 24th Day of June' 2025

FORM - B

THE UNITED PURI NIMAPARA CENTRAL CO-OPERATIVE BANK LIMITED

Profit and Loss Account for the year ended 31st March' 2025

| | | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|---|
| I. | **Income** | | | |
| | Interest Earned | 13 | 344,609,572.58 | 306,072,428.31 |
| | Other Income | 14 | 3,935,250.71 | 14,021,944.40 |
| | **Total** | | **348,544,823.29** | **320,094,372.71** |
| II. | **Expenditure** | | | |
| | Interest expended | 15 | 234,343,228.00 | 204,272,089.00 |
| | Operating expenses | 16 | 89,742,423.83 | 91,003,014.14 |
| | Provisions and contingencies | 17 | 21,067,399.92 | 22,796,302.53 |
| | **Total** | | **345,153,051.75** | **318,071,405.67** |
| III. | **Profit/Loss** | | | |
| | Net profit/loss(-) for the year | | 3,391,771.54 | 2,022,967.04 |
| | Profit/loss(-) brought forward | | 21,083,438.31 | 19,060,471.27 |
| | **Total** | | **24,475,209.85** | **21,083,438.31** |
| IV. | **Appropriations** | | | |
| | Transfer to Statutory Reserves | | - | - |
| | Transfer to Other Reserves | | - | - |
| | Transfer to Government/ Proposed Dividend | | - | - |
| | Balance carried over to balance sheet | | 24,475,209.85 | 21,083,438.31 |

Significant Accounting Policies 18
Notes on Accounts 19
As per our report of even date attached.

Sd./- (Snigdha Haldar) Manager (Accounts)
Sd./- (Smt Banashree Mallick) Chief Executive Officer
Sd./- Director
Sd//- Director
For M/S S Sahoo & Co. Chartered Accountants FRN-322952E
Sd./- (Sj Kishore Kumar Chhotaray) President
Sd./- (CA A K Swain, FCA) Partner Memb. No.-056518 UDIN: 25056518BMHZDF5619
Place : Puri
Date : The 24th Day of June' 2025

INDEPENDENT AUDITOR'S REPORT TO THE MEMBERS OF THE UNITED PURI-NIMAPARA CENTRAL CO-OPERATIVE BANK LIMITED

1. Report on the Standalone Financial Statements

We have audited the accompanying financial statements of **THE UNITED PURI-NIMAPARA CENTRAL CO-OPERATIVE BANK LIMITED**, which comprise the Balance Sheet as at 31st March'2025 and also the Profit and Loss Account for the year ended on that date, and a summary of significant accounting policies and other explanatory information incorporating the returns of Branches and Head Office.

2. Management's Responsibility for the Standalone Financial Statements

Management is responsible for the preparation of these standalone financial statements that give a true and fair view of the financial position, financial performance of the Bank in accordance with the accounting principles generally accepted in India including the applicable Accounting Standards issued by the Institute of Chartered Accountants of India. This responsibility also includes maintenance of adequate accounting records in accordance with the provisions of the Act for safeguarding of the assets of the Bank and for preventing and detecting frauds and other irregularities; selection and application of appropriate accounting policies; making judgments and estimates that are reasonable and prudent; and design, implementation and maintenance of adequate internal financial controls, that were operating effectively for ensuring the accuracy and completeness of the accounting records, relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

In preparing the financial statements, management is responsible for assessing the Bank's ability to continue as a going concern, disclosing, as applicable, matters related to going concern and using the going concern basis of accounting unless management either intends to liquidate the Bank or to cease operations, or has no realistic alternative but to do so.

This responsibility includes the design, implementation and maintenance of internal control relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

3. Auditor's Responsibility

Our responsibility is to express an opinion on these standalone financial statements based on our audit. We have taken into account the provisions of the Co-Operative Act, the accounting and auditing standards and matters which are required to be included in the audit report under the provisions of the Co-Operative Act and rules made there under. We conducted our audit in accordance with the Standards on Auditing issued by the Institute of Chartered Accountants of India. Those Standards require that we comply with ethical requirements and plan and perform the audit to obtain reasonable assurance about whether the financial statements are free from material misstatement. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risk of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements. We believe that the audit evidence we have obtained is sufficient and appropriate to provide a basis for our audit opinion on the financial statements.

4. Basis for Qualified Opinions

1. Inadequate provision of imbalances.
2. ITC of GST is not properly accounted for.

5. Opinion

In our opinion and to the best of our information and according to the explanations given to us, except for the effects of the matter described in the paragraph 4 (a) to (c), the standalone financial statements give the information so required and give a true and fair view in conformity with the accounting principles generally accepted in India:

(a) In the case of the Balance Sheet, of the state of affairs of the Bank as at 31ST March' 2025;
(b) In the case of the Statements of the Profit and Loss Account, of the profit for the year ended on that date; and

6. Report on other Legal and Regulatory Requirements

The Balance Sheet and the Profit and Loss Account have been drawn up in accordance with the provisions of Section 31 of the Banking Regulation Act, 1949 (as applicable to State and District Central Co-Operative banks) read with provisions of the Odisha Cooperative Societies Act, 1962 and Rules made thereunder.

We report that:

(a) We have obtained all the information and explanations which to the best of our knowledge and belief were necessary for the purpose of our audit;
(b) In our opinion, proper books of account as required by law have been kept by the Bank so far as appears from our examination of those books and proper returns adequate for the purpose of our audit have been received from the branches visited by us;
(c) The Balance Sheet & the Profit and Loss Account dealt with by this report agree with the books of account and returns.
(d) In our opinion and according to information given to us, there has been no material impropriety or irregularity in the expenditure or in the realization of money due to the bank.

For S Sahoo & Co
Chartered Accountants
FRN- 322952E

Sd./- CA A K Swain, FCA
Partner
M.No.- 056518
UDIN: 25056518BMHZDF5619

Date: 24.06.2025
Place: Puri

NOTES ON ACCOUNTS:

1) Borrowings from other Banks represent the borrowing made from Orissa State Co-operative Bank
2) Out of total Advances of Rs.4,50,93.02 Lakhs, total NPA is Rs.1313.24 Lakhs. The Segregation of the advances on the basis of Short Term, Medium Term and Long-Term advances has been ascertained.
3) Gross NPA of the Bank has been Increased from 2.85%.to 2.91% during the year.
4) As per the guidelines of RBI, provision on standard assets has been made at 0.40% of the outstanding amount on a portfolio basis except in the case of direct advance to agricultural and SME sector which is provided for at 0.25%.
5) Insurance expenditure includes Deposit Insurance Premium of Rs.29,51,008.00 paid to Deposit Insurance & Credit Guarantee Corporation.
6) Fixed Assets of the bank is shown at WDV less current year depreciation instead of Gross Block less accumulated depreciation in the Balance Sheet.
7) The Bank is a Co-operative Society, at Dist. level registered under the Orissa Co-operative Society Act, 1962 (Orissa Act 2 of 1963) and there are no related parties required to be disclosed as per AS-18 issued by the Institute of Chartered Accountants of India. The only Key Managerial Person is Smt. Banashree Mallick, Chief Executive officer of the Bank. However, in terms of RBI circular dated 29.03.2003, She being single party coming under the category, no further details need to be disclosed.
8) Calculation of Basic E.P.S. & Diluted E.P.S.
EPS of the year is not ascertained due to absence of information regarding number of shares issued and paid up.
9) The bank has invested in Shares with State Co-Operative Bank and in Government securities.
10) Provision for Standard Assets is Rs.1,12,11,039.18 as on 31.03.2025, Provision for N.P.A Loan Rs.8,85,77,039.50 as on 31.03.2025 and Provision for Imbalance Rs.4,34,84,635.00 as on 31.03.2025 Provision for other assets as on 31.03.2025 is Rs.2,73,03,480.23 as on 31.03.2025.
11) Interest Subvention claim bill for the year 2024-25 is to be accounted on receipt basis.
12) Quantum Income Tax Demand amounts to Rs.223.51 lakh for the FY 2016-17 , 2017-18 , 2020-21&2023-24 as reflected in the Income Tax Portal is considered as contingent liability. However, Appeal for corresponding Asst. Years are pending before the Income Tax Authorities.
13) Dividend received from State Co-Operative Bank is considered as capital receipt and not considered for calculation of provision for Income Tax since the same is not taxable. This is not received from the Corporate sector.
14) The Central Co-Operative Bank is entitled to the benefit of the deduction u/s 80P (4) of the Income tax Act'1961 relying upon the judgement of Jurisdictional High Court i.e. the Hon. High Court of Odisha, (ITA NO.113/2012 judgement dtd. 09.01.2023) in case of The Cuttack Central Co-Operative Bank. Therefore, the bank will avail the benefit u/s 80P (4). However, in the books of account the bank has made a Provision for Income Tax u/s 115BAD of the Income Tax Act'1961.
15) Additional discourses:

| Sl. No. | PARTICULARS | (Rs in Lakhs) As on 31.03.2025 (Current year) | (Rs in Lakhs) As on 31.03.2024 (Previous year) |
|---|---|---|---|
| A | Capital to Risk Assets Ratio (CRAR) | | |
| | (i) Total Capital Funds | Rs.6330.28 | Rs.5237.68 |
| | (ii) Risk Weighted Assets | Rs.50235.71 | Rs.45734.52 |
| | (iii) CRAR | 12.60% | 12.51% |
| B | Investments | | |
| | (i) Book Value | Rs.19865.32 | Rs.12320.50 |
| | (ii) Face Value | Rs.19875.37 | Rs.12326.51 |
| | iii) Market Value | Rs.19948.22 | Rs.12379.79 |
| B (i) | "Investments (SLR Purpose Govt Security Permanent category) | | |
| | (i) Book Value | Rs.7279.95 | Rs.5783.99 |
| | (ii) Face Value | Rs.7290.00 | Rs.5790.00 |
| | (iii) Market Value | Rs.7362.85 | Rs.5843.28 |
| C | Advance Against | | |
| | (i) Real Estate | Nil | Nil |
| | (ii) Construction Business | Nil | Nil |
| | iii) Housing | Rs.10.91 | Rs.14.27 |
| D | Advance Against Shares & Debentures | Nil | Nil |
| E | Advances to directors, their relatives, companies/ firms in which they are interested: | | |
| | Fund Based | Nil | Nil |
| | Non-fund based | Nil | Nil |
| F | Average Cost of Deposits | 3.75% | 4.38% |
| G | "NPAs | | |
| | Gross NPAs | Rs.1313.24 | Rs.1204.97 |
| | Net NPAs" | Rs.427.47 | Rs.319.20 |
| H | "NPAs | | |
| | Gross NPAs | | |
| | Opening Balance | Rs.1204.97 | Rs.992.48 |
| | Add: Additions during the year | Rs.108.27 | Rs.212.49 |
| | Less: Reduction during the year | Rs.0.00 | NIL |
| | Closing Balance | Rs.1313.24 | Rs.1204.97 |
| | Net NPAs | | |
| | Opening Balance | Rs.319.20 | Rs.106.71 |
| | Add: Additions during the year | Rs.108.27 | Rs.212.49 |
| | Less: Reduction during the year | Rs.0.00 | Rs. NIL |
| | Closing Balance | Rs.427.47 | Rs.319.20 |
| I | Profitability: (Annualized Basis) | | |
| | Interest income as a percentage of working funds. | 3.94% | 5.24% |
| | Non-interest income as a percentage of working funds | 0.06% | 0.24% |
| | Operating profit as a percentage of working funds | 0.32% | 0.42% |
| | Return on average Assets | 0.21% | 0.04% |
| | Business (Deposits + Advances) per employee | Rs.1186.83 | Rs.1129.38 |
| | Operating profit per employee | Rs.4.57 | Rs.4.42 |
| J | Provisions made towards | | |
| | NPAs | Nil | Nil |
| | Depreciation in investments towards revaluation | Nil | Nil |
| K | Movement in Provisions | | |
| | Towards NPAs | | |
| | Opening Balance | Rs.885.77 | Rs.885.77 |
| | Add: Additions during the year | - | - |
| | Less: Reduction during the year | - | - |
| | Closing Balance | Rs. 885.77 | Rs. 885.77 |
| | Towards NPA (Imbalance) | | |
| | Opening Balance | Rs.245.12 | Rs.42.18 |
ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ନିଆରା ଗୁଣ୍ଡିଚା ଯାତ୍ରା ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପରମ୍ପରା ଅନୁଯାୟୀ, ଟିଗିରିଆ ରାଜା ପୁରୀ ଶ୍ରୀକ୍ଷେତ୍ରରେ ପ୍ରଭୁଙ୍କର ରଥଯାତ୍ରା ଦେଖି ଫେରିବାର ଦିନକ ପରେ ଏଠାରେ ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିନିମନ୍ତେ ଶନିବାର ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଶତାଧିକ ଭକ୍ତଙ୍କ ଗହଣରେ ପ୍ରଭୁ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ସମେତ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥ ଟଣାଯାଇଥିଲା। ସନ୍ଧ୍ୟା ସୁଦ୍ଧା ୩ ରଥ ଗୁଣ୍ଡିଚା ମନ୍ଦିର ରଥଖଳାରେ ପହଞ୍ଚିଛି।

ରଥଯାତ୍ରା ଉପଲକ୍ଷେ ସକାଳେ ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ମଙ୍ଗଳ ଆଳତି ନୀତି ପରେ ରୋଷ ହୋମ, ସକାଳ ନିତ୍ୟ ଅବକାଶ, ସୂର୍ଯ୍ୟପୂଜା, ନିଃଶଙ୍ଖୁଡ଼ି ଗୋପାଳବଲ୍ଲଭ,

ସକାଳ ଧୂପ, ଭୋଗ ମଣ୍ଡପ ଓ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହେବା ପରେ ଅପରାହ୍ନରେ ରଥ ଟଣାଯାଇଥିଲା। ରଥଖଳାରେ ପହଞ୍ଚିବା ପରେ ଠାକୁରଙ୍କ ଟେରାଫିଟା, ସନ୍ଧ୍ୟା ଆଳତି, ଅଧରପଣା ନୀତି କରାଯାଇ ରାତିରେ ଗୋଟିପହଣ୍ଡିରେ ଶ୍ରୀଜୀଉଙ୍କୁ ଗୁଣ୍ଡିଚା ମନ୍ଦିରରେ ବିଜେ କରାଯିବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଆଇନଜୀବୀ ଲଳିତ କୃଷ୍ଣ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିର ବେଭାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସମେତ ସମସ୍ତ ପୂଜକ ଉପସ୍ଥିତ ରହି ଶ୍ରୀଜୀଉଙ୍କ ନୀତି ସମ୍ପନ୍ନରେ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଟିଗିରିଆ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସହ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା।



ଶ୍ରଦ୍ଧାଳୁମାନେ ଶ୍ରୀ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ରଥ ଟାଣୁଛନ୍ତି।

# ସମ୍ବିଧାନର ସୁରକ୍ଷା ପାଇଁ ଯୁବ ସମାଜ ଜାଗ୍ରତ ହେବା ଆବଶ୍ୟକ

ଆଠଗଡ:୨୮।୬ (ସତ୍ୟ ପ୍ରସାଦ ରଥ)

ଭାଜପା ପକ୍ଷରୁ ଜୁନ ୨୫ ସମ୍ବିଧାନ ହତ୍ୟା ଦିବସ ଉପଲକ୍ଷେ ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୯୭୫ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାରଙ୍କ ଦ୍ୱାରା ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜିଲା ସଭାପତି ରାମନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ, ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ତଥା ଅଧ୍ୟାପକ ଭୁବନାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ଏଥିସହିତ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ସମୟରେ ଅଙ୍ଗେନିଭା କଥାକୁ ପ୍ରକାଶ କରିବା ସହ ଜୟପ୍ରକାଶ ନାରାୟଣଙ୍କ ଦ୍ୱାରା ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ମାଧ୍ୟମରେ ଲକ୍ଷ ଲକ୍ଷ ସାଧାରଣ ଜନତା, ନେତା, ଖବରଦାତାମାନେ ସାମିଲ ହୋଇ ସେତେବେଳର ସରକାରଙ୍କ ଦ୍ୱାରା ଜେଲ ଯାଇଥିବା କଥା ସେ କହିଥିଲେ। ଆଗାମୀ ଦିନରେ ସମ୍ବିଧାନର ସୁରକ୍ଷା ହେବା ସହ ଯୁବ ସମାଜ ଜାଗ୍ରତ ହେବାର ଆବଶ୍ୟକତା ରହିଛି। ଏହି ଆଲୋଚନା ଚକ୍ରରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରାଣବନ୍ଧୁ ସେନାପତି , ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଆଠଗଡ଼ର ପୂର୍ବତନ ବିଧାୟକ ରମେଶ ରାଉତ, କଟକ ଜିଲା ବୁଦ୍ଧିଜୀବୀ ପ୍ରକୋଷ୍ଠର ସଂଯୋଜକ ବିକ୍ରମ ଦାଶ ପ୍ରମୁଖ ଯୋଗଦେଇ ସମ୍ବିଧାନ ହତ୍ୟା ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। କଟକ ଜିଲାର ଆଠଗଡ଼ ନିର୍ବାଚନମଣ୍ଡଳୀ ସମେତ ମାହାଙ୍ଗା, ସାଲେପୁର, ବଡମ୍ବାର ଶତାଧିକ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ କାର୍ଯ୍ୟକ୍ରମ ଶେଷରେ ଜିଲାର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦୁଇ ଅତିଥି ଭୁବନାନନ୍ଦ ତ୍ରିପାଠୀ ଓ ପ୍ରାଣବନ୍ଧୁ ସେନାପତିଙ୍କୁ ଜରୁରିକାଳୀନ ପରିସ୍ଥିତି ସମୟରେ କାରାବରଣ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମ୍ୟାଲେରିଆ ମୁକ୍ତ ପାଇଁ ସଚେତନତା ଜରୁରୀ




ଯୋରନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ମ୍ୟାଲେରିଆ ନିରୋଧ ପାଇଁ ସଚେତନ କରୁଛନ୍ତି।

## ମ୍ୟାଲେରିଆ ନିରୋଧୀ ପର୍ଯ୍ୟବେକ୍ଷଣ ମାସ ଉଦ୍ଯାପିତ

ଆଠଗଡ଼,୨୮।୬(ସତ୍ୟ ପ୍ରସାଦ ରଥ)

ଯୋରନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମ୍ୟାଲେରିଆ ନିରୋଧ ପର୍ଯ୍ୟବେକ୍ଷଣ ମାସ ଶନିବାର ଉଦ୍ଯାପିତ ହୋଇଯାଇଛି। ଯୋରନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୋରନ୍ଦା ସେକ୍ଟରର ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମ ସଂଯୋଜନା କରିଥିଲେ। ଏହି ଅବସରରେ ଯୋରନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ. ସିଦ୍ଧାର୍ଥ ବେହେରା, ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତିର ସଭ୍ୟ ଓ ସଭ୍ୟା ଯୋଗଦେଇ ଅଭିନବ ଉପାୟ ଦ୍ୱାରା ଅଞ୍ଚଳକୁ ମ୍ୟାଲେରିଆମୁକ୍ତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଏନେଇ ରୋଗର ଲକ୍ଷଣ ଚିହ୍ନଟ ସହ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଜିଲାକୁ ମ୍ୟାଲେରିଆ ମୁକ୍ତ କରିବା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସରକାରୀ ସ୍ତରରେ ସାମୂହିକ ଉଦ୍ୟମ ଜାରି ରଖିବା ଆବଶ୍ୟକ। ଆସନ୍ତା ୨୩ଅକ୍ଟୋବର ସୁଦ୍ଧା ଭାରତକୁ ମ୍ୟାଲେରିଆ ମୁକ୍ତକରି ଗଢିତୋଳିବାର ସଂକଳ୍ପ ନେବାକୁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା। ଯେକୌଣସି ଜ୍ୱର ମ୍ୟାଲେରିଆ ହୋଇପାରେ। ତେଣୁ ନିକଟସ୍ଥ ଆଶାକର୍ମୀ ଓ ଡାକ୍ତରଖାନାରେ ଆର୍‌ଡିଟି ଦ୍ୱାରା ରକ୍ତ ପରୀକ୍ଷା କରେଇନେବା ଦରକାର । ମଶାର ବଂଶ ବୃଦ୍ଧି ରୋକିବା, ଘର ଚତୁଃପାର୍ଶ୍ୱ ସର୍ବଦା ସଫାସୁତୁରା ରଖିବା ସହ ପାଣି କୌଣସି ସ୍ଥାନରେ ଜମା ନ ରଖିବାକୁ ପରାମର୍ଶ ଦିଆଯାଇଥିଲା।


Annexure-I

FORM - A

## BALANCE SHEET OF THE UNITED PURI NIMAPARA CENTRAL CO-OPERATIVE BANK LIMITED

Balance Sheet as on 31st March' 2025

| | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 533,848,990.00 | 478,109,056.00 |
| Reserves and Surplus | 2 | 139,329,891.39 | 135,614,437.66 |
| Deposits | 3 | 2,730,367,033.65 | 2,101,163,026.22 |
| Borrowings | 4 | 3,044,248,367.00 | 2,729,054,188.00 |
| Other liabilities and provisions | 5 | 523,113,202.65 | 432,761,976.18 |
| **Total** | | **6,970,907,484.69** | **5,876,702,684.06** |
| **Assets** | | | |
| Cash and balances with Reserve Bank of India | 6 | 28,623,550.64 | 9,394,053.64 |
| Balance with banks and money at call and short notice | 7 | 198,978,265.82 | 175,016,025.01 |
| Investments | 8 | 1,986,532,419.36 | 1,232,049,649.36 |
| Advances | 9 | 4,509,301,797.74 | 4,223,401,743.00 |
| Fixed Assets | 10 | 33,868,186.49 | 32,702,475.87 |
| Other Assets | 11 | 213,603,264.64 | 204,138,737.18 |
| **Total** | | **6,970,907,484.69** | **5,876,702,684.06** |
| | | | |
| Contingent liabilities Bills for collection | 12 | 22,350,784.45 | 20,914,514.45 |

Significant Accounting Policies 18
Notes on Accounts 19
As per our report of even date attached.

Sd./- (Snigdha Haldar) Manager (Accounts)
Sd./- (Smt Banashree Mallick) Chief Executive Officer
Sd./- Director
Sd//- Director
For M/S S Sahoo & Co. Chartered Accountants FRN-322952E
Sd./- (Sj Kishore Kumar Chhotaray) President
Sd./- (CA A K Swain, FCA)
Place : Puri
Date : The 24th Day of June' 2025
Partner
Memb. No.-056518
UDIN: 25056518BMHZDF5619

FORM - B

## THE UNITED PURI NIMAPARA CENTRAL CO-OPERATIVE BANK LIMITED

Profit and Loss Account for the year ended 31st March' 2025

| | | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|---|
| I. | **Income** | | | |
| | Interest Earned | 13 | 344,609,572.58 | 306,072,428.31 |
| | Other Income | 14 | 3,935,250.71 | 14,021,944.40 |
| | **Total** | | **348,544,823.29** | **320,094,372.71** |
| II. | **Expenditure** | | | |
| | Interest expended | 15 | 234,343,228.00 | 204,272,089.00 |
| | Operating expenses | 16 | 89,742,423.83 | 91,003,014.14 |
| | Provisions and contingencies | 17 | 21,067,399.92 | 22,796,302.53 |
| | **Total** | | **345,153,051.75** | **318,071,405.67** |
| III. | **Profit/Loss** | | | |
| | Net profit/loss(-) for the year | | 3,391,771.54 | 2,022,967.04 |
| | Profit/loss(-) brought forward | | 21,083,438.31 | 19,060,471.27 |
| | **Total** | | **24,475,209.85** | **21,083,438.31** |
| IV. | **Appropriations** | | | |
| | Transfer to Statutory Reserves | | - | - |
| | Transfer to Other Reserves | | - | - |
| | Transfer to Government/ Proposed Dividend | | - | - |
| | Balance carried over to balance sheet | | 24,475,209.85 | 21,083,438.31 |

Significant Accounting Policies 18
Notes on Accounts 19
As per our report of even date attached.

Sd./- (Snigdha Haldar) Manager (Accounts)
Sd./- (Smt Banashree Mallick) Chief Executive Officer
Sd./- Director
Sd//- Director
For M/S S Sahoo & Co. Chartered Accountants FRN-322952E
Sd./- (Sj Kishore Kumar Chhotaray) President
Sd./- (CA A K Swain, FCA)
Place : Puri
Date : The 24th Day of June' 2025
Partner
Memb. No.-056518
UDIN: 25056518BMHZDF5619

## INDEPENDENT AUDITOR'S REPORT TO THE MEMBERS OF THE UNITED PURI-NIMAPARA CENTRAL CO-OPERATIVE BANK LIMITED

1. **Report on the Standalone Financial Statements**

We have audited the accompanying financial statements of **THE UNITED PURI-NIMAPARA CENTRAL CO-OPERATIVE BANK LIMITED**, which comprise the Balance Sheet as at 31st March'2025 and also the Profit and Loss Account for the year ended on that date, and a summary of significant accounting policies and other explanatory information incorporating the returns of Branches and Head Office.

2. **Management's Responsibility for the Standalone Financial Statements**

Management is responsible for the preparation of these standalone financial statements that give a true and fair view of the financial position, financial performance of the Bank in accordance with the accounting principles generally accepted in India including the applicable Accounting Standards issued by the Institute of Chartered Accountants of India. This responsibility also includes maintenance of adequate accounting records in accordance with the provisions of the Act for safeguarding of the assets of the Bank and for preventing and detecting frauds and other irregularities; selection and application of appropriate accounting policies; making judgments and estimates that are reasonable and prudent; and design, implementation and maintenance of adequate internal financial controls, that were operating effectively for ensuring the accuracy and completeness of the accounting records, relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

In preparing the financial statements, management is responsible for assessing the Bank's ability to continue as a going concern, disclosing, as applicable, matters related to going concern and using the going concern basis of accounting unless management either intends to liquidate the Bank or to cease operations, or has no realistic alternative but to do so.

This responsibility includes the design, implementation and maintenance of internal control relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

3. **Auditor's Responsibility**

Our responsibility is to express an opinion on these standalone financial statements based on our audit. We have taken into account the provisions of the Co-Operative Act, the accounting and auditing standards and matters which are required to be included in the audit report under the provisions of the Co-Operative Act and rules made there under. We conducted our audit in accordance with the Standards on Auditing issued by the Institute of Chartered Accountants of India. Those Standards require that we comply with ethical requirements and plan and perform the audit to obtain reasonable assurance about whether the financial statements are free from material misstatement. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risk of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements. We believe that the audit evidence we have obtained is sufficient and appropriate to provide a basis for our audit opinion on the financial statements.

4. **Basis for Qualified Opinions**

1. Inadequate provision of imbalances.
2. ITC of GST is not properly accounted for.

5. **Opinion**

In our opinion and to the best of our information and according to the explanations given to us, except for the effects of the matter described in the paragraph 4 (a) to (c), the standalone financial statements give the information so required and give a true and fair view in conformity with the accounting principles generally accepted in India:

(a) In the case of the Balance Sheet, of the state of affairs of the Bank as at 31ST March' 2025;

(b) In the case of the Statements of the Profit and Loss Account, of the profit for the year ended on that date; and

6. **Report on other Legal and Regulatory Requirements**

The Balance Sheet and the Profit and Loss Account have been drawn up in accordance with the provisions of Section 31 of the Banking Regulation Act, 1949 (as applicable to State and District Central Co-Operative banks) read with provisions of the Odisha Cooperative Societies Act, 1962 and Rules made thereunder.

We report that:

(a) We have obtained all the information and explanations which to the best of our knowledge and belief were necessary for the purpose of our audit;

(b) In our opinion, proper books of account as required by law have been kept by the Bank so far as appears from our examination of those books and proper returns adequate for the purpose of our audit have been received from the branches visited by us;

(c) The Balance Sheet & the Profit and Loss Account dealt with by this report agree with the books of account and returns.

(d) In our opinion and according to information given to us, there has been no material impropriety or irregularity in the expenditure or in the realization of money due to the bank.

For S Sahoo & Co
Chartered Accountants
FRN- 322952E

Sd./- CA A K Swain, FCA
Partner
M.No.- 056518
UDIN: 25056518BMHZDF5619

Date: 24.06.2025
Place: Puri

**NOTES ON ACCOUNTS:**

1) Borrowings from other Banks represent the borrowing made from Orissa State Co-operative Bank
2) Out of total Advances of Rs.4,50,93.02 Lakhs, total NPA is Rs.1313.24 Lakhs. The Segregation of the advances on the basis of Short Term, Medium Term and Long-Term advances has been ascertained.
3) Gross NPA of the Bank has been Increased from 2.85%.to 2.91% during the year.
4) As per the guidelines of RBI, provision on standard assets has been made at 0.40% of the outstanding amount on a portfolio basis except in the case of direct advance to agricultural and SME sector which is provided for at 0.25%.
5) Insurance expenditure includes Deposit Insurance Premium of Rs.29,51,008.00 paid to Deposit Insurance & Credit Guarantee Corporation.
6) Fixed Assets of the bank is shown at WDV less current year depreciation instead of Gross Block less accumulated depreciation in the Balance Sheet.
7) The Bank is a Co-operative Society, at Dist. level registered under the Orissa Co-operative Society Act, 1962 (Orissa Act 2 of 1963) and there are no related parties required to be disclosed as per AS-18 issued by the Institute of Chartered Accountants of India. The only Key Managerial Person is Smt. Banashree Mallick, Chief Executive officer of the Bank. However, in terms of RBI circular dated 29.03.2003, She being single party coming under the category, no further details need to be disclosed.
8) Calculation of Basic E.P.S. & Diluted E.P.S.
   EPS of the year is not ascertained due to absence of information regarding number of shares issued and paid up.
9) The bank has invested in Shares with State Co-Operative Bank and in Government securities.
10) Provision for Standard Assets is Rs.1,12,11,039.18 as on 31.03.2025, Provision for N.P.A Loan Rs.8,85,77,039.50 as on 31.03.2025 and Provision for Imbalance Rs.4,34,84,635.00 as on 31.03.2025 Provision for other assets as on 31.03.2025 is Rs.2,73,03,480.23 as on 31.03.2025.
11) Interest Subvention claim bill for the year 2024-25 is to be accounted on receipt basis.
12) Quantum Income Tax Demand amounts to Rs.223.51 lakh for the FY 2016-17 , 2017-18 , 2020-21&2023-24 as reflected in the Income Tax Portal is considered as contingent liability. However, Appeal for corresponding Asst. Years are pending before the Income Tax Authorities.
13) Dividend received from State Co-Operative Bank is considered as capital receipt and not considered for calculation of provision for Income Tax since the same is not taxable. This is not received from the Corporate sector.
14) The Central Co-Operative Bank is entitled to the benefit of the deduction u/s 80P (4) of the Income tax Act'1961 relying upon the judgement of Jurisdictional High Court i.e. the Hon. High Court of Odisha, (ITA NO.113/2012 judgement dtd. 09.01.2023) in case of The Cuttack Central Co-Operative Bank. Therefore, the bank will avail the benefit u/s 80P (4). However, in the books of account the bank has made a Provision for Income Tax u/s 115BAD of the Income Tax Act'1961.
15) **Additional discourses:**

| Sl. No. | PARTICULARS | (Rs in Lakhs) As on 31.03.2025 (Current year) | (Rs in Lakhs) As on 31.03.2024 (Previous year) |
|---|---|---|---|
| A | Capital to Risk Assets Ratio (CRAR) | | |
| | (i) Total Capital Funds | Rs.6330.28 | Rs.5237.68 |
| | (ii) Risk Weighted Assets | Rs.50235.71 | Rs.45734.52 |
| | (iii) CRAR | 12.60% | 12.51% |
| B | Investments | | |
| | (i) Book Value | Rs.19865.32 | Rs.12320.50 |
| | (ii) Face Value | Rs.19875.37 | Rs.12326.51 |
| | iii) Market Value | Rs.19948.22 | Rs.12379.79 |
| B (i) | "Investments (SLR Purpose Govt Security Permanent category) | | |
| | (i) Book Value | Rs.7279.95 | Rs.5783.99 |
| | (ii) Face Value | Rs.7290.00 | Rs.5790.00 |
| | (iii) Market Value | Rs.7362.85 | Rs.5843.28 |
| C | Advance Against | | |
| | (i) Real Estate | Nil | Nil |
| | (ii) Construction Business | Nil | Nil |
| | iii) Housing | Rs.10.91 | Rs.14.27 |
| D | Advance Against Shares & Debentures | Nil | Nil |
| E | Advances to directors, their relatives, companies/ firms in which they are interested: | | |
| | Fund Based | Nil | Nil |
| | Non-fund based | Nil | Nil |
| F | Average Cost of Deposits | 3.75% | 4.38% |
| G | "NPAs | | |
| | Gross NPAs | Rs.1313.24 | Rs.1204.97 |
| | Net NPAs" | Rs.427.47 | Rs.319.20 |
| H | "NPAs | | |
| | Gross NPAs | | |
| | Opening Balance | Rs.1204.97 | Rs.992.48 |
| | Add: Additions during the year | Rs.108.27 | Rs.212.49 |
| | Less: Reduction during the year | Rs.0.00 | NIL |
| | Closing Balance | Rs.1313.24 | Rs.1204.97 |
| | Net NPAs | | |
| | Opening Balance | Rs.319.20 | Rs.106.71 |
| | Add: Additions during the year | Rs.108.27 | Rs.212.49 |
| | Less: Reduction during the year | Rs.0.00 | Rs. NIL |
| | Closing Balance | Rs.427.47 | Rs.319.20 |
| I | Profitability: (Annualized Basis) | | |
| | Interest income as a percentage of working funds. | 3.94% | 5.24% |
| | Non-interest income as a percentage of working funds | 0.06% | 0.24% |
| | Operating profit as a percentage of working funds | 0.32% | 0.42% |
| | Return on average Assets | 0.21% | 0.04% |
| | Business (Deposits + Advances) per employee | Rs.1186.83 | Rs.1129.38 |
| | Operating profit per employee | Rs.4.57 | Rs.4.42 |
| J | Provisions made towards | | |
| | NPAs | Nil | Nil |
| | Depreciation in investments towards revaluation | Nil | Nil |
| K | Movement in Provisions | | |
| | Towards NPAs | | |
| | Opening Balance | Rs.885.77 | Rs.885.77 |
| | Add: Additions during the year | - | - |
| | Less: Reduction during the year | - | - |
| | Closing Balance | Rs. 885.77 | Rs. 885.77 |
| | Towards NPA (Imbalance) | | |
| | Opening Balance | Rs.245.12 | Rs.42.18 |
| | Add: Additions during the year | Rs.189.73 | Rs.202.94 |
| | Less: Reduction during the year | Rs. 0.00 | Rs. 0.00 |
| | Closing Balance | Rs.434.85 | Rs.245.12 |
| | Towards Standard Assets | Rs.104.49 | Rs.90.82 |
| | Opening Balance | Rs. 7.62 | Rs. 13.67 |
| | Add: Additions during the year | Rs.0.00 | Rs.0.00 |
| | Less: Reduction during the year | Rs. 0.00 | Rs.0.00 |
| | Closing Balance | Rs.112.11 | Rs.104.49 |
| | Towards Other Assets | | |
| | Opening Balance | Rs.271.12 | Rs.265.77 |
| | Add: Additions during the year | Rs.1.92 | Rs.5.35 |
| | Less: Reduction during the year | - | Rs.0.00 |
| | Closing Balance | Rs.273.04 | Rs.271.12 |
| | Towards Overdue Interest Reserve | | |
| | Opening Balance | Rs.552.66 | Rs.552.65 |
| | Add: Additions during the year | Rs.0.0 | Rs.0.01 |
| | Less: Reduction during the year | Rs.0.00 | Rs.0.00 |
| | Closing Balance | Rs.552.66 | Rs.552.66 |

L) DEAF Account of the Bank as on 31.03.2025 = **Rs.26,46,174.45**
M) Demand raised by IT Department upto F.Y.2023-24 is Rs.2,23,50,784.45/- (quantum), Total-Rs. 3,11,57,113.45/-
N) Previous year figures have been regrouped or reclassified, wherever necessary to conform to the presentation of the current year."

For M/S S Sahoo & Co.
Chartered Accountants
Firm Regn. No.: 322952E

Sd./- CA A K Swain, FCA Partner
Sd./- SJ Kishore Kumar Chhotaray President
Sd./- (Smt.Banashree Mallick) Chief Executive Officer
Sd./- (Snigdha Haldar) Manager (Accounts)

Memo. No.-056518
UDIN: 25056518BMHZDD8039
Place: Puri
Date: The 24th Day of June'2025

# ରଥ ଦଉଡ଼ି ପାଇଁ ଟଙ୍କା ଆଦାୟ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଅଟକିଥିବା ତିନି ରଥ ଭକ୍ତଙ୍କ ମେଳରେ ଶନିବାର ଶରଧାବାଲିରେ ପହଞ୍ଚିଛି। ରଥ ଉପରେ ଦାରୁ ବିଗ୍ରହମାନଙ୍କୁ ଦର୍ଶନ କରିବା ନିମନ୍ତେ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ଭରି ରହିଛି। ଭକ୍ତ ମହାପ୍ରଭୁଙ୍କ ଲାଗି ତୁଳସୀ ଟିକେ ପାଇଁ ବିକଳ ହେଉଥିବା ବେଳେ କେତେଜଣ ସେବକ ବ୍ୟାକୁଳତା ବୁଝିପାରି ତୁଳସୀ ଓ ଫୁଲ ସାଦରେ ବଢ଼େଇ ଦେଉଛନ୍ତି। ତେବେ ଏହାର ଫାଇଦା ନେଇ ଭକ୍ତଙ୍କ ଭାବାବେଗ ସହ ଖେଳ ଖେଳାଯାଉଥିବା ଦେଖିବାକୁ ମିଳିଛି। ଅନେକ ଅଣସେବାୟତ ଓ ସେବାୟତ ରଥଟଣା ଦଉଡ଼ିରୁ ଟିକେ ଦଉଡ଼ି ପାଇଁ ମୂଲଚାଲ କରୁଥିବା ଦେଖିବାକୁ ମିଳିଛି। ୧୦୦ ଟଙ୍କା ନେଇ ଦଉଡ଼ିର ଅତି ସ୍ୱଳ୍ପ ଅଂଶ ବିକ୍ରି କରୁଥିଲେ। ଆଉ କିଏ ବେକରେ କପଡ଼ା ସୂତା ଖଣ୍ଡେ ପକାଇ ଦେଇ କହୁଥିଲେ ୫୦ ଦିଅ। ଏହାବ୍ୟତୀତ କେତେଜଣ ବ୍ୟକ୍ତି ସେବକ ବେଶ ଧାରଣ କରି ହାତରେ କପଡ଼ା ସୂତା ଓ ଚନ୍ଦନ ଧରି ବୁଲୁଥିଲେ। ମହାପ୍ରଭୁଙ୍କ ଡୋର କହି ବେକରେ ଗଳେଇ ଦେଇ ମନଇଚ୍ଛା ଅର୍ଥ ଆଦାୟ କରୁଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଣସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଛଦ୍ମବେଶୀ ସେବକ ସାଜି ଭକ୍ତଙ୍କ ଭାବାବେଗ ସହ ଖେଳୁଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପୁନଃ ଆରମ୍ଭ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ପୁନର୍ବାର ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଘୋଷଯାତ୍ରା ପରଦିନଠାରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। କିଛିଦିନ ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏଏସ୍ଆଇ ପୁରୀ ମଣ୍ଡଳ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ସେବକ ନିଯୋଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏ ନେଇ ଆଲୋଚନା କରାଯାଇଥିଲା। ସେହିପରି ରଥଯାତ୍ରା ସମୟରେ ଶ୍ରୀମନ୍ଦିର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ଏଏସ୍ଆଇ ହାତକୁ ନେବ ବୋଲି ସ୍ଥିର ହୋଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ରଥଯାତ୍ରା ପରଦିନ ଅର୍ଥାତ୍ ୨୮ ତାରିଖରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ବାକି ଥିବା ବାହାର ଭଣ୍ଡାର କାର୍ଯ୍ୟ ଏଏସ୍ଆଇ ଶେଷ କରିବ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ୍ ୨୯ରୁ ରତ୍ନଭଣ୍ଡାର କାର୍ଯ୍ୟ ସ୍ଥଗିତ ରହିଥିଲା। ଘୋଷଯାତ୍ରାରେ ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶନିବାର ସକାଳ ୯ଟା ୩୦ରେ ଏଏସ୍ଆର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ ସଦସ୍ୟମାନେ ଯାଇ ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏନେଇ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି, ସକାଳ ୯ଟା ୩୦ରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମରାମତି ସମୟରେ ଏଏସ୍ଆଇ ଅଧିକାରୀ, ଛତିଶା ନିଯୋଗ ମହାନାୟକ, ଦେଉଳ କରଣ, ତଢଉ କରଣ, ଭଣ୍ଡାର ମେକାପ, ନୀତି ପ୍ରଶାସକ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ନୀଳାଦ୍ରିବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଏଏସ୍ଆଇକୁ କୁହାଯାଇଛି ବୋଲି ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସବୁବର୍ଷ ପରି ରଥଯାତ୍ରା ସମୟରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିରର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟ ହାତକୁ ନିଆଯିବ। ଏବର୍ଷ ଗର୍ଭଗୃହରେ କନକମୁଣ୍ଡି ଉପରେ ରହିଥିବା ପୁରୁଣା କାଠଫ୍ରେମ୍ ଜାଲି ବଦଳାଯିବ। ଏହା ବଦଳରେ ସେହି ଯାଗାରେ ଷ୍ଟେନଲେସ୍ ଷ୍ଟିଲର ଫ୍ରେମ୍ ସହିତ ଜାଲି ସ୍ଥାପନ କରାଯିବା ନେଇ ସ୍ଥିର ହୋଇଛି। ସେହିପରି ୨୯ ତାରିଖରେ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ବୈଷୟିକ କମିଟି ଅଧ୍ୟକ୍ଷ ପ୍ରଫେସର ଏସ୍. କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ, ଏଏସ୍ଆଇ ଏବଂ ପୂର୍ତ୍ତ ବିଭାଗର ମିଳିତ ଟିମ୍ ଏହି ନିରୀକ୍ଷଣ କରିବେ ବୋଲି ସୂଚନା ମିଳିଛି।



ପୁରୀ: ଶନିବାର ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ନନ୍ଦିଘୋଷ ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଉଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ପାସ୍ ବଣ୍ଟନ ନେଇ ତର୍ଜମା କରାଯିବ: ମୁଖ୍ୟ ପ୍ରଶାସକ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଯାତ୍ରାରେ କର୍ଡନ ଭିତରେ ମାଳମାଳ ପାସ୍‌ଧାରୀ ଏବଂ ବିନା ପାସ୍‌ଧାରୀ ପ୍ରବେଶ କରିଥିଲେ। ଯେଉଁଥିପାଇଁ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ରଥ ବଡ଼ଦାଣ୍ଡରେ ଅଟକି ରହିବା ଓ ରାତିରେ ରଥ ଟଣାହେବା ନେଇ ପ୍ରଶାସନକୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସମର୍ପଣ ଭାବ ନେଇ ସମସ୍ତ ନୀତିକାନ୍ତି କରାଯାଇଛି। ଠିକ୍ ସମୟରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ବିଗତଦିନରେ ମଧ୍ୟ ରଥଯାତ୍ରା ପରଦିନ ରଥ ଟଣା ହୋଇଛି। ଶନିବାର ସବୁ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଛି। ମହାପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହୋଇଥାଏ। ମହାପ୍ରଭୁଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହେବ। ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ତେବେ ରଥ କର୍ଡନ ମଧ୍ୟରେ ଅଧିକ ବ୍ୟକ୍ତି ରହିବା ନେଇ ଯେଉଁ ଅଭିଯୋଗ ହେଉଛି, ତାହାର ତର୍ଜମା କରାଯିବ। ରଥ ଉପରକୁ ଅଣସେବାୟତ ଏବଂ ସେବା ନ ଥିବା ସେବାୟତ ଯାଇପାରିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ତାହାକୁ ଅବମାନନା କରି କେତେଜଣ ବ୍ୟକ୍ତି ରଥ ଉପରକୁ ଯାଇଥିଲେ। ମୋବାଇଲ ଫୋନ୍ ପ୍ରାୟତଃ କେହି ରଥ ଉପରେ ବ୍ୟବହାର କରିନାହାନ୍ତି। ଯଦି ମୋବାଇଲ ବ୍ୟବହାର କରିଥିବା ନଜରକୁ ଆସେ, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାହାସବୁ ତ୍ରୁଟିବିଚ୍ୟୁତି ରହିଛି, ତାହକୁ ସୁଧୁରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ମହାପ୍ରଭୁଙ୍କୁ ନେଇ ରାଜନୀତି କରୁଥିବା ବ୍ୟକ୍ତି ଫଳ ପାଇବେ: ଆଇନମନ୍ତ୍ରୀ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ଅଧାରେ ଅଟକି ରହିଥିବା ତିନି ରଥକୁ ଶନିବାର ପୁଣି ଟଣାଯାଇଥିଲା। ଭକ୍ତମାନେ ରଥକୁ ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇଥିଲେ। ତେବେ ଭକ୍ତଙ୍କ ସହ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଏଡିଜି, ବରିଷ୍ଠ ଅଧିକାରୀ, ବିଧାୟକ ପ୍ରମୁଖ ରଥ ଟାଣିଥିଲେ। ଏହି ଅବସରରେ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ମହାପ୍ରଭୁ ତାଙ୍କ ଇଚ୍ଛାରେ ଯାତ୍ରା କରିଥାନ୍ତି। ଚଳିତବର୍ଷ ଶୃଙ୍ଖଳାର ସହ ଭବ୍ୟ ଭାବେ ରଥଯାତ୍ରା ସମ୍ପନ୍ନ ହୋଇଛି। ଦ୍ୱିତୀୟ ଦିନରେ ଠିକ୍ ସମୟରେ ରଥ ଟଣା ହୋଇଛି। ଶୁକ୍ରବାର ପ୍ରବଳ ଜନସମାଗମ ହୋଇଥିଲା ଓ ବଡ଼ଠାକୁରଙ୍କ ରଥ ବାରମ୍ବାର ମୋଡ଼ ନେଲା, ସେଥିପାଇଁ ଅଧିକ ସମୟ ଲାଗିଥିଲା। ମହାପ୍ରଭୁଙ୍କ ନିକଟରେ ସମର୍ପିତ ହୋଇଯାଇଛି। ମହାପ୍ରଭୁ ତାଙ୍କ ଯାତ୍ରାକୁ ଶୃଙ୍ଖଳିତ ଭାବେ କରିବେ। କୁତ୍ସିତ ରାଜନୀତି କରୁଥିବା ବ୍ୟକ୍ତିଙ୍କୁ ସବୁଆଡ଼େ ହଳଦିଆ ହଳଦିଆ ଦେଖାଯିବ। ମହାପ୍ରଭୁଙ୍କ ଲୀଳା ଯଦି ତାଙ୍କୁ ରାଜନୀତି ଲାଗୁଛି, ତେବେ ତାହା ଉପରେ କହିବାର କିଛି ନାହିଁ। ଅତୀତରେ ମହାପ୍ରଭୁଙ୍କୁ ନେଇ ସେମାନେ ବହୁ ଅପମାନିତ କରିଛନ୍ତି। ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କରୁଛନ୍ତି, ସେମାନେ ଆଜି ନ ହେଲେ କାଲି ତାହାର ଫଳ ପାଇବେ ବୋଲି ଆଇନମନ୍ତ୍ରୀ କହିଛନ୍ତି। ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନ ଟଣାଯାଏ। ପ୍ରଥମ ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିବା ନଜିର ନାହିଁ। ୧୯୭୭ ମସିହାରୁ ଦେଖିଆସୁଛି। ମହାପ୍ରଭୁ ଭକ୍ତଙ୍କ ଗହଣରେ ହଲି ହଲି ନିଜେ ଆସିଥାନ୍ତି। ଏହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ସମ୍ପର୍କ ବୋଲି ହରିଚନ୍ଦନ ପ୍ରକାଶ କରିଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଆୟୋଜିତ ଓଡ଼ିଶୀ ପ୍ରତିଭା ଉତ୍ସବରେ ଶିଳ୍ପୀ ସୃଷ୍ଟି ମହାପାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ଶ୍ରୀକ୍ଷେତ୍ର ହିଁ ଜଗନ୍ନାଥ ଧାମ: ରାମଭଦ୍ରାଚାର୍ଯ୍ୟ

ପୁରୀ,୨୮।୬(ଅଜିତ୍ କୁମାର ମହାନ୍ତି)

କେବଳ ଶ୍ରୀକ୍ଷେତ୍ର ହିଁ ଶ୍ରୀଜଗନ୍ନାଥ ଧାମ ବୋଲି ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ଶ୍ରୀରାମଭଦ୍ରାଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ, ଶ୍ରୀକ୍ଷେତ୍ର ପୁରୀ ହିଁ ନୀଳଚଳ ଧାମ। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ। ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ଧାମ ହୋଇପାରିବନାହିଁ। ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟକ୍ଷ ଦାରୁବ୍ରହ୍ମ, ଯାହାଙ୍କୁ ଦର୍ଶନ କଲେ ମନକୁ ଶାନ୍ତି ମିଳେ। ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ ବୋଲି କହିବା ଠିକ୍ ନୁହେଁ ବୋଲି ରାମଭଦ୍ରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

# ସେବାୟତଙ୍କ ମଧ୍ୟରେ ମାରପିଟ

ବାଣପୁର,୨୮।୬(ଦିଲୀପ କୁମାର ସ୍ୱାଇଁ)

## ଜଣେ ଗୁରୁତର, ଜଣେ ଅଟକ

ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ମା'ଭଗବତୀଙ୍କ ମନ୍ଦିରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେବାୟତଙ୍କ ଆକ୍ରମଣରେ ଅନ୍ୟ ଜଣେ ସେବାୟତ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପବିତ୍ର ନାୟକ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ବାଣପୁର ପୋଲିସ ଆକ୍ରମଣକାରୀ ସେବାୟତ କୈଳାସ ଭୋପାଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, କୈଳାସ ଶନିବାର ଅପରାହ୍ଣରେ କୌଣସି କାରଣକୁ ନେଇ ମନ୍ଦିର ପରିସରରେ ଦୀର୍ଘ ସମୟଧରି ଗାଳିଗୁଲଜ କରୁଥିଲେ। ଫଳରେ ମନ୍ଦିରରେ କାର୍ଯ୍ୟରତ ସେବାୟତ ପବିତ୍ର ଏହାର ପ୍ରତିବାଦ କରିବା ସହ ତାଙ୍କୁ ବୁଝାଶୁଝା କରିଥିଲେ। ଏଥିରେ କୈଳାସ ଉତ୍‌କ୍ଷିପ୍ତ ହୋଇ ଏକ କ୍ରିକେଟ ବ୍ୟାଟରେ ପବିତ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହ ଗୁରୁତର ହୋଇପଡ଼ିଥିଲେ। ପବିତ୍ରଙ୍କୁ ସୁରକ୍ଷା କରିବାକୁ ଯାଇ ଅନ୍ୟ ଜଣେ ସେବାୟତ ସୁଧାକର ଭୋପା ମଧ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ପବିତ୍ରଙ୍କୁ ସେବାୟତମାନେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କୈଳାସଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ତାପସ



@ ଚନ୍ଦନ



@ ପ୍ରତାପ



@ ଗୁଡୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ରେ 'ଲୀଳାମୟ ନୀଳାଦ୍ରୀଶ'

ଭୁବନେଶ୍ୱର,୨୮।୬(ବନ୍ଦନା ସେଠୀ)

ରଥଯାତ୍ରା ଉପଲକ୍ଷେ ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଜୁଲାଇ ୩ରେ ସୂଚନାଭବନଠାରେ 'ଲୀଳାମୟ ନୀଳାଦ୍ରୀଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ରାଉରକେଲା କୋଏଲନଗରସ୍ଥିତ 'ଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ନ୍ୟାସ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ' ପ୍ରଦାନ କରାଯିବ। ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ମର୍ଦ୍ଦଳବାଦକ ପ୍ରଫେସର ଜଗନ୍ନାଥ କୁଅଁର ଶ୍ରୀଗୀତଗୋବିନ୍ଦ ଓ ଜଗନ୍ନାଥ ଜଣାଣ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଭାପତି ଡ. କୃଷ୍ଣକେଶବ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ପୁରୀ ସହ ଦୀଘା ରଥଯାତ୍ରାକୁ ତୁଳନାକରି ଅଡୁଆରେ ରାଜଦୀପ୍ ସର୍‌ଦେଶାଇ

ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

- ଭାବାବେଗକୁ ଆଘାତ ଦେଇଥିବାରୁ କ୍ଷମା ମାଗିଲେ
- ରାଜୀବ, ସବ୍ୟସାଚୀଙ୍କ ମଧ୍ୟରେ ଟୁଇଟ୍ ୱାର୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଶ୍ରୀକ୍ଷେତ୍ର ସମେତ ସାରା ରାଜ୍ୟ ଚଳଚଞ୍ଚଳ ହୋଇପଡ଼ିଛି। ରଥାରୂଢ଼ ଦିଅଁଙ୍କୁ ଦର୍ଶନ କରିବା ପାଇଁ ଦେଶ ବିଦେଶରୁ ଶ୍ରଦ୍ଧାଳୁମାନେ ପୁରୀରେ ଡେରା ପକାଇଛନ୍ତି। ଏଭଳି ସମୟରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସହିତ ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିର ରଥଯାତ୍ରାକୁ ତୁଳନା କରି ଅଡୁଆରେ ପଡ଼ିଛନ୍ତି ବରିଷ୍ଠ ସାମ୍ବାଦିକ ରାଜଦୀପ୍ ସର୍‌ଦେଶାଇ। ଅଭିନେତା ସବ୍ୟସାଚୀ ମିଶ୍ର ରାଜଦୀପଙ୍କ ଏଭଳି ପୋଷ୍ଟକୁ ନିନ୍ଦା କରିବା ସହିତ ଏହା କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ଏଥିପାଇଁ ସେ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ଦାବି କରିଥିଲେ। କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ଟୁଇଟ୍ ୱାର୍ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ସବ୍ୟସାଚୀଙ୍କ ସମର୍ଥନରେ ଅନେକ ଶ୍ରଦ୍ଧାଳୁ ବାହାରିବା ପରେ ଶେଷରେ ରାଜଦୀପ୍ ଏନେଇ କ୍ଷମା ପ୍ରାର୍ଥନା କରିଛନ୍ତି।

ରାଜଦୀପ ଶୁକ୍ରବାର ରାତିରେ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଲେଖିଥିଲେ, ଜଗନ୍ନାଥଙ୍କ ରଥଯାତ୍ରାର ଏବେ ଦୁଇଟି ଠିକଣା। ମୂଳ ରଥଯାତ୍ରା ପୁରୀରେ ହେଉଥିବାବେଳେ ପଶ୍ଚିମବଙ୍ଗ ଦୀଘା ମଧ୍ୟ ଏବେ ରଥଯାତ୍ରାର ନୂତନ ଠିକଣା ପାଲଟିଛି। ତେବେ ସବ୍ୟସାଚୀ ଏହାକୁ ରିଟୁଇଟ୍ କରିବା ସହିତ ଦୃଢ ଭାବରେ ନିନ୍ଦା କରିଥିଲେ। ରାଜଦୀପଙ୍କ





ରାଜଦୀପ୍ ଓ ସବ୍ୟସାଚୀଙ୍କ ପୋଷ୍ଟର କିଛି ଅଂଶ।

ଏଭଳି ଦାୟିତ୍ୱହୀନ ମନ୍ତବ୍ୟ କୋଟି କୋଟି ଓଡ଼ିଆ ତଥା ଜଗନ୍ନାଥ ଭକ୍ତଙ୍କୁ ଆଘାତ ଦେଇଥିବାରୁ ସେ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ସବ୍ୟସାଚୀଙ୍କ ଟୁଇଟ୍‌କୁ ଲୋକଙ୍କ ସମର୍ଥନ ମିଳିବା ଦେଖି ରାଜଦୀପ୍ ପୁନର୍ବାର ଆଉ ଏକ ପୋଷ୍ଟ କରିଥିଲେ। ଏଥିରେ ପୁରୀ ଜଗନ୍ନାଥ ଯାତ୍ରାର କୌଣସି ତୁଳନା ନାହିଁ ଏବଂ ଏହା ସର୍ବଦା ରଥଯାତ୍ରାର ମୂଳ କେନ୍ଦ୍ର ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଦୀଘାରେ ହେଉଥିବା ରଥଯାତ୍ରାକୁ ସ୍ୱାଗତ କରିବା ଉଚିତ ବୋଲି ପୋଷ୍ଟ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ଏଭଳି ଟୁଇଟ୍ ୱାର ଚାଲିବା ପରେ ରାଜଦୀପ୍ ନିଜର ମନ୍ତବ୍ୟ ନେଇ କ୍ଷମା ପ୍ରାର୍ଥନା ସହିତ ଆଉ ଏକ ପୋଷ୍ଟ କରିଥିଲେ। କେବଳ ପୁରୀରେ ମୂଳ ରଥଯାତ୍ରା ହେଉଥିବାବେଳେ ଏହାର ସଙ୍କେତ ଭାବେ ଅନ୍ୟ ସ୍ଥାନଗୁଡିକରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଯଦି ଆପଣ ପ୍ରଭୁ ଜଗନ୍ନାଥଙ୍କର ଜଣେ ପ୍ରକୃତ ଭକ୍ତ, ତେବେ ଜଗନ୍ନାଥଙ୍କ ଭକ୍ତି ବହୁ ଦୂରକୁ ବ୍ୟାପୁଥିବାରୁ ଆପଣ ଖୁସି ହେବା ଉଚିତ। ଦୀଘା ମଧ୍ୟ ଏହି କ୍ରମରେ ସାମିଲ୍ ହୋଇଛି। ପ୍ରଭୁଙ୍କ ଉପରେ ରହିଥିବା ବିଶ୍ୱାସ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ରାଜ୍ୟ କିମ୍ବା ବ୍ୟକ୍ତିର ନୁହେଁ। ସେହିପରି ପୁରୀ ରଥଯାତ୍ରା ସମୟରେ ଆହତ ହୋଇଥିବା ଭକ୍ତଙ୍କ ପାଇଁ (୫୦୦ରୁ ଅଧିକ) ମଧ୍ୟ ଚିନ୍ତା କରିବା କଥା। ପ୍ରକୃତ ଧାର୍ମିକ ଏବଂ ଓଡ଼ିଆ ଗୌରବ ଭାବେ ଆଗାମୀ ଥର ଉନ୍ନତ ଭିଡ଼ ପରିଚାଳନା ନିଶ୍ଚିତ କରିବା ଉଚିତ ବୋଲି ରାଜଦୀପ୍ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏନେଇ ସବ୍ୟସାଚୀ କହିଛନ୍ତି, ତାଙ୍କ ଭଳି ସାମ୍ବାଦିକଙ୍କ ପାଖରୁ ଏଭଳି କଥା ଆଶା କରାଯାଏନି। ଏହା କେବଳ ଏକ ପୋଷ୍ଟ ନୁହେଁ, ବରଂ ଜାତୀୟସ୍ତରରେ ଏକ ପ୍ରୋପାଗଣ୍ଡା ତିଆରି କରିବାକୁ ଚେଷ୍ଟା କରାଯାଇଛି। ତେଣୁ ଏହାକୁ ଦୃଢତାର ସହ ବିରୋଧ କରିବା ଦରକାର। ରଥଯାତ୍ରା ସମୟରେ ହଜାର ହଜାର ସ୍ଥାନରେ ଏଭଳି ରଥଯାତ୍ରା ଅନୁଷ୍ଠିତ ହେଉଛି। ମାତ୍ର କେହି ବି ପୁରୀ ରଥଯାତ୍ରା ସହିତ ଏଭଳି ତୁଳନା କରିବାକୁ ଦୁଃସାହସ କରିନାହାନ୍ତି। ଧୀରେ ଧୀରେ ମୋ ପୋଷ୍ଟକୁ ସମର୍ଥନ ମିଳିବା ଦେଖି ଶେଷରେ ରାଜଦୀପ୍ ସର୍‌ଦେଶାଇ ଜଗନ୍ନାଥପ୍ରେମୀଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି ବୋଲି ସବ୍ୟସାଚୀ କହିଛନ୍ତି।

**ଆଇଏସ୍‌ର ଭାରତ ମୁଖ୍ୟ ସକିବ୍ ନଚାନଙ୍କ ମୃତ୍ୟୁ**

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସଂଗଠନର ଭାରତ ମୁଖ୍ୟ ତଥା ବେଆଇନ ଘୋଷିତ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର ପୂର୍ବତନ କାର୍ଯ୍ୟକର୍ତ୍ତା ସକିବ୍ ନଚାନଙ୍କର ଶନିବାର ବ୍ରେନ୍ ହାମରେଜ୍ ଯୋଗୁ ମୃତ୍ୟୁ ଘଟିଛି। ଦିଲ୍ଲୀ ଏବଂ ମହାରାଷ୍ଟ୍ରର ପଡ଼ଘା ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତି ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଏସ୍‌ଏ) ଦ୍ୱାରା ଗିରଫ ହୋଇ ସେ ୨୦୨୩ରୁ ତିହାର ଜେଲରେ ଥିଲେ।



# ଆତଙ୍କବାଦୀ ଲଞ୍ଚପ୍ୟାଡ୍ ପୁନଃ ନିର୍ମାଣ କରୁଛି ପାକିସ୍ତାନ

■ଅପରେଶନ ସିନ୍ଦୂରରେ ଧ୍ୱଂସ ହୋଇଥିଲା

■ସର୍ଭିଲାନ୍ସରୁ ବର୍ତ୍ତିବା ପାଇଁ ପ୍ରଯୁକ୍ତିର ବ୍ୟବହାର କରାଯାଉଛି

ନୂଆଦିଲ୍ଲୀ,୨୮।୬

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂରରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର(ପିଓକେ)ରେ ଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା। ଇସ୍‌ଲାମାବାଦ ଏବେ ସେହି ଧ୍ୱସ୍ତ ଆତଙ୍କବାଦୀ ଶିବିର ଏବଂ ଲଞ୍ଚପ୍ୟାଡ୍‌ଗୁଡ଼ିକର ପୁନଃ ନିର୍ମାଣ କରୁଥିବା ଜଣାପଡ଼ିଛି। ପିଓକେରେ ନୂଆ କ୍ୟାମ୍ପ ନିର୍ମାଣ ପାଇଁ ପାକ୍ ସରକାର, ସେନା ଏବଂ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଣ୍ଠି ଯୋଗାଇଦେବା ସହ ପୂର୍ଣ୍ଣ ସହଯୋଗ କରୁଛନ୍ତି। କ୍ୟାମ୍ପଗୁଡ଼ିକୁ ଯେପରି ସହଜରେ ଚିହ୍ନଟ କରି ନ ହେବ ସେଥିପାଇଁ ପ୍ରଯୁକ୍ତିର ବ୍ୟବହାର କରାଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ମେ' ୭ରେ ଭାରତୀୟ ସେନାର ଆକ୍ରମଣରେ ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ୪ଟି ଲଞ୍ଚପ୍ୟାଡ୍ ଓ କ୍ୟାମ୍ପ ଧ୍ୱଂସ ହୋଇଥିଲାବେଳେ ଏବେ ସେଗୁଡ଼ିକ ପୁଣି ଚଳଚଞ୍ଚଳ ହେଲାଣି। ସେଗୁଡ଼ିକର ପୁନଃ ନିର୍ମାଣରେ ପାକିସ୍ତାନ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଅପରେଶନ ସିନ୍ଦୂରରେ ଭାରତୀୟ ସେନା ପାକିସ୍ତାନର ୩ଟି ବୃହତ୍ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍), ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ ସହ ସମ୍ପୃକ୍ତ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ସେଥିରୁ ସବୁଠୁ ଉଲ୍ଲେଖନୀୟ ଟାର୍ଗେଟ ଥିଲା ବାହାବଲପୁରରେ ଥିବା ଜେଇଏମ୍‌ର ମୁଖ୍ୟାଳୟ। ଏହାକୁ ଜେଇଏମ୍ ଆତଙ୍କବାଦୀ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ର ଭାବେ ବିବେଚନା କରାଯାଏ।

ସର୍ଭିଲାନ୍ସ ଏବଂ ଏୟାରଷ୍ଟ୍ରାଇକ୍‌ରୁ ବର୍ତ୍ତିବା ପାଇଁ ଉକ୍ତ ଆତଙ୍କବାଦୀ ଶିବିରଗୁଡ଼ିକୁ ଏଲ୍‌ଓସି ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି ଏବଂ ଅପେକ୍ଷାକୃତ ଛୋଟ କରାଯାଉଥିବା ଗୋଇନ୍ଦା ସୂଚନାରୁ ଜଣାପଡ଼ିଛି। ଏବେ ଲୁନି, ପୁଟ୍‌ୱାଲ, ତାଇପୁ ପୋଷ୍ଟ, ଜମିଲା ପୋଷ୍ଟ, ଉମ୍ରାନୱାଲି, ଚାପ୍ରାର, ଫରୱାର୍ଡ କହୁଟା, ଚୋଟା ଚକ ଏବଂ ଜଙ୍ଗଲୋରା ଅଞ୍ଚଳରେ କ୍ୟାମ୍ପ ପୁନଃ ନିର୍ମାଣ କରାଯାଇଛି। ସେଥିରେ ଅତ୍ୟାଧୁନିକ ପ୍ରଯୁକ୍ତି ଉପଯୋଗ କରାଯାଇଛି, ଯେପରି ତାହା ଥର୍ମାଲ ଇମେଜର, ଫୋଲିଜ୍ ପେନେଟ୍ରେଟିଂ ରାଡାର ଏବଂ ସାଟେଲାଇଟ୍ ସର୍ଭିଲାନ୍ସକୁ ପ୍ରତିରୋଧ କରିପାରିବ। ଏହା ବ୍ୟତୀତ କେଲ୍, ଶାର୍ଦ୍ଦି, ଦୁଧନିୟାଲ, ଆଠମୁକାମ୍, ଜୁରା, ଲିପା ଭ୍ୟାଲି, ପଚିବନ ଚମନ, ତଣ୍ଡପାନି, ନଇୟାଲି, ଜଙ୍କୋଟ, ଚକୋଟି, ନିକାଇଲ ଓ ଫରୱାର୍ଡ କହୁଟା ସମେତ ପିଓକେରେ ୧୩ଟି ଲଞ୍ଚପ୍ୟାଡ୍‌କୁ ପାକ୍ ସେନା ଏବଂ ଆଇଏସ୍‌ଆଇ ପୁନଃ ବିକଶିତ କରୁଛି। ସେହିପରି ଅନ୍ତର୍ଜାତୀୟ ସୀମାରେ ଧ୍ୱଂସ ହୋଇଥିବା ୪ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ମଧ୍ୟ ପୁନଃ ସକ୍ରିୟ ହୋଇଛି। ସେହି ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଆଇଏସ୍‌ଆଇ ବିକଶିତ କରୁଥିବା ଜଣାପଡ଼ିଛି। ଗୋଟିଏ ସ୍ଥାନରେ ଯେପରି ଅଧିକ ସଂଖ୍ୟାରେ ଆତଙ୍କବାଦୀ ନ ରହିବେ, ସେଥିପାଇଁ ବଡ଼ କ୍ୟାମ୍ପ ବଦଳରେ ଅଧିକ ଛୋଟ କ୍ୟାମ୍ପ ନିର୍ମାଣ କରାଯାଉଛି। ଫଳରେ ଏୟାରଷ୍ଟ୍ରାଇକ୍ ହେଲେ ସମ୍ଭାବ୍ୟ କ୍ଷତି କମ୍ ହୋଇପାରିବ। ପ୍ରତି ମିନିକ୍ୟାମ୍ପରେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ରହିବ। ପାକ୍ ସେନା ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ ବ୍ୟକ୍ତି ଏହାର ସୁରକ୍ଷା ଅନୁଧ୍ୟାନ କରିବେ। ସୁରକ୍ଷା କର୍ମୀଙ୍କୁ ଥର୍ମାଲ ସେନ୍‌ସର, ନିମ୍ନ ଫ୍ରିକ୍ୱେନ୍ସିଯୁକ୍ତ ରାଡାର ସିଷ୍ଟମ ଏବଂ ଆଣ୍ଟିଡ୍ରୋନ୍ ପ୍ରଯୁକ୍ତି ଯୋଗାଇ ଦିଆଯାଉଥିବା ସୂତ୍ରରୁ ଜଣାପଡ଼ିଛି। ନିକଟରେ ବାହାବଲପୁରରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଇଏମ୍, ଲଶ୍କର, ହିଜ୍‌ବୁଲ ମୁଜାହିଦ୍ଦିନ, ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)ର ବରିଷ୍ଠ କମାଣ୍ଡର ଏବଂ ଆଇଏସ୍‌ଆଇ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଟିଆର୍‌ଏଫ୍ ସମ୍ପୃକ୍ତ ଥିଲା।

# ଆତ୍ମଘାତୀ ଆକ୍ରମଣ: ୧୬ ପାକ୍ ସୈନ୍ୟ ମୃତ



ପାକିସ୍ତାନୀ ସେନା ଗାଡ଼ିକୁ ଧକ୍କା ଦେଇ ବିସ୍ଫୋରକ ଭର୍ତ୍ତି ଗାଡ଼ି ଜଳିଯାଉଛି।

ପେଶାୱର,୨୮।୬

ପାକିସ୍ତାନର ନର୍ଥ ୱାଜିରିସ୍ତାନରେ ଶନିବାର ଆତ୍ମଘାତୀ ଆକ୍ରମଣରେ ୧୬ ସୈନ୍ୟ ନିହତ ହେବା ସହ ୨୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ସାଧାରଣ ଲୋକ ମଧ୍ୟ ରହିଛନ୍ତି। ପାକିସ୍ତାନୀ ତାଲିବାନ ସଂଗଠନ ଏହି ବିସ୍ଫୋରଣ ଘଟାଇଥିବା ସ୍ଥାନୀୟ ସରକାର ଏବଂ ପୋଲିସ ଅଧିକାରୀ କହିଛନ୍ତି।

ଖାଇବର ପଖତୁନ୍‌ଖ୍ୱା ପ୍ରଦେଶର ନର୍ଥ ୱାଜିରିସ୍ତାନ ଜିଲାରେ ଆତ୍ମଘାତୀ ବମ୍ବର ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ପାକ୍ ସେନା ଗାଡ଼ିସମୂହ ସହ ଧକ୍କା କରାଇଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା ୨ ଘରର ଛାତ ଭୁଶୁଡ଼ି ପଡ଼ିବା ସହ ୬ ଜଣ ପିଲା ଆହତ ହୋଇଛନ୍ତି। ପାକିସ୍ତାନୀ ତାଲିବାନ ସଂଗଠନର ସଶସ୍ତ୍ର ହାଫିଜ୍ ଗୁଲ୍ ବାହାଦୁର ଗ୍ରୁପ୍‌ର ଆତ୍ମଘାତୀ ଶାଖା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ୨୦୨୧ରେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହାର ସୀମାବର୍ତ୍ତୀ ପାକିସ୍ତାନ ଅଞ୍ଚଳରେ ହିଂସା ବଢ଼ିଚାଲିଛି। ପଡ଼ୋଶୀ ଦେଶ ଏହାର ଭୂମିକୁ ପାକିସ୍ତାନ ବିରୋଧରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ନେଇ ଇସ୍‌ଲାମାବାଦ ଅଭିଯୋଗ କରୁଥିଲାବେଳେ ତାଲିବାନ ଏହାକୁ ଖଣ୍ଡନ କରିଛି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ଖାଇବର ପଖତୁନ୍‌ଖ୍ୱା ଏବଂ ବେଲୁଚିସ୍ତାନରେ ସଶସ୍ତ୍ର ଆତଙ୍କବାଦୀଙ୍କ ଆକ୍ରମଣରେ ୨୯୦ ଜଣଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷା ଅଧିକାରୀ।

## ତେଲୁଗୁ ନ୍ୟୁଜ୍ ଆଙ୍କରଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ, ୨୮।୬

ତେଲୁଗୁ ନ୍ୟୁଜ୍ ଆଙ୍କର ଶ୍ୱେତା ଭୋଟାର୍‌କର୍ (୪୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ହାଇଦ୍ରାବାଦର ଜର୍ନାଲିଷ୍ଟ କଲୋନୀସ୍ଥିତ ବାସଭବନରୁ ଜବତ ହୋଇଛି। ଶ୍ୱେତା ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେ ଏକ ପ୍ରମୁଖ ତେଲୁଗୁ ନ୍ୟୁଜ୍ ଚ୍ୟାନେଲରେ ବରିଷ୍ଠ ଆଙ୍କର ଭାବେ କାର୍ଯ୍ୟରତ ଥିଲେ। ଆତ୍ମହତ୍ୟା ପାଇଁ ଶ୍ୱେତାଙ୍କୁ ଉସ୍‌କାଯାଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଆତ୍ମହତ୍ୟାର ତଦନ୍ତ କରୁଛି।



ଶ୍ୱେତା ଭୋଟାର୍‌କର୍



କୋଲକାତା ଆଇନ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ପ୍ରତିବାଦରେ ଶନିବାର ବିକ୍ଷୋଭ ବେଳେ ପୋଲିସ ସହ ଭାଜପା କର୍ମୀଙ୍କ ଧସ୍ତାଧସ୍ତି।

## ବିହାରରେ ଭୋଟର ତାଲିକାର ସଘନ ସଂଶୋଧନ ଆରମ୍ଭ

ନୂଆଦିଲ୍ଲୀ,୨୮।୬

ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ମାସରେ ବିହାରରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ ଆୟୋଗ (ଇସି)ଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇଛି। ଏହି ଅଭିଯାନ ଅନୁଯାୟୀ, ରାଜ୍ୟବ୍ୟାପୀ ଭୋଟର ତାଲିକାକୁ ଅପଡେଟ୍ କରାଯିବା ସହ ଯୋଗ୍ୟ ନାଗରିକଙ୍କୁ ଯୋଡ଼ିବା ଏବଂ ତ୍ରୁଟି ସଂଶୋଧନ କରିବାର କାମ ବ୍ୟାପକ ସ୍ତରରେ ହେଉଥିବା ନେଇ ଶନିବାର ଇସିଙ୍କ ପକ୍ଷରୁ ଏକ ବିବୃତି ଜାରିକରି ସୂଚନା ଦିଆଯାଇଛି। ଏହି ପ୍ରକ୍ରିୟାରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ପୂର୍ଣ୍ଣ ସହଯୋଗ ମିଳୁଥିବା ଇସି କହିଛନ୍ତି।

## ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସନ୍ଥଙ୍କ ନାଁରେ ବଳାତ୍କାର ଅଭିଯୋଗ

କୋଲକାତା,୨୮।୬

ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସନ୍ଥ କାର୍ତ୍ତିକ ମହାରାଜଙ୍କ ବିରୋଧରେ ପଶ୍ଚିମବଙ୍ଗର ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ଭାଜପାର ଘନିଷ୍ଠ ଭାବେ ଜଣାଶୁଣା କାର୍ତ୍ତିକ ୨୦୧୩ରେ ମହିଳାଙ୍କୁ ଏକ ସ୍କୁଲ୍‌ରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଅନେକ ଥର ବଳାତ୍କାର କରିଥିଲେ। ଭାରତ ସେବାଶ୍ରମ ସଂଘରେ ସନ୍ଥ ଥିବା କାର୍ତ୍ତିକ ମହିଳାଙ୍କୁ ତାଙ୍କ ମୁର୍ଶିଦାବାଦସ୍ଥିତ ଆଶ୍ରମକୁ ନେଇ ଏହା ପରିସରରେ ଥିବା ସ୍କୁଲ୍‌ରେ ଶିକ୍ଷୟିତ୍ରୀ କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସେ ମହିଳାଙ୍କୁ ଆଶ୍ରମରେ ଆଶ୍ରୟ ଦେଇଥିଲେ। ତେବେ ଗୋଟିଏ ରାତିରେ ସନ୍ଥ ତାଙ୍କ ପ୍ରକୋଷ୍ଠରେ ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିଲେ। ୨୦୧୩ ଜାନୁଆରୀରୁ ଜୁନ୍ ମଧ୍ୟରେ କାର୍ତ୍ତିକ ତାଙ୍କୁ ଅନ୍ୟୂନ ୧୨ ଥର ବଳାତ୍କାର କରିଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସରେ ଅଭିଯୋଗ କଲେ ସନ୍ଥ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଭୟରେ ମହିଳା ଜଣକ ସେତେବେଳେ ନୀରବ ରହିଥିଲେ ବୋଲି କହିଛନ୍ତି। ପୋଲିସ କାର୍ତ୍ତିକଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



କାର୍ତ୍ତିକ ମହାରାଜ

## ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କ ଅକାଳ ବିୟୋଗ

ମୁମ୍ବାଇ,୨୮।୬

ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କର ଶୁକ୍ରବାର ମୁମ୍ବାଇରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଶେଫାଳି ନିଜର ଯୁବାବସ୍ଥା ବଜାୟ ରଖିବା ପାଇଁ ଆଣ୍ଟି-ଏଜିଂ ଚିକିତ୍ସା କରାଉଥିଲେ। 'କାଣ୍ଟା ଲାଗା' ମ୍ୟୁଜିକ୍ ଭିଡିଓରେ ପ୍ରଦର୍ଶନ ପାଇଁ ପରିଚିତ ଶେଫାଳି ସଲ୍‌ମାନ ଖାନ୍‌ଙ୍କ ମୁଝ୍‌ସେ ଶାଦି କରୋଗୀ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ରିଅଲିଟି ଶୋ' ବିଗ୍‌ବସ୍-୧୩ରେ ସାମିଲ ହୋଇଥିଲେ। ତାଙ୍କ ପରଲୋକରେ ସେଲିବ୍ରିଟିମାନେ ଶୋକବ୍ୟକ୍ତ କରିଛନ୍ତି।



# ପୀଡ଼ିତାଙ୍କ ବେକ, ଛାତିରେ ଆଞ୍ଚୁଡ଼ା ଚିହ୍ନ

**ଆଇନ ଛାତ୍ରୀ ଗଣବଳାତ୍କାର ଘଟଣା**

**କଲେଜ ସୁରକ୍ଷା କର୍ମୀ ଗିରଫ**

**ବିକ୍ଷୋଭ ବେଳେ କେନ୍ଦ୍ରମନ୍ତ୍ରୀ ମଜୁମଦାର ଅଟକ**

କୋଲକାତା,୨୮।୬

ପଶ୍ଚିମବଙ୍ଗର ସାଉଥ୍ କାଲକାଟା ଲ' କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଶୁକ୍ରବାର ଜଣେ ପୂର୍ବତନ ଛାତ୍ରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶନିବାର ସକାଳେ ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରାଯାଇଛି। ପୀଡ଼ିତାଙ୍କ ବେକ, ଛାତି ଓ ଶରୀରର ଅନ୍ୟ ସ୍ଥାନରେ ଆଞ୍ଚୁଡ଼ା ଚିହ୍ନ ଥିବାରୁ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିବାବେଳେ ଯୌନ ନିର୍ଯାତନାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ଡାକ୍ତରୀ ରିପୋର୍ଟରେ କୁହାଯାଇଛି। ପୀଡ଼ିତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଫୋରେନ୍‌ସିକ୍‌ପରୀକ୍ଷା ପାଇଁପଠାଯାଇଛି।

ଆଇନ ଛାତ୍ରୀ ଗଣବଳାତ୍କାରର ପ୍ରତିବାଦରେ ଶନିବାର କୋଲକାତାରେ ବିକ୍ଷୋଭ ଚାଲିଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାର ଓ ଅନ୍ୟ ନେତାମାନଙ୍କୁ ଅଟକ ରଖାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶରେ ଅଟକ ରଖାଯାଇଥିବା ମଜୁମଦାର କହିଛନ୍ତି। ଗଣବଳାତ୍କାର ଘଟଣାରେ ଶାସକ ତୃଣମୂଳ କଂଗ୍ରେସ ଦ୍ୱାରା ନିଯୁକ୍ତ ଛାତ୍ରନେତା ମନୋଜିତ ମିଶ୍ରା ଓ ତାଙ୍କ ସହଯୋଗୀ ସମ୍ପୃକ୍ତ।

# 'ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି'

**ମୋଦିଙ୍କୁ କହିଲେ ଶୁଭାଂଶୁ**

ନୂଆଦିଲ୍ଲୀ, ୨୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଥିବା ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ସହ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ'ରେ ଏହାର ଏକ ଭିଡିଓ ଶେୟାର କରାଯାଇଛି। ଏହି ଭିଡିଓରେ ଶୁଭାଂଶୁଙ୍କୁ ଅଭିନନ୍ଦନ ଜଣାଇ ମୋଦି କହିଛନ୍ତି, ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚି ଇତିହାସ ରଚିଥିବାରୁ ଆପଣଙ୍କୁ ଅଭିନନ୍ଦନ। ପୂରା ଭାରତବାସୀ ଆପଣଙ୍କୁ ନେଇ ଗର୍ବିତ। ଭାରତର ଯୁବପିଢ଼ିଙ୍କ ପାଇଁ ଶୁଭାଂଶୁ ପ୍ରେରଣା ପାଲଟିଥିବା ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଶୁଭାଂଶୁଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଶୁଭାଂଶୁ କହିଛନ୍ତି, ଆଇଏସ୍‌ଏସ୍‌ରେ ସେ ସୁସ୍ଥ ଏବଂ ସୁରକ୍ଷିତ ଅଛନ୍ତି ଓ ଭଲ ଅନୁଭବ କରୁଛନ୍ତି। ଏହା ତାଙ୍କ ପାଇଁ ଏକ ନୂତନ ଅଭିଜ୍ଞତା। ଏହି ଯାତ୍ରା କେବଳ ତାଙ୍କର ନୁହେଁ ବରଂ ପୂରା ଦେଶବାସୀଙ୍କର ବୋଲି ଶୁଭାଂଶୁ କହିଛନ୍ତି। ଆଇଏସ୍‌ଏସ୍‌ରେ ଭାରତର ପ୍ରତିନିଧିତ୍ୱ କରି ସେ ଗୌରବାନ୍ୱିତ ଅନୁଭବ କରୁଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ ଆହୁରି କହିଛନ୍ତି, ଆଇଏସ୍‌ଏସ୍‌ରୁ ସେ ଦିନକରେ ୧୬ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିପାରୁଛନ୍ତି। ସେଠାରୁ ଭାରତ ବିଶାଳ ଏବଂ ଭବ୍ୟ ଦେଖାଯାଉଛି। ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ଆକ୍ସିଓମ୍-୪ ମିଶନରେ ଶୁଭାଂଶୁ ନିଜର ୩ ସାଥୀ ମହାକାଶଚାରୀଙ୍କ ସହ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ।



ଶୁଭାଂଶୁ ଶୁକ୍ଳା



ନରେନ୍ଦ୍ର ମୋଦି

## ପ୍ରତିଶୋଧ ପାଇଁ ବାଘୁଣୀ, ୪ ଶାବକଙ୍କୁ ବିଷ

ବେଙ୍ଗାଲୁରୁ, ୨୮।୬

କର୍ନାଟକର ଚାମରାଜାନଗର ଜିଲା ହୁଗ୍ୟାମ ବନାଞ୍ଚଳରେ ଜଣେ ବ୍ୟକ୍ତି ପ୍ରତିଶୋଧ ପରାୟଣ ହୋଇ ଏକ ବାଘୁଣୀ ଓ ଏହାର ୪ ଶାବକଙ୍କୁ ବିଷ ଦେଇ ହତ୍ୟା କରିଛନ୍ତି। ବାଘୁଣୀଟି ଅଭିଯୁକ୍ତ ମାଦୁରାଜୁଙ୍କ ଗାଈକୁ ଶିକାର କରିଥିଲା। ଏହାର ପ୍ରତିଶୋଧ ପାଇଁ ସେ ମୃତ ଗାଈର ମାଂସରେବିଷ ପକାଇଥିଲେ। ପୋଲିସ ଉକ୍ତ ମାମଲାରେ ମାଦୁରାଜୁଙ୍କ ସମେତ ତାଙ୍କ ୨ସହଯୋଗୀଙ୍କୁ ଗିରଫ କରିଛି। ମାଦୁରାଜୁ ତାଙ୍କ ଗାଈର ନାମ କେଞ୍ଚି ରଖିଥିଲେ। ବାଘୁଣୀ କେଞ୍ଚିକୁ ଶିକାର କରିଥିବାରୁ ମାଦୁରାଜୁ ଉତ୍ତେଜିତ ହୋଇ କେଞ୍ଚିର ମୃତଦେହରେ ବିଷ ଛିଞ୍ଚି ଦେଇଥିଲେ। ଏହି କାର୍ଯ୍ୟରେ ତାଙ୍କୁ କୋନପ୍ପା ଏବଂ ନାଗରାଜୁ ସହାୟତା କରିଥିଲେ। ବାଘୁଣୀ ଓ ଏହାର ଶାବକମାନେ ପୁଣିଥରେ ଆସି ମାଂସ ଖାଇବାରୁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମାଦୁରାଜୁ ଓ ତାଙ୍କ ସହଯୋଗୀ କୋନପ୍ପା ଏବଂ ନାଗରାଜୁଙ୍କୁ ଗିରଫ କରିଛି।

# କନ୍ୟାଭ୍ରୁଣ ହତ୍ୟା ପାଇଁ ବାଧ କରିବାରୁ ମହିଳାଙ୍କ ଆତ୍ମହତ୍ୟା

**ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଲା ପୁରୁଷ ଭ୍ରୁଣ**

ଚେନ୍ନାଇ, ୨୮।୬

ତାମିଲନାଡୁର ତିରୁଭନ୍ନାମଲାଇ ଜିଲା କରିକାଲମ୍ପାଡ଼ି ଗ୍ରାମରେ କନ୍ୟା ଭ୍ରୁଣର ଗର୍ଭପାତ କରାଇବା ପାଇଁ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକେ ବାଧ କରିବାରୁ ୫ ମାସର ଗର୍ଭବତୀ ଉମାଦେବୀ (୨୫) ନିଜ ଦେଢ଼ ବର୍ଷର ଝିଅ ମେଘନାଶ୍ରୀଙ୍କୁ ହତ୍ୟାକରି ନିଜେ ଆତ୍ମହତ୍ୟା କରିଛନ୍ତି। ଗୁରୁବାର କରିକାଲମ୍ପାଡ଼ି ଗ୍ରାମର ଏକ କୂଅରୁ ଉଭୟଙ୍କ ମୃତଦେହ ମିଳିଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିବା ସହ ଉମାଦେବୀଙ୍କ ସ୍ୱାମୀ ଭିଗ୍ନେଶ (୨୭), ଶ୍ୱଶୁର ଜୟାଭେଲ (୫୮) ଏବଂ ଶାଶୁ ଶିବଗାମୀ (୪୩)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ଉମାଦେବୀ ଏବଂ ଭିଗ୍ନେଶ ତିରୁପତି ଯାଇଥିଲେ। ଉମାଦେବୀଙ୍କ ଗର୍ଭରେ ଥିବା ଭ୍ରୁଣର ଲିଙ୍ଗ ଚିହ୍ନଟ ପାଇଁ ସେଠାରେ ଭିଗ୍ନେଶ ବେଆଇନ ଭାବେ ଉମାଦେବୀଙ୍କ ସ୍କାନିଂ କରିଥିଲେ। ଭ୍ରୁଣ କନ୍ୟା ବୋଲି ଜଣାପଡ଼ିବା ପରେ ଗର୍ଭପାତ କରାଇବାକୁ ଉମାଦେବୀଙ୍କୁ ତାଙ୍କ ସ୍ୱାମୀ ଏବଂ ଶାଶୁ, ଶ୍ୱଶୁର ବାଧ କରିବା ସହ ନିର୍ଯାତନା ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଝିଅ ସହ କୂଅ ମଧ୍ୟକୁ ଡେଇଁଥିଲେ। ତେବେ ଉମାଦେବୀଙ୍କ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କ ଗର୍ଭରେ ଥିବା ଭ୍ରୁଣ ପୁରୁଷ ବୋଲି ଜଣାପଡ଼ିଛି।

# କୋହ୍ଲାପୁରୀ ଚପଲର ନକଲ କରି ବିବାଦରେ ଇଟାଲୀୟ ବ୍ରାଣ୍ଡ

ନୂଆଦିଲ୍ଲୀ, ୨୮।୬

ଇଟାଲୀର ଲଗ୍‌ଜୁରି ଫେଶନ ହାଉସ୍ ବ୍ରାଣ୍ଡ ପ୍ରାଡାକୁ ନେଇ ବିବାଦ ଦେଖାଦେଇଛି। ନିକଟରେ ପ୍ରାଡା ମେସ୍ ଫେଶନ ଶୋ'ର ଆୟୋଜନ ହୋଇଥିଲା। କମ୍ପାନୀ ପକ୍ଷରୁ ଏହି ଶୋ'ରେ କିଛି ଚପଲର ପ୍ରଦର୍ଶନ କରାଯାଇଥିଲା, ଯାହାକୁ ପିନ୍ଧି ମଡେଲମାନେ ର୍‍ୟାମ୍ପ ୱାର୍କ କରୁଥିବାର ନଜରକୁ ଆସିଥିଲେ। ତେବେ ଏହି ଶୋ'ରେ ମହାରାଷ୍ଟ୍ରର ପ୍ରସିଦ୍ଧ କୋହ୍ଲାପୁରୀ ଚପଲର ନକଲ କରାଯାଇଥିବା କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପ୍ରାଡାକୁ ଟ୍ରୋଲ୍ କରିଥିଲେ। ଘଟଣାକୁ ନେଇ ମହାରାଷ୍ଟ୍ର ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରି ଆଣ୍ଡ୍ ଏଗ୍ରିକଲଚର (ଏମ୍‌ସିସିଆଇଏ) ପକ୍ଷରୁ ଚିଠି ମାଧ୍ୟମରେ କମ୍ପାନୀକୁ ସମାଲୋଚନା କରାଯାଇଥିଲା। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଶନିବାର ପ୍ରାଡା ଘଟଣାକୁ ନେଇ ନୀରବତା ଭାଙ୍ଗିଛି। ଏମ୍‌ସିସିଆଇଏ ଚିଠିର ଜବାବରେ ପ୍ରାଡାର ମୁଖପାତ୍ର କହିଛନ୍ତି, ପ୍ରାଡା ମେସ୍ ଫେଶନ ଶୋ'ରେ ପ୍ରଦର୍ଶିତ ଚପଲଗୁଡ଼ିକ ପାରମ୍ପରିକ ଭାରତୀୟ ହସ୍ତଶିଳ୍ପ ଚପଲ ଦ୍ୱାରା ଅନୁପ୍ରାଣିତ, ଯାହାର ଐତିହ୍ୟ ଶତାଧିକ ବର୍ଷ ପୁରୁଣା। ଏପରି ଭାରତୀୟ କାରିଗରିର ସାଂସ୍କୃତିକ ଗୁରୁତ୍ୱକୁ କମ୍ପାନୀ ସମ୍ମାନ କରୁଛି ବୋଲି ସେ କହିଛନ୍ତି।

# ଦ୍ୱିତୀୟ ସନ୍ତାନର ଜନନୀ ହେଲେ ଇଲିଆନା

ମୁମ୍ବାଇ

ଦୀର୍ଘ ଦିନ ହେବ ଫିଲ୍ମ ଜଗତରୁ ଦୂରେଇ ରହିଥିବା ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ଦ୍ୱିତୀୟ ଥର ପାଇଁ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ଶନିବାର ଏନେଇ ଇଲିଆନା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ ସେ ତାଙ୍କ ନବଜାତ ପୁତ୍ରର ଫଟୋ ଶେୟାର କରିଥିବା ସହ ସେ ଏହାର ନାମ କେଆନୁ ରାଫେ ଡୋଲାନ ରଖିଥିବା ସୂଚନା ଦେଇଛନ୍ତି। ଗତ ୧୯ ତାରିଖରେ ସେ ଦ୍ୱିତୀୟ ସନ୍ତାନ ଲାଭ କରିଥିବା ଇଲିଆନା କହିଛନ୍ତି। ଏହି ପୋଷ୍ଟରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, ମଲାଇକା ଅରୋରା, ଆଥିଆ ଶେଟ୍ଟୀଙ୍କ ସମେତ ଅନେକ ତାରକା ଇଲିଆନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଇଲିଆନା ୨୦୨୩ରେ ଆମେରିକୀୟ ଅଭିନେତା ମାଇକେଲ ଡୋଲାନ୍‌ଙ୍କୁ ବିବାହ କରିଥିଲେ। ଅଗଷ୍ଟ ୨୦୨୩ରେ ସେ ପ୍ରଥମ ସନ୍ତାନର ଜନନୀ ହୋଇଥିଲେ। ଗତବର୍ଷ ଅକ୍ଟୋବରରେ ଦ୍ୱିତୀୟ ଥର ପାଇଁ ଗର୍ଭବତୀ ହୋଇଥିବା ନେଇ ଇଲିଆନା ସୂଚନା ଦେଇଥିଲେ। ତାଙ୍କୁ ଶେଷ ଥର ପାଇଁ ୨୦୨୪ରେ ରିଲିଜ୍ ହୋଇଥିବା 'ଦୋ ଔର ଦୋ ପ୍ୟାର୍'ରେ ଦେଖିବାକୁ ମିଳିଥିଲା।



# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

## ଅବସରର ଦୁଇଦିନ ପୂର୍ବରୁ ଚଢ଼ାଉ

- ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରରେ ୬ ଉଚ୍ଚମୂଲ୍ୟ ପ୍ଲଟ୍
- ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ଘରୁ ମିଳିଲା ନଗଦ ୨.୦୫ ଲକ୍ଷ ଟଙ୍କା



ଗଞ୍ଜାମ,(ବିଦ୍ୟାଧର ସାହୁ)/ ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଜୁନ ୩୦ ତାରିଖ ଥିଲା ଚାକିରିର ଶେଷଦିନ। ଅବସର ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଭିଜିଲାନ୍ସ ଜାଲରେ ଫସିଗଲେ କୋଟିପତି ଯନ୍ତ୍ରୀ। ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡାଙ୍କ ଘରେ ଭିଜିଲାନ୍ସ ଶନିବାର ଚଢ଼ାଉ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶୀଲଙ୍କ ଗଞ୍ଜାମ ଓ ପୁରୀ ଜିଲାର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଯାଞ୍ଚ ହେଉଛି। ଏହି ସ୍ଥାନ ମଧ୍ୟରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଗୁଡିଆଳି ଗାଁସ୍ଥିତ ପୈତୃକ ଘର, ପୁରୁଷୋତ୍ତମପୁର ବେଢଗାଁସ୍ଥିତ ଶ୍ୱଶୁର ଘର ଓ ଗଞ୍ଜାମ ବ୍ଲକସ୍ଥିତ ଅଫିସ କାର୍ଯ୍ୟାଳୟ ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ସୁଶୀଲଙ୍କ ଏକାଧିକ ପ୍ଲଟ୍, ଫ୍ଲାଟ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ସୁଶୀଲଙ୍କର ୬ଟି ଉଚ୍ଚମୂଲ୍ୟ ପ୍ଲଟ୍ ରହିଛି। ଏଥିସହ ବ୍ରହ୍ମପୁର ରାମହରି ନଗରରେ ୪,୬୨୦ ବର୍ଗଫୁଟରେ ଗୋଟିଏ ୩ ମହଲା କୋଠା, ବ୍ରହ୍ମପୁର ଆଙ୍କୁଲିରେ ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ୭୦୦ ବର୍ଗଫୁଟ ବିଶିଷ୍ଟ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍ ନଂ.୨୦୫ ଏବଂ ପୁରୀ ବୁଢ଼ଙ୍ଗସାହିରେ ଗୋଟିଏ ୧ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି। ସେହିପରି ସୁଶୀଲଙ୍କ ଘରୁ ନଗଦ ୨ ଲକ୍ଷ ୫ ହଜାର ଟଙ୍କା, ୧୨୬ ଗ୍ରାମ୍ ସୁନା ଅଳଙ୍କାର ମିଳିଥିବା ବେଳେ ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଥିବା ଜଣାପଡ଼ିଛି। ତେବେ ଅନ୍ୟାନ୍ୟ ଜମାରାଶି ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ ଜାରି ରଖିଛନ୍ତି। ଏଥିସହ ସୁଶୀଲଙ୍କ ଘରୁ ଗୋଟିଏ ଚାରିଚକିଆ ଯାନ (ମହିନ୍ଦ୍ରା କେୟୁଭି), ଦୁଇଟି ଦୁଇ ଚକିଆ ଯାନ ଓ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମିଳିଛି। ତେବେ ବ୍ରହ୍ମପୁର ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କରେ ସୁଶୀଲ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ଗୋଟିଏ ଲକର୍ ରହିଥିବା ବେଳେ ଏହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ ଟିମ୍‌ରେ ୬ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ଯାଞ୍ଚ ଜାରି ରହିଥିବାରୁ ଏହି ସମ୍ପତ୍ତି ପରିମାଣ ବଢ଼ିବ ବୋଲି ସୂଚନା ଦିଆଯାଇଛି।



ସୁଶୀଲ କୁମାର ପଣ୍ଡାଙ୍କ ବ୍ରହ୍ମପୁରସ୍ଥିତ ବାସଭବନ।

### ଗଞ୍ଜାମ ଜିଲାରେ ଚାକିରି ଆରମ୍ଭ, ଶେଷ

ସୁଶୀଲ ଉପର ଅଫିସରଙ୍କ ସହ ସୁସମ୍ପର୍କ ରଖି ଅବସର ପର୍ଯ୍ୟନ୍ତ ଗୋଟିଏ ଜିଲାରେ ରହିଥିଲେ। ୧୯୯୭ ମସିହାରେ ସୁଶୀଲ ସାନଖେମୁଣ୍ଡି ବ୍ଲକରେ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୧୫ ଯାଏ ସେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରେ ଜେଇ ଭାବେ କାମ କରିଥିଲେ। ୨୦୧୫ରେ ଚାକିରି ନିୟମିତ ହେବା ପରେ ପୁରୁଷୋତ୍ତମପୁର ବ୍ଲକରେ ନିଯୁକ୍ତି ପାଇଥିଲେ। ୨୦୨୨ରେ ସୁଶୀଲ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଶେରଗଡ଼ ବ୍ଲକରେ କାମ କରିଥିଲେ। ୨୦୨୩ରେ ସେ ଏଇଇ ଭାବେ ପଦୋନ୍ନତି ପାଇ ଗଞ୍ଜାମ ବ୍ଲକରେ କାର୍ଯ୍ୟ କରୁଥିଲେ। ଜୁନ ୩୦ ତାରିଖ ତାଙ୍କ ଚାକିରି ଜୀବନର ଶେଷଦିନ ଥିଲା ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୨୮ବର୍ଷର ଚାକିରି କାଳରେ ସେ ବହୁ ଦୁର୍ନୀତି ଓ ଲାଞ୍ଚ ନେଇ ଏସବୁ ସମ୍ପତ୍ତି ଠୁଳ କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ପୂର୍ବତନ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ

## ଲାଞ୍ଚ ମାମଲା

ସୁନ୍ଦରଗଡ଼,୨୮।୬ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଶନିବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ଫାର୍ମାସିଷ୍ଟ ତଥା ବର୍ତ୍ତମାନ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଇରଟୋଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ ସନତ କୁମାର ମହାନ୍ତି(୫୫)ଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୪ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଫାର୍ମାସିଷ୍ଟ ମହାନ୍ତି ଗୁରୁଣ୍ଡିଆ ବ୍ଲକ ବଡଗାଁର ଅଭିଯୋଗକାରୀ ଜଉରା ଓରାମଙ୍କଠାରୁ ମା' ଜିହ୍ନି ଓରାମଙ୍କୁ ଭଲ ଔଷଧ ଦେବା ପାଇଁ ୧୨୦୦ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଭିଯୁକ୍ତ ମହାନ୍ତିଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୪୮/୧୩) ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ତତ୍କାଳୀନ ଡିଏସ୍‌ପି ପରମେଶ୍ୱର କିଷାନ ଥିଲାବେଳେ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଓ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।



ସନତ କୁମାର ମହାନ୍ତି

# ୨୧ଦିନରେ ଦାଖଲ ହେଲା ଚାର୍ଜଶିଟ୍

## ଦୁଇ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

ଗୋପାଳପୁର,୨୮।୬ (ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୨୧ ଦିନରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ଏଥିରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦାଖଲ ହୋଇଥିବା ୨୬୨ ପୃଷ୍ଠାର ଚାର୍ଜଶିଟ୍‌ରେ କେ. ଶିବାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଥିବା ବେଳେ କେ. ସାଇ, ଜି. ଗାରେୟା, ଏନ. ଶ୍ରୀନୁଙ୍କୁ ଅଭିଯୁକ୍ତ ରୂପେ ଦର୍ଶାଯାଇଥିବା ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ଅପରପକ୍ଷରେ ଜଣେ ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛନ୍ତି। ଖୁବ୍‌ଶୀଘ୍ର ମାମଲାର ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି। ୪ ଅଭିଯୁକ୍ତଙ୍କ ଡ଼ାକ୍ତରୀ ମାଇନା ରିପୋର୍ଟ ପଜିଟିଭ୍ ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ମାମୁ ଘରକୁ ଜଣେ ନାବାଳିକା ବୁଲିବାକୁ ଆସିଥିଲେ। ଗତ ଜୁନ ୩ରେ ଅଭିଯୁକ୍ତମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ସମ୍ପୃକ୍ତା ନାବାଳିକା ଓ ତାଙ୍କ ସମ୍ପର୍କୀୟା ଭଉଣୀ ଦୁଇଜଣଙ୍କୁ ଉଠାଇ ନେଇ ବିଭିନ୍ନ ସ୍ଥାନରେ ଦୁଇଦିନ ଧରି ସେମାନଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୪୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ସାନଭାଇ କାଠଫାଳିଆ ମାଡ଼ରେ ବଡ଼ ମୃତ

## ଜମି ବିକ୍ରି ନେଇ ହତ୍ୟାକାଣ୍ଡ

ବରପାଲି,୨୮।୬ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ମହୁଲପାଲି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜମି ବିକ୍ରି ଘଟଣାକୁ ନେଇ ସାନଭାଇ କାଠଫାଳିଆ ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିବିଧ ଗଣିତ (୪୦)। ହତ୍ୟା ଅଭିଯୋଗରେ ବରପାଲି ପୋଲିସ ଅଭିଯୁକ୍ତ ସାନଭାଇ ଛାୟାକାନ୍ତ ଗଣିତ (୩୫)ଙ୍କୁ ଗିରଫ କରି ପଚରାଉଚୁରା ଚଳାଇଛି। ପ୍ରକାଶ ଯେ, ପୂର୍ବରୁ ପୈତୃକ ଜମି ବିକ୍ରି ନେଣଦେଣକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବହୁବାର ଝଗଡ଼ା ହୋଇଥିଲା। ଶୁକ୍ରବାର ପୁଣି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲେ। ଏଥିରେ ଛାୟାକାନ୍ତ ରାଗି ଯାଇଥିଲେ। ବଡ଼ଭାଇ ବିବିଧ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ଅବସ୍ଥାରେ ଛାୟାକାନ୍ତ ତାଙ୍କ ମୁଣ୍ଡକୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିବିଧଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ମେଡିକାଲକୁ ପଠାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଶିବାନନ୍ଦ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ନିର୍ଦ୍ଦେଶ ଦେଲେ ଓଏଚ୍‌ଆର୍‌ସି

## ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣା

ଭୁବନେଶ୍ୱର,୨୮।୬(ସତ୍ୟଜିତ୍ ରାଉତ)

ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୨୮ ସୁଦ୍ଧା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ରିପୋର୍ଟ ଦାଖଲ ପାଇଁ କୁହାଯାଇଛି। ୨୦୨୪ ନଭେମ୍ବରରେ ଏହି ବିଦ୍ୟାଳୟରେ ଛାତ୍ରଙ୍କୁ ନୃଶଂସ ଭାବରେ ମାଡ଼ ମରାଯାଉଥିବା ଏବଂ କେତେଜଣ ଛାତ୍ରଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆସିବା ପରେ ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ଘଟଣାକୁ ସାମ୍ନାକୁ ଆଣିଥିବା ମାନବାଧିକାର କର୍ମୀ ତଥା ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଉପଯୁକ୍ତ ନ୍ୟାୟ ପାଇଁ ପୋଲିସ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ତେବେ ତଦନ୍ତ ବିଳମ୍ବ ହେବାରୁ ପଟ୍ଟନାୟକ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଗଣଶିକ୍ଷା ବିଭାଗ ସଚିବ ଏବଂ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଘଟଣାରେ ସତ୍ୟାସତ୍ୟ ଥିବା ଜଣାପଡିଥିଲା। ଏପରିକି ଏଭଳି ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବା ପାଇଁ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଥିଲେ ଏବଂ ବିଭିନ୍ନ ଅନିୟମିତତା ଅଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଜୁନ ୧୭ରେ ଓଏଚ୍‌ଆରସି ଉପରୋକ୍ତ ନିର୍ଦ୍ଦେଶାନାମା ଜାରି କରିଥିଲେ।

# ଶୋଇଥିବା ମହିଳାଙ୍କୁ ପଥରରେ ଛେଚି ହତ୍ୟା

ଦେବଗଡ଼,୨୮।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ସଇଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶରଣକୋଟ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ଶୋଇଥିବା ଅବସ୍ଥାରେ ଦୁଃଖୀ ନାଏକ ନାମ୍ନୀ ଜଣେ ମହିଳାଙ୍କ ମୁଣ୍ଡରେ ପଥର ଛେଚିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଶନିବାର ମୃତା ମହିଳାଙ୍କ ସାନଭାଇ ପ୍ରଶାନ୍ତ ନାଏକ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପରେ ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର ଓ ବାରକୋଟ ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା।

ଅଭିଯୋଗ ଅନୁଯାୟୀ ଗ୍ରାମର ଲୋକନାଥ ନାଏକ ରାତିରେ ସ୍ତ୍ରୀ ଦୁଃଖୀ ନାଏକ ଓ ନାବାଳିକା ଝିଅ ସହିତ ଘରେ ଶୋଇଥିଲେ। ତେବେ ରାତି ପ୍ରାୟ ୧୨ଟାରେ କୌଣସି ଦୁର୍ବୃତ୍ତ ତାଙ୍କ ଘର ଭିତରେ ପଶି ଶୋଇଥିବା ଅବସ୍ଥାରେ ଦୁଃଖୀଙ୍କ ମୁଣ୍ଡ ଉପରେ ଏକ ବଡ ଆକାର ପଥର ଛେଚି ଫେରାର ହୋଇଯାଇଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ଦୁଃଖୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଦୁଃଖୀଙ୍କ ନାବାଳିକା ଝିଅ ତାଙ୍କ ମାମୁ ଅନୁଗୋଳ ଜିଲା ପାଲଲହଡା ଥାନା ଚଷାଗୁରୁଜାଙ୍ଗ ଗ୍ରାମର ପ୍ରଶାନ୍ତ ନାଏକଙ୍କୁ ଫୋନ ଯୋଗେ ଜଣାଇଥିଲେ। ପ୍ରଶାନ୍ତ ଏବଂ ପରିବାରର ଅନ୍ୟ ସଦସ୍ୟା ସଦସ୍ୟଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ଦୁଃଖୀଙ୍କ କ୍ଷତାକ୍ତ ମୃତଦେହ ଘରର କୋଠରି ମଧ୍ୟରେ ପଡିଥିବା ଦେଖିବାକୁ ପାଇଥିଲେ। ହତ୍ୟାର କାରଣ କ'ଣ ଏବଂ ହତ୍ୟାକାରୀ କିଏ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ଦୁଃଖୀଙ୍କ ସ୍ୱାମୀ ଲୋକନାଥ ଏବଂ ନାବାଳିକା ଝିଅଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଦୁଃଖୀଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲାର ପାଲଲହଡା ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଯେ ପର**
**ବାହାରିଯାଏ ଦିନ ଦି'ପହର।**

ପର ସବୁବେଳେ ପର। ଯେତେ ସ୍ନେହ ଦେଖାଇଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ହୋଇପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗରୁଷା କରି ଘରଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟ ପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୁରୁଷର କ୍ଷଣେ ଦଶା**
**ନାରୀର ଏକା ଦଶା।**

ପୁରୁଷର ଦଶା ବା ଦୁର୍ଦ୍ଦଶା କ୍ଷଣିକେ ବଦଳିଯିବାର ସମ୍ଭାବନା ରହିଥାଏ, ପରନ୍ତୁ ନାରୀ ପାଇଁ ଏହା ସେତେଟା ସହଜ ହୋଇପାରି ନ ଥାଏ। ପୁରୁଷଠାରୁ ନାରୀ ଜୀବନ ବହୁ ସଂଘର୍ଷପୂର୍ଣ୍ଣ ତଥା କଷ୍ଟଦାୟକ ବୋଲି ଜଣାଯାଇଥାଏ। ନାରୀ ହିଁ ପୁରୁଷଠାରୁ ବେଶି ଦୁର୍ଦ୍ଦଶାଭୋଗୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍ସ ପବ୍ଲିଶର୍ସ

# ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ହତ୍ୟା

ରାଉରକେଲା,୨୮।୬(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ଜଲଦା ଏ ବ୍ଲକ ଅନ୍ତର୍ଗତ ଫେଟକଲ ଛକର ହାଟିଂଟୋଲା ବସ୍ତିରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଉକ୍ତ ବସ୍ତିର ଜଣେ ବ୍ୟକ୍ତି ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ତାଙ୍କ ପେଟକୁ କାଠ ଫାଳିଆରେ ଭୁସି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସବିତା ମୁଣ୍ଡା। ଏହି ଘଟଣାରେ ଟାଙ୍ଗରପାଲି ପୋଲିସ ମୃତା ମହିଳାଙ୍କ ସ୍ୱାମୀ ରାଇସିଂ ମୁଣ୍ଡା(୩୭)ଙ୍କୁ ଗିରଫ କରିଛି। ଶନିବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୧୩୭/୨୫) ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ହାଟିଂଟୋଲା ବସ୍ତିରେ ରାଇସିଂ ଓ ସ୍ତ୍ରୀ ସବିତା ରହୁଥିଲେ। ଗତ ଶୁକ୍ରବାର ସବିତା ୫ ଶହ ଟଙ୍କା ନେଇ ଅନ୍ୟ ଜଣେ ଯୁବକଙ୍କ ସହ ରଥଯାତ୍ରା ଦେଖିବାକୁ ଯାଇଥିଲେ। ରାଇସିଂ କାମରୁ ଫେରି ସବିତା ଘରେ ନ ଥିବା ଜାଣିବାକୁ ପାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ସବିତା ଘରକୁ ଫେରିବା ପରେ ରାଇସିଂ ଘରେ ରଖିଥିବା ୫ଶହ ଟଙ୍କା କୁଆଡ଼େ ଗଲା ବୋଲି ତାଙ୍କୁ ପଚାରିଥିଲେ। ସବିତା ରଥଯାତ୍ରାରେ ଖର୍ଚ୍ଚ ହୋଇଯାଇଥିବା କହିବାରୁ ରାଇସିଂ ତାଙ୍କ ଚରିତ୍ରକୁ ଆକ୍ଷେପ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଇସିଂ ଏକ ମୁନିଆ କାଠଫାଳିଆରେ ସବିତାଙ୍କୁ ପିଟିବା ସହ ପେଟକୁ ଭୁସି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ପଡ଼ୋଶୀ ଲୋକେ ଏ ନେଇ ଟାଙ୍ଗରପାଲି ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।





ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଈଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ଅଭିଯୁକ୍ତ ନାତି ଫେରାର

ରେଢାଖୋଲ, ୨୮।୬(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ସାଗଝୋରି ଭାଟିପଡାରେ ନାତିର ଠେଙ୍ଗା ମାଡରେ ଆଈଙ୍କ ମୃତ୍ୟୁ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଫୁଲତି ସୋରେନ(୮୦)। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ନାତି ଅଜୟ ସୋରେନ ଫେରାର ହୋଇଯାଇଛନ୍ତି। ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(ହତ୍ୟା)ରେ ଏକ ମାମଲା (ନଂ. ୮୬/୨୫) ରୁଜୁ କରି ଚାରମାଳ ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାମତେ ସନ୍ଧ୍ୟାରେ ଫୁଲତି ଘରେ ଥିବାବେଳେ ନାତି ଅଜୟ ସେଠାକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ଏକ ଠେଙ୍ଗାରେ ଫୁଲତିଙ୍କୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ଟଳି ପଡିଥିଲେ ଆଈ। ଘଟଣା ସମ୍ପର୍କରେ ଅଜୟଙ୍କ ମା' ମାନିସ ସୋରେନପୋଲିସକୁସୂଚନାଦେଇଥିଲେ।

# ଜବତ ମୃତଦେହ, ମା'ବାପାଙ୍କ ଡିଏନ୍‌ଏ ଟେଷ୍ଟ ହେବ

- ଯୁକ୍ତ ୨ ଛାତ୍ର ନିଖୋଜକୁ ୪ ଦିନ ବିତିଲା
- କଲେଜ ଅଧ୍ୟକ୍ଷଙ୍କ ନାଁରେ ମାମଲା ରୁଜୁ



ଶୁଭମ ସ୍ୱାଇଁ

ଛତ୍ରପୁର, ୨୮।୬(ସନ୍ତୋଷ ପାଢ଼ୀ)

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ୍ ସ୍ୱାଇଁ (୧୭) ୪ ଦିନ ହେଲା ନିଖୋଜ ଅଛନ୍ତି । ବ୍ରହ୍ମପୁର ଜିଆର୍‌ପି ଥାନା ପକ୍ଷରୁ ଅନୁରୋଧକ୍ରମେ ଡିଏନ୍‌ଏ ପରୀକ୍ଷା ପାଇଁ ରେଳଧାରଣାରୁ ଜବତ ମୃତଦେହର ରକ୍ତ ନମୁନା ଗୁରୁବାର ସଂଗ୍ରହ କରାଯାଇଥିଲା। ଶୁକ୍ରବାର ନିଖୋଜ ଛାତ୍ରଙ୍କ ବାପା ସୁଶାନ୍ତ ସ୍ୱାଇଁ ଓ ମା' ସ୍ନେହଲତା ସ୍ୱାଇଁଙ୍କ ରକ୍ତ ନମୁନା ମଧ୍ୟ ବ୍ରହ୍ମପୁର ଏମ୍‌କେସିଜି ଏଫ୍‌ଏମ୍‌ଟି ବିଭାଗ ପକ୍ଷରୁ ସଂଗ୍ରହ କରାଯାଇଥିଲା। ଶନିବାର ଏସମ୍ପର୍କରେ ସମସ୍ତ ପ୍ରସ୍ତୁତି ସରିଛି। ରବିବାର ସମ୍ପୃକ୍ତ ୩ ଜଣଙ୍କ ରକ୍ତନମୁନାକୁ ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱରର ରସୁଲଗଡସ୍ଥିତ ରାଜ୍ୟ ଫୋରେନସିକ ସାଇନ୍ସ ଲାବୋରେଟୋରିକୁ ପଠାଯିବ।

ଅନ୍ୟପକ୍ଷରେ ପୁଅ ନିଖୋଜ ହେବାର ଗୋଟିଏ ଦିନ ପରେ ବାପା ସୁଶାନ୍ତ ସ୍ୱାଇଁ ଛତ୍ରପୁର ଥାନାରେ କଲେଜ କର୍ତ୍ତୃପକ୍ଷଙ୍କ ନାଁ ରେ ଏତଲା ଦେଇଥିଲେ। ଉକ୍ତ କଲେଜରେ ସିସି କ୍ୟାମେରା ଲାଗି ନ ଥିବା, ସିକ୍ୟୁରିଟି ଗାର୍ଡ ନ ଥିବା, ପାଚେରି ନ ଥିବାରୁ ପିଲାମାନେ ସୁରକ୍ଷିତ ନାହାନ୍ତି। ଏ ଦିଗରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ସ୍ପଷ୍ଟ ହୋଇଥିବା ସୁଶାନ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଛତ୍ରପୁର ପୋଲିସ ମଧ୍ୟ ଏହା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଡିଏନ୍‌ଏ ଟେଷ୍ଟ ରିପୋର୍ଟ ହିଁ ଆଗାମୀ ଦିନରେ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ବୁଧବାର ଯୁକ୍ତ ୨ ଛାତ୍ର ଶୁଭମ୍ ନିଖୋଜ ହୋଇଥିଲେ। ଉକ୍ତ ରାତିରେ ହିଁ ତାଙ୍କ କଲେଜଠାରୁ ମାତ୍ର ୩୦୦ ମିଟର ଦୂରରେ ଥିବା ରେଳଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ବ୍ରହ୍ମପୁର ଜିଆରପି ପୋଲିସ ଜବତ କରିଥିଲା। ଏ ସମ୍ପର୍କରେ ଖବର ପାଇ ନିଖୋଜ ଶୁଭମ୍‌ଙ୍କ ପରିବାର ଲୋକେ ପହଞ୍ଚି ମୃତଦେହକୁ ଦେଖିଥିଲେ। ତେବେ ମୃତଦେହର ଏପରି ଅବସ୍ଥା ହୋଇଥିଲା ଯେ, ଏହା ତାଙ୍କ ପୁଅ ବୋଲି ଜାଣିବା କଷ୍ଟକର ହୋଇପଡିଥିଲା ବୋଲି ବାପା ସୁଶାନ୍ତ କହିଥିଲେ। ଛାତ୍ରଙ୍କ ପରିବାର ଲୋକେ ଏହା ତାଙ୍କ ପୁଅର ମୃତଦେହ ନୁହେଁ ବୋଲି କହିବା ପରେ ପରିସ୍ଥିତି ଜଟିଳ ହୋଇଥିଲା। ଜବତ ମୃତଦେହ କାହାର ଏବଂ ତଦନ୍ତର ଅଗ୍ରଗତି ପାଇଁ ବ୍ରହ୍ମପୁର ଜିଆର୍‌ପି ପୋଲିସ ମୃତଦେହ ଚିହ୍ନଟ ପାଇଁ ମୃତଦେହ ଏବଂ ନିଖୋଜ ଛାତ୍ରଙ୍କ ମା'ବାପାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନିଷ୍ପତ୍ତି ନେଇଥିଲା।

# ଭାରତର ବଡ଼ ବିଜୟ

ନଟିଂହାମ,୨୮।୬

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ବଳରେ ଶନିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ୯୭ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବ୍ରିଷ୍ଟଲଠାରେ ଆସନ୍ତା ମଙ୍ଗଳବାର ଖେଳାଯିବ। ମ୍ୟାଚ୍‌ରେ ଶତକୀୟ

## ମନ୍ଧାନାଙ୍କ ବିସ୍ଫୋରକ ଶତକ

ଇନିଂସ ଖେଳିଥିବା ମନ୍ଧାନାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ମନ୍ଧାନା ୬୨ ବଲରେ ୧୧୨ ରନର ଇନିଂସ ଖେଳିଥିଲେ। ଏଥିରେ ୧୫ ଚୌକା ଓ ୩ ଛକା ସାମିଲ ଥିଲା। ଏହା ମନ୍ଧାନାଙ୍କ ପ୍ରଥମ ଟି୨୦ ଶତକ ଥିଲା। ତାଙ୍କୁ ହର୍ଲିନ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସ୍ମୃତି ମନ୍ଧାନା।

ଦେଓଲ ୨୩ ବଲରେ ୭ ଚୌକା ସହିତ ୪୩ ଓ ଶେଫାଳୀ ବର୍ମା ୨୦ ରନ୍ କରି ଉପଯୁକ୍ତ ସମର୍ଥନ ଯୋଗାଇଥିଲେ। ଇଂଲଣ୍ଡ ପକ୍ଷରୁ ଲୌରେନ ବେଲ ୩ ଉଇକେଟ ନେଇଥିବା ବେଳେ ଏମ୍ ଆର୍ଲଟ୍ ଓ ସୋଫି ଇକଲେଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଇଂଲଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୫ ଓଭରରେ ମାତ୍ର ୧୧୩ ରନ କରି ଅଲଆଉଟ୍ ହୋଇଯାଇଥିଲା। କେବଳ ଅଧିନାୟିକା ନାଟ ସ୍କିଭର ବ୍ରୁଣ୍ଟ ୪୨ ବଲରେ ୬୬ (୧୦ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ଶ୍ରୀ ଚରନୀ ୪ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ଓ ରାଧା ଯାଦବ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୧୦/୫ (ସ୍ମୃତି ମନ୍ଧାନା-୧୧୨, ହର୍ଲିନ ଦେଓଲ-୪୩, ଲୌରେନ ବେଲ-୩/୨୭, ଏମ୍ ଆର୍ଲଟ୍-୧/୩୮)। ଇଂଲଣ୍ଡ: ୧୪.୫ ଓଭରରେ ୧୧୩/ଅଲଆଉଟ୍ (ନାଟ ସ୍କିଭର-ବ୍ରଣ୍ଟ-୬୬, ଏମ୍ ଆର୍ଲଟ-୧୨, ଶ୍ରୀ ଚରନୀ-୪/୧୨, ରାଧା ଯାଦବ-୨/୧୫, ଦୀପ୍ତି ଶର୍ମା-୨/୩୨)।

# ଚେନ୍ନାଇ ବୁଲ୍ସ-ଦିଲ୍ଲୀ ରେଡ୍‌ଜ ଫାଇନାଲ

ମୁମ୍ବାଇ,୨୮।୬

ଚଳିତ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ଶନିବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଚେନ୍ନାଇ ବୁଲ୍ସ ଓ ଦିଲ୍ଲୀ ରେଡ୍‌ଜ ଫାଇନାଲରେ ପରସ୍ପରକୁ ଭେଟିବେ। ସେହିଭଳି ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ଓ ହାଇଦ୍ରାବାଦ୍ ହିରୋଜ ମଧ୍ୟରେ ଦ୍ୱିତୀୟ ରନରଅପ୍ ଲାଗି ମ୍ୟାଚ୍ ହେବ।

## ରଗ୍‌ବୀ ପ୍ରିମିୟର ଲିଗ୍

ଶନିବାର ପ୍ରଥମ ସେମିରେ ଚେନ୍ନାଇ ବୁଲ୍ସ ୩୧-୧୨ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଙ୍କୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଭାଫାଉସେ ମାଲିକୋ, ଟେରି କେନେଡି, ଆଲେକଜାଣ୍ଡର ଡେଭିସ, ଶାନୱାଜ ଅହମଦ ଓ ଜୋସେଭା ଟାଲାକୋଲୋ ଟ୍ରାଇ କରିଥିବା ବେଳେ ବେଙ୍ଗାଲୁରୁ ପାଇଁ ଫିଲିପ ୱାକୋରଚ ଓ ଆକୁଇଲା ରୋକୋଲିସୋଆ ସ୍କୋର କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀ ରେଡ୍‌ଜ ୧୪-୭ ବ୍ୟବଧାନରେ ହାଇଦ୍ରାବାଦ୍‌ହିରୋଜକୁପରାସ୍ତ କରିଛି। ଦିଲ୍ଲୀ ଲାଗି ରବିନ ପ୍ଲମ୍ପେ ଓ ପାଟ୍ରିକ ଓକୋଙ୍ଗୋ ସ୍କୋର କରିଥିବା ବେଳେ ହାଇଦ୍ରାବାଦ୍ ପାଇଁ ଟେରିଓ ଟାମାନି ଏକମାତ୍ର ଟ୍ରାଇ କରିଥିଲେ।


ଦିଲ୍ଲୀ ରେଡ୍‌ଜର ଦୀପକ ପୁନିଆ।

# ନେଟ୍ସକୁ ଫେରିଲେ ଯଶପ୍ରୀତ ବୁମ୍‌ରା

ବର୍ମିଂହାମ,୨୮।୬

ଷ୍ଟାର ପେସର ଯଶପ୍ରୀତ ବୁମ୍‌ରା ଶନିବାର ଭାରତୀୟ ଦଳର ଟ୍ରେନିଂକୁ ଫେରିଛନ୍ତି। ଏଜ୍‌ବାଷ୍ଟନରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଟିମ୍ ଇଣ୍ଡିଆ ପ୍ରସ୍ତୁତିର ପ୍ରଥମ ଦିନରେ ବୁମ୍‌ରାଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟି ଥିଲା। କିନ୍ତୁ ପ୍ରାକ୍ଟିସର ଦ୍ୱିତୀୟ ଦିନରେ ବୁମରା ଦଳର ଅନ୍ୟ ଖେଳାଳିଙ୍କ ସହ ଗ୍ରାଉଣ୍ଡରେ ଝାଳବୁହା ପରିଶ୍ରମ କରିଥିଲେ। ସାଥୀ ପେସର ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ବୁମରା ଡ୍ରିଲ୍ସ କରିବା ପରେ ସମସ୍ତ ୩ ପେସର ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ହେଡିଙ୍ଗଲେ ଟେଷ୍ଟରେ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଅଭ୍ୟାସ କରିଥିଲେ। କିନ୍ତୁ ଏହି ପ୍ରାକ୍ଟିସ ସେଶନରେ ଅଧିନାୟକ ଶୁବମନ ଗିଲ, ଉପ ଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଭାଗ ନେଇ ନ ଥିଲେ। ଏହି ୪ ବ୍ୟାଟର ଶୁକ୍ରବାର ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ।

# ତନ୍‌ଭି, ଆୟୁଷ ସେମିଫାଇନାଲରେ

ଲୋୱା, ୨୮।୬ (ପି.ଟି.)

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଓ ଆୟୁଷ ଶେଟ୍ଟି ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରି ଏଠାରେ ଚାଲିଥିବା ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛନ୍ତି। ୧୬ବର୍ଷୀୟ ତନ୍‌ଭି ଏହି ସୁପର ୩୦୦ଟୁର୍ନାମେଣ୍ଟରେ ମାଲେସିଆର କାରୁପାଥେଭାନ ଲେତ୍‌ସାନାଙ୍କୁ ୨୧-୧୩, ୨୧-୧୬ରେ ମାତ୍ର ୩୩ ମିନିଟ୍‌ରେ ହରାଇ ଦେଇଥିଲେ। ଆୟୁଷ ଜୁନିୟର ବିଶ୍ୱ ଚାମ୍ପିୟନ ଚାଇନିଜ ତାଇପେର କୁଓ କୁଆନ୍ ଲିନ୍‌ଙ୍କୁ ୨୨-୨୦, ୨୧-୯ରେ ପରାସ୍ତ କରିଛନ୍ତି। ତେବେ ମିଡ୍ ଆମେରିକା ସେଣ୍ଟରରେ ଅନୁଷ୍ଠିତ ପୁରୁଷ ଡବଲ୍ସ ଯୋଡ଼ି ହରିହରନ ଆମାସକାରୁନାନ୍ ଓ ରୁବାନ୍ କୁମାର ରେଥିନାସାବାବାପାର୍ଥି ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ୯-୨୧, ୧୯-୨୧ରେ ଚାଇନିଜ ତାଇପେର ଚିଆଙ୍ଗ ଚିନ୍ ଏବଂ ୱି ଉ ହୁଆନଙ୍କଠାରୁ ହାରିଯାଇଛନ୍ତି।

# ବାଂଲାଦେଶର ଇନିଂସ୍ ପରାଜୟ

କଲମ୍ବୋ,୨୮।୬(ଏପି)

ବାମହାତୀ ସ୍ପିନର ପ୍ରବାଥ ଜୟସୁରିୟାଙ୍କ ୫ ଉଇକେଟ ସଫଳତା ଯୋଗୁ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ଏକ ଇନିଂସ ଓ ୭୮ ରନରେ ପରାଜିତ ହୋଇଛି। ଏଥିସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଶ୍ରୀଲଙ୍କା ୧-୦ରେ ଜିତି ନେଇଛି। ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ପଥୁମ ନିଶଙ୍କାଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି।

## ଜୟସୁରିୟାଙ୍କ ୫ ଉଇକେଟ ସଫଳତା

ମ୍ୟାଚ୍‌ର ଚତୁର୍ଥ ଦିନ ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସ ୧୧୫/୬ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳକୁ ଇନିଂସ ପରାଜୟ ଏଡ଼ାଇବା ପାଇଁ ୯୭ ରନର ଆବଶ୍ୟକତା ଥିଲା। କିନ୍ତୁ ଜୟସୁରିୟା ୩ ଉଇକେଟ ନେବାରୁ ପ୍ରଥମ ଅଧ ଘଣ୍ଟା ମଧ୍ୟରେ ମ୍ୟାଚ୍ ଶେଷ ହୋଇଯାଇଥିଲା। ଫଳରେ ବାଂଲାଦେଶ ୧୩୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ପାଇଁ ଜୟସୁରିୟା ୫ ଉଇକେଟ ନେଇଥିବା ବେଳେ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ଓ ଥାରିନ୍ଦୁ ରତନାୟକେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏଥିପୂର୍ବରୁ ପ୍ରଥମ ଇନିଂସରେ ବାଂଲାଦେଶ ୨୪୭ ରନ କରିଥିବା ବେଳେ ଶ୍ରୀଲଙ୍କା ୪୫୮ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୫୮/ଅଲଆଉଟ୍। ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୩୩/ଅଲଆଉଟ୍ (ମୁଶଫିକର ରହିମ-୨୬, ଲିଟନ ଦାସ-୧୪, ପ୍ରବଥ ଜୟସୁରିୟା-୫/୫୬, ଧନଞ୍ଜୟ ଡି ସିଲ୍‌ଭା-୨/୧୩, ଥାରିନ୍ଦୁ ରତନାୟକେ-୨/୧୯)।



ଟ୍ରଫି ସହ ସିରିଜ ବିଜୟୀ ଶ୍ରୀଲଙ୍କା ଦଳ।

# ପ୍ରଶଂସକଙ୍କ ଗସ୍ତ ଖର୍ଚ୍ଚ ବହନ କରିବେ ନୀରଜ

ନୂଆଦିଲ୍ଲୀ, ୨୮।୬ (ପି.ଟି.)

ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ତାଙ୍କର ଜଣେ ପ୍ରଶଂସକଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ବହନ କରିବେ। ପ୍ରଶଂସକ ଜଣକ ବେଙ୍ଗାଲୁରୁଠାରେ ହେବାକୁଥିବା ନୀରଜ ଚୋପ୍ରା କ୍ଲାସିକ୍‌ର ଉଦ୍‌ଘାଟନୀ ସଂସ୍କରଣ ଦେଖିବାକୁ ଆଗ୍ରହୀ ଥିଲେ। ଏଥିପାଇଁ ସେ ସର୍ବସାଧାରଣରେ ୨,୦୦୦ ଟଙ୍କାର ସହାୟତା ରାଶି ଲୋଡି ସୋସିଆଲ ମିଡିଆରେ ବୁଧବାର ଟୁଇଟ କରିଥିଲେ। ତେବେ ଶୁକ୍ରବାର ତାଙ୍କୁ ଜବାବ ମିଳିଛି। ଜୁଲାଇ ୫ରେ ହେବାକୁଥିବା ଏହି ଇଭେଣ୍ଟ ଲାଗି ସମ୍ପୂର୍ଣ୍ଣ ଭିଭିଆଇପି ଅଭିଜ୍ଞତା ଅଫର ଦେଇ ଚୋପ୍ରା ପ୍ରଶଂସକ ଜଣଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ତନ୍ମଧ୍ୟରେ ରହଣି ଖର୍ଚ୍ଚ ରହିଛି। ଜାଭେଲିନ୍ ଥ୍ରୋ ପ୍ରତି ରୁଚି ରଖିଥିବା ଏହି ପ୍ରଶଂସକ ଜଣକ ହେଉଛନ୍ତି ତାମିଲନାଡୁର କୋଏମ୍ବାଟୁର୍ ବାସିନ୍ଦା। ଏହି ଟୁର୍ନାମେଣ୍ଟ ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତାଙ୍କ ନାମରେ ରହିଥିବାରୁ ଦେଖିବା ଲାଗି ତାଙ୍କର ପ୍ରବଳ ଆଗ୍ରହ ଥିବା ଟୁଇଟ୍ କରିଥିଲେ। ସୋସିଆଲ ମିଡିଆରେ ଏହି




ଟୁଇଟ୍ ନୀରଜଙ୍କ ନଜରକୁ ଆସିଥିଲା। ସେ ତାହାର ଜବାବ ଦେବାକୁ ଯାଇ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ 'ରଣଜିତ୍ ବେଙ୍ଗାଲୁରୁରେ ସମ୍ପୂର୍ଣ୍ଣ ଭିଭିଆଇପି ଅଭିଜ୍ଞତା ତୁମ ଅପେକ୍ଷାରେ ରହିଛି। ବିଳାସପୂର୍ଣ୍ଣ ରାଡିସନ ହୋଟେଲ୍ସରେ ତୁମ ପାଇଁ ରହଣି ବ୍ୟବସ୍ଥା କରାଯାଇଛି। ମୋଠାରୁ ମାତ୍ର ୯୦ ମିଟର ଦୂରରେ ତୁମେ ଅବସ୍ଥାନ କରିବ। ଶୀଘ୍ର ତୁମ ସହିତ ଦେଖାହେବ। ସୂଚନାଯୋଗ୍ୟ, ଏହି ଇଭେଣ୍ଟ ପ୍ରକୃତରେ ମେ ୨୪ରେ ଆୟୋଜନ ହେବାର ଥିଲା। ମାତ୍ର ଭାରତ-ପାକିସ୍ତାନ ବିବାଦ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଡବଲ ଅଲିମ୍ପିକ ପଦକ ବିଜେତା ଚୋପ୍ରା ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସହଯୋଗରେ ଏହାର ଆୟୋଜନ କରିଛନ୍ତି। ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଏହା ମଧ୍ୟ ସ୍ୱୀକୃତି ଲାଭ କରିଛି।

# ଦ. ଆଫ୍ରିକା ୪୧୮/୯: ଲୁହାନ, ବୋଶ୍‌ଙ୍କ ଶତକ

**ବୁଲାୱାୟୋ,୨୮।୬:** ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ମଧ୍ୟରେ ଶନିବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଦ. ଆଫ୍ରିକା ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ ହରାଇ ୪୧୮ ରନ କରିଛି। ଏହି ମ୍ୟାଚ୍ ଜରିଆରେ ପଦାର୍ପଣ କରିଥିବା ଲୁହାନ-ଡ୍ରେ ପ୍ରିଟୋରିଅସ ୧୫୩ ରନର ଶତକୀୟ ପାଳି ଖେଳିଥିଲେ। ତାଙ୍କ ବ୍ୟତୀତ ଡେୱାଲ୍ଡ ବ୍ରେଭିସ ୫୧ ରନ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କର୍ବିନ ବୋଶ୍ ୧୦୦ ଓ କ୍ୱେନା ମାଫାକା ୯ ରନରେ ଅପରାଜିତ ରହିଛନ୍ତି। ଜିମ୍ବାୱେ ପକ୍ଷରୁ ତାନାକାଚିଭାଙ୍ଗା ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ବ୍ଲେସିଂ ମୁଜରାବାନୀ ଦୁଇଟି ଉଇକେଟ ହାତେଇଛନ୍ତି।

# ପ୍ରଥମ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

ବାର୍ବାଡୋସ,୨୮।୬

ପେସର ଜୋଶ ହାଜେଲଉଡ୍‌ଙ୍କ ୫ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ଦିନ ମଧ୍ୟରେ ୧୫୯ ରନରେ ଜିତି ନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ହୋଇଛି। ମ୍ୟାଚ୍‌ର ଉଭୟ ଇନିଂସରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

## ହାଜେଲଉଡ୍‌ଙ୍କୁ ୫ ଉଇକେଟ

ସିରିଜର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩ ତାରିଖରୁ ସେଣ୍ଟ ଜର୍ଜେସରେ ଖେଳାଯିବ।

ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୧୦ ରନରେ ପଛୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୧୦ ରନ କରିଥିଲା। ଫଳରେ ଘରୋଇ ୱେଷ୍ଟଇଣ୍ଡିଜ ଆଗରେ ୩୦୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଜୋଶ ହାଜେଲଉଡ୍‌ଙ୍କ ୫ ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ ୧୪୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜଷ୍ଟିନ ଗ୍ରେଭ୍ସ ୩୮ ରନ କରି ଅପରାଜିତ ଥିବା ବେଳେ ଶମାର ଯୋଶେଫ ୪୪ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ୨ ଓ ଅଧିନାୟକ ପ୍ୟାଟ୍ କମିନ୍ସ ଗୋଟିଏ ଉଇକେଟ ନେଇଥିଲେ।


ଲଣ୍ଡନଠାରେ ୱିମ୍ବେଲଡନ୍ ଓପନ ଟେନିସ ପାଇଁ ଅଭ୍ୟାସ ଅବସରରେ ନୃତ୍ୟରତା ବେଲାରୁଷର ଆରିନା ସାବାଲେଙ୍କା (ଡାହାଣ) ଓ ଆମେରିକାର କୋକୋ ଗଫ୍ ।

# ଓସ୍‌ଜା ପକ୍ଷରୁ 'ଓଡ଼ିଶା କ୍ରୀଡ଼ା : ବିକାଶ ଓ ସୁଯୋଗ' କନ୍‌କ୍ଲେଭ୍

ଭୁବନେଶ୍ୱର, ୨୮।୬ (ବିଜୟ ରଣା)

ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ(ଓସ୍‌ଜା) ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ 'ଓଡ଼ିଶା କ୍ରୀଡ଼ା : ବିକାଶ ଓ ସୁଯୋଗ' ଶୀର୍ଷକ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବଛା ବଛା କ୍ରୀଡ଼ା ଖବରଦାତା ଓ କ୍ରୀଡ଼ାବିତ୍‌ଙ୍କ ସହ ସାରାଦେଶର ୨୪ଜଣ ଜାତୀୟସ୍ତରୀୟ କ୍ରୀଡ଼ା ଖବରଦାତା ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଥିଲେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଏବଂ ହକି କିମ୍ବଦନ୍ତୀ ତଥା ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ। ସିଂଦେଓ ଏହି ଅବସରରେ କହିଥିଲେ, ଜଣେ କ୍ରୀଡ଼ାବିତ୍‌ର ପେସାଦାର ଜୀବନ ଏକ ସୀମିତ ସମୟ ପାଇଁ ରହିଥାଏ। ଏଣୁ ସବୁବେଳେ ସକାରାତ୍ମକ ଖବର ପରିବେଷଣ କରି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ହେଉଛି କ୍ରୀଡ଼ା ଖବରଦାତାଙ୍କ ଧର୍ମ ଓ କର୍ତ୍ତବ୍ୟ। କ୍ରୀଡ଼ାର ବିକାଶ ଲାଗି କୋଟି କୋଟି ଟଙ୍କା ଦରକାର ନାହିଁ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଓ ଅଲିମ୍ପିଆନ ଶ୍ରାବଣୀ ନନ୍ଦଙ୍କ ସହ ଓସ୍‌ଜା ସଦସ୍ୟ।

ବୋଲି କହି ଖୋଖୋ ଓ ମାଲଖମ୍ବ ଭଳି ଖେଳର ଉଦାହରଣ ସେ ଦେଇଥିଲେ।

ଏସୀୟ ଦୌଡ଼କୁଦ ମହିଳା ୪x-୧୦୦ମି. ରିଲେରେ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଥିବା ଶ୍ରାବଣୀ ଶକ୍ତିବର୍ଦ୍ଧକ ଔଷଧ ସେବନ ନେଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସଚେତନତାର ଅଭାବକୁ ନେଇ ଚିନ୍ତାପ୍ରକଟ କରିବା ସହ ବିଦେଶୀ ପ୍ରଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବା ଧାରାକୁ ପସନ୍ଦ କରି ନ ଥିଲେ। ଓଡ଼ିଶା ଓ ଭାରତୀୟ ହକିର ବିକାଶ ନେଇ ସନ୍ତୋଷ ଜାହିର କରିବା ସହ ଭାରତୀୟ ହକି ଏବେ ସୁରକ୍ଷିତ ରହିଛି ବୋଲି ଦିଲୀପ କହିଥିଲେ। ଏସ୍‌ଜେଏଫ୍‌ଆଇ (ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ)ର ପୂର୍ବତନ ସଭାପତି ଜି. ବିଶ୍ୱନାଥ ଓ ସୁବୋଧ ମଲ୍ଲ ବରୁଆଙ୍କ ସହ ଓସ୍‌ଜାର ସନାତନ ପାଣି, କେ. ରବି ଓ ହିମାଂଶୁ ପତି ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଜା ସମ୍ପାଦକ ସୁରେଶ କୁମାର ସ୍ୱାଇଁ, ସଭାପତି ସନ୍ଦୀପ ମିଶ୍ର, ପୂର୍ବତନ ସଭାପତି କେ. ରବିଙ୍କ ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କେ. ରବିକୁମାର, ରଶ୍ମିରଞ୍ଜନ ପରି, ମହମ୍ମଦ ଜାଫର ଇକ୍‌ବାଲ, ସୁଖରାମ ମାଝୀ ପ୍ରମୁଖଙ୍କ ଭଳି କ୍ରୀଡ଼ା ତାରକା ଉପସ୍ଥିତ ଥିଲେ। ସାଗରିକା ପରିଡ଼ାଙ୍କ ନିର୍ଦ୍ଦେଶନାରେ ସୁନୟନା ଡ୍ୟାନ୍ସ ଗ୍ରୁପ୍‌ର କୁନି କୁନି ପିଲାମାନେ ଓଡ଼ିଶୀ ଓ ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣକରି ରାଜ୍ୟ ବାହାରୁ ଆସିଥିବା ଖବରଦାତାମାନଙ୍କୁ ଓଡ଼ିଶା କଳା ସଂସ୍କୃତିର ଝଲକ ଦେଖାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମିହିର
ପରିବାରବର୍ଗ


ଗୁଡ଼ି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪.୭ ବିଲିୟନ ଡଲାରର ନନ୍-ଫେରସ୍ ଧାତୁ ବିକ୍ରୟ

ଭୁବନେଶ୍ୱର, ୨୮।୬ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଲିମିଟେଡ୍‌ରେ ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେରେ କମ୍ପାନୀର ନନ୍-ଫେରସ୍ ଧାତୁ ଇ-ଷ୍ଟୋର୍ ମୋଟ ବିକ୍ରୟ ମୂଲ୍ୟରେ ୪୦,୦୦୦ କୋଟି ଟଙ୍କା କିମ୍ବା ୪.୭ ବିଲିୟନ ଡଲାର ହାସଲ କରିଛି। ବେଦାନ୍ତ ମେଟାଲ୍ ବଜାର ନାମରେ ପରିଚାଳିତ ଏବଂ ବିଶ୍ୱର ସର୍ବବୃହତ୍ ନନ-ଫେରସ୍ ଧାତୁ ଇ-ଷ୍ଟୋର୍ ଭାବେ ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶେଷ କରି ଏହା ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଧାତୁରେ ୧୨୦୦ରୁ ଅଧିକ ଷ୍ଟକ୍ କିପିଂ ୟୁନିଟ୍ ପ୍ରଦାନ କରିଥାଏ। ଏହି ପ୍ଲାଟ୍‌ଫର୍ମ ଗ୍ରାହକମାନଙ୍କ ପାଇଁ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରି ବ୍ୟବସାୟକୁ ସହଜ କରିଥାଏ। ଯାହା ବ୍ୟବସାୟଗୁଡ଼ିକୁ ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଅଣ-ଫେରସ୍ ଧାତୁଗୁଡ଼ିକୁ ଦକ୍ଷତାର ସହ ଏବଂ କମ୍ ଖର୍ଚ୍ଚରେ କ୍ରୟ କରିବାକୁ ସକ୍ଷମ କରିଥାଏ। ସେହିଭଳି ପାରମ୍ପରିକ ଭାବେ ଅଣ-ଫେରସ୍ ଧାତୁ କ୍ରୟ ଜଟିଳ ହୋଇପାରେ ଏବଂ ଗ୍ରାହକମାନଙ୍କୁ ସାମଗ୍ରୀ ମୂଲ୍ୟ ଗତିବିଧି ଉପରେ ନଜର ରଖିବାକୁ ସୁନିଶ୍ଚିତ କରିଥାଏ, ଯାହା କଷ୍ଟକର ଏବଂ ସମୟସାପେକ୍ଷ ହୋଇପାରେ ବୋଲି କୁହାଯାଉଛି। ଗ୍ରାହକମାନଙ୍କୁ ମୂଲ୍ୟ ନିର୍ଦ୍ଧାରଣ ସୁଯୋଗର କୌଣସି ଦୃଶ୍ୟମାନତା ବିନା ପୂର୍ବରୁ ଧାତୁ କ୍ରୟ ଯୋଜନା କରିବାକୁ ପଡିବ। ବେଦାନ୍ତ ମେଟାଲ୍ ବଜାର ଏହି ପ୍ରକ୍ରିୟାକୁ ସରଳ କରିଛି । ଏହା ଏକ ଇଓ-ଚାଳିତ ହ୍ୱାଟ୍ସଆପ୍ ଚାଟ୍‌ବଟ୍ ସହିତ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରିଥାଏ। ଯାହା ଗ୍ରାହକମାନଙ୍କୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ ଧାତୁ କ୍ରୟ କରିବାକୁ ସକ୍ଷମ କରିଥାଏ। ପ୍ଲାଟ୍‌ଫର୍ମ ରିଅଲ୍-ଟାଇମ୍ ଶିପିଂ ଟ୍ରାକିଂ, ଅନ୍‌ଲାଇନ୍ ହେଜିଂ, ଦୀର୍ଘକାଳୀନ ଚୁକ୍ତିନାମା, ଅନ-ଦି-ସ୍ପଟ ଅର୍ଡର, ଚ୍ୟାନେଲ ପାର୍ଟନର ଲଜିଷ୍ଟିକ୍ସ ଏବଂ ଆର୍ଥିକ ସହାୟତା ଭଳି ଅନ୍ୟାନ୍ୟ ଶିଳ୍ପ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରଦାନ କରିଥାଏ। ଏହା ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସହଜତା ପ୍ରଦାନ ଏବଂ ସମସ୍ତ ଗ୍ରାହକଙ୍କ ପାଇଁ ପ୍ରିମିୟମ ଗୁଣବତା ଧାତୁର ପ୍ରବେଶକୁ ଗଣତାନ୍ତ୍ରିକ କରିଥାଏ।

କୌଣସି କ୍ରୟ ସୀମା କିମ୍ବା ସୀମା ବିନା, ବେଦାନ୍ତ ମେଟାଲ୍ ବଜାର ବ୍ୟବସାୟଗୁଡ଼ିକୁ ଧାତୁର ସିଧାସଳଖ ପ୍ରବେଶ ସହିତ ସେମାନଙ୍କର ଉତ୍ପାଦନ ଯୋଜନା ଅନୁଯାୟୀ ଆବଶ୍ୟକ ପରିମାଣରେ ନମନୀୟତା ପ୍ରଦାନ କରିଥାଏ।

# ପୋଗୋର ନୂତନ ଅଭିଯାନ

ଭୁବନେଶ୍ୱର, ୨୮।୬

ପୋଗୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଜୟ ଜଗନ୍ନାଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଜୟ ଜଗନ୍ନାଥ ସୋସିଆଲ ମିଡିଆ କ୍ୟାମ୍ପେନ ମାଧ୍ୟମରେ ଏହା ପୁରୀ ରଥଯାତ୍ରାର ଉତ୍ସାହକୁ ଜୀବନ୍ତ କରିଛି। ଭାରତୀୟ ସଂସ୍କୃତି ଓ ଭକ୍ତିର ଏକ ଆନନ୍ଦମୟ ମହୋତ୍ସବରେ ପିଲାମାନଙ୍କୁ ଓ ପରିବାରଗୁଡ଼ିକୁ ଏହି ଅଭିଯାନ ଜରିଆରେ ପ୍ଲାଟଫର୍ମ ଏକତ୍ରିତ କରିଛି। ଚଳିତ ବର୍ଷ ପୋଗୋ ପୁରୀ ରଥଯାତ୍ରାର ପାର୍ବଣ ମହତ୍ୱକୁ କ୍ୟାପ୍ଚର କରିଛି, ପିଲାମାନେ ଉତ୍ସାହପୂର୍ଣ୍ଣ ଭାବେ 'ଜୟ ଜଗନ୍ନାଥ। 'ଆବୃତିକୁ ରେକର୍ଡିଂ କରିଛି ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ହୃଦୟସ୍ପର୍ଶୀ ଶୁଭେଚ୍ଛା ମଧ୍ୟ ଶେୟାର କରିଛି। ଏହି ମୁହୂର୍ତ୍ତଗୁଡ଼ିକ ଏକ ଆକର୍ଷଣୀୟ ଅଡିଓ-ଭିଜୁଆଲ ମଣ୍ଟେଜରେ ମିଶ୍ରିତ ହୋଇଛି, ଯାହା ଜୟ ଜଗନ୍ନାଥ ଟାଇଟଲ ଟ୍ରାକକୁ ପ୍ରସ୍ତୁତ କରିଛି, ଏହା ପିଲାମାନେ ନୃତ୍ୟ କରୁଥିବାର ଏବଂ ପାର୍ବଣର ମହତ୍ୱକୁ ପାଳନ କରୁଥିବା ପ୍ରଦର୍ଶିତ କରୁଛି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଏଟିଏମ୍ ପଏଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୬

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ନୂତନ ଏଟିଏମ୍ ପଏଣ୍ଟ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ ନିକଟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସିବିଆଇ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିବିଆଇର ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଏବଂ ମୁଖ୍ୟ ପ୍ରବନ୍ଧକ ବିକାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏହି ୨୪ ଘଣ୍ଟିଆ ଏଟିଏମ୍‌ଟି ଆଇଆଇଏମ୍ ସମ୍ବଲପୁରର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲାବେଳେ ଏହା ମଧ୍ୟ ଆଇଆଇଏମ୍ ପରିବାରକୁ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବ।

ସେହିପରି ସିବିଆଇ ସମ୍ବଲପୁର ଅଞ୍ଚଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓ ଆଇଆଇଏମ ସମ୍ବଲପୁରର ଅଧିକାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ବ୍ୟାଙ୍କର ଏହା ଏକ ଗୌରବମୟ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିଶିର ବେହେରା ପରିଚାଳନା କରିଥିଲେ।

# ଡ. ସତ୍ୟବ୍ରତ ମୀନକେତନଙ୍କୁ ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାର



ଅତିଥିଙ୍କଠାରୁ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୮।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷା ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପରିଆସ୍ଥିତ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କୁ ଆଉ ଏକ ସମ୍ମାନ 'ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାର' ମିଳିଛି। ସେହିଭଳି ଭାରତୀୟ ଶିକ୍ଷା ନେତୃତ୍ୱକୁ ବିଶ୍ୱ ମଞ୍ଚରେ ଗର୍ବିତ ଭାବେ ପ୍ରତିନିଧିତ୍ୱ କରିଥିବା ଡ. ସତ୍ୟବ୍ରତ ମୀନକେତନଙ୍କୁ ବ୍ରିଟେନ (ଲଣ୍ଡନ)ର ଐତିହାସିକ ହାଉସ୍ ଅଫ୍ ଲର୍ଡସ୍‌ରେ ଏହି ସ୍ୱୀକୃତି ସହ ସମ୍ମାନିତ ହୋଇଛନ୍ତି। ବିଶେଷକରି ବିଶ୍ୱ ଶିକ୍ଷା ସମ୍ମିଳନୀ-୨୦୨୫ (ୱାର୍ଲଡ ଏଡୁକେଶନ ସମ୍ମିଟ-୨୦୨୫) ଅବସରରେ ଡ. ମୀନକେତନଙ୍କୁ ବୈଶ୍ୱିକ ଉତ୍କର୍ଷ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେହିପରି ଏହି ସମ୍ମାନ ତାଙ୍କୁ ଶିକ୍ଷାକ୍ଷେତ୍ରରେ ବୃହତ୍ତର ଅବଦାନ ପାଇଁ ବ୍ରିଟିଶ୍ ସାଂସଦ ଲର୍ଡ ଡାନିଏଲ୍ ମୟଲାନ୍ ଓ ସାଉଥୱାର୍କ ମେୟର ସୁନୀଲ୍ ଚୋପ୍ରା ପ୍ରଦାନ କରିଥିଲେ। ଅପରପକ୍ଷରେ ଡ. ମୀନକେତନଙ୍କ ନୀତିନୈତିକତା, ଉନ୍ନତ ମାନବିକ ଓ ଚାପମୁକ୍ତ ଶିକ୍ଷା ମାନଦଣ୍ଡ ବିକାଶ ପ୍ରତି ତାଙ୍କର ଦୃଢ ଦୃଷ୍ଟିକୋଣ ବିଶ୍ୱ ମଞ୍ଚରେ ପୁନଃ ପ୍ରଶଂସିତ କରାଯାଇଛି। ସେହିପରି ଶନିବାର ବିଶ୍ୱ ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ମୀନକେତନଙ୍କ ଆତ୍ମଜୀବନୀ 'ବ୍ୟାରିଅର ବ୍ରେକର'ର ଉନ୍ମୋଚନ କରାଯାଇଛି। ଏହି ପୁସ୍ତକରେ ତାଙ୍କ ଜୀବନର ଗଭୀର ସଂଘର୍ଷ, ଆତ୍ମସାଧନା ଓ ଶିକ୍ଷା ମାଧ୍ୟମରେ ସମାଜ ପରିବର୍ତ୍ତନର ଅଭିଯାନ ବର୍ଣ୍ଣିତ ହୋଇଛି। ଏ ସମ୍ପର୍କରେ ଡ. ମୀନକେତନ କହିଥିଲେ, ବ୍ୟାରିଅର ବ୍ରେକର ମୋ ଜୀବନ କାହାଣୀ ନୁହେଁ,ଏହା ସେହି ସମସ୍ତଙ୍କ ଲାଗି ଏକ ଅଭିବ୍ୟକ୍ତି। ଯେଉଁମାନେ ସଂଘର୍ଷକୁ ସ୍ୱୀକାରକରି ସ୍ୱପ୍ନ ପୂରଣ କରିବା ଆଶା ରଖନ୍ତି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଜୁଲାଇ ୧୨ରୁ ପ୍ରାଇମ ଡେ

ଭୁବନେଶ୍ୱର, ୨୮।୬

ଆମାଜନ ଇଣ୍ଡିଆର ବହୁ ପ୍ରତୀକ୍ଷିତ ସେଲ ତଥା ୩ ଦିନିଆ ପ୍ରାଇମ ଡେ' ସମ୍ପର୍କରେ ଘୋଷଣା କରାଯାଇଛି। ଭାରତରେ ପ୍ରଥମ ଥର ପାଇଁ ଏକ ତିନିଦିନିଆ ସେଲିବ୍ରେଶନ ହେବ। ୨୦୨୫ ଜୁଲାଇ ୧୨ ମଧ୍ୟରାତ୍ରୀରୁ ଜୁଲାଇ ୧୪ ରାତି ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଏହି ସେଲ ଚାଲିବ। ଏହି ପ୍ରାଇମ ଡେ' ୨୦୨୫ ପ୍ରାଇମ ମେମ୍ବରଙ୍କ ପାଇଁ ୭୨ ଘଣ୍ଟାର ଉନ୍ନତ ଡିଲ, ସେଭିଙ୍ଗ୍, ନୂଆ ଲଞ୍ଚ ଓ ସ୍ୱତନ୍ତ୍ର ମନୋରଞ୍ଜନ ପ୍ରଦାନ କରିବ। ଏ ସମ୍ପର୍କରେ ଆମାଜନର ନିର୍ଦ୍ଦେଶକ (ଇଣ୍ଡିଆ ଓ ଏମର୍ଜିଙ୍ଗ ମାର୍କେଟ୍‌ର ପ୍ରାଇମ, ଡେଲିଭରି ଓ ରିଟର୍ଣ୍ଣସ ବିଭାଗ) ଅକ୍ଷୟ ସାହି କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରାଇମ ଡେକୁ ଆମେ ୩ ଦିନକୁ ବିସ୍ତାର କରିଛୁ। ଏହା ଆମର ସଦସ୍ୟଙ୍କୁ ସପିଂ, ସଞ୍ଚୟ ଓ ମନୋରଞ୍ଜନ ପାଇଁ ଅଧିକ ସମୟ ପ୍ରଦାନ କରିବ।

# ଖିମ୍‌ଜୀ ଜୁଏଲର୍ସରେ ଦି ଗ୍ରାଣ୍ଡ ମହାସେଭର

ଭୁବନେଶ୍ୱର, ୨୮।୬




ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଏଣ୍ଡ ଅଫ୍ ସିଜନ୍ ସେଲ୍ 'ଦି ଗ୍ରାଣ୍ଡ ମହାସେଭର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏକ ଆକର୍ଷଣୀୟ ରିହାତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ଏବଂ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି ଓ ରୁପା ଅଳଙ୍କାରର ଓଜନ ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏପରିକି ରୁପା ଏବଂ ଫ୍ୟାଶନ ଜୁଏଲେରିର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୧୫% ରିହାତି ଏବଂ ହାତଘଣ୍ଟାଗୁଡ଼ିକ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଓ ଆର୍ଟିଫ୍ୟାକ୍ଟ ଉପରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ। ବିଶେଷକରି ଏହି ସେଲ୍ ଜରିଆରେ ଗ୍ରାହକମାନେ ସୁନା, ହୀରା, ରୁପା, ଫ୍ୟାଶନ ଗହଣା ଏବଂ ହାତଘଣ୍ଟା ଆଦିକୁ ଅବିଶ୍ୱସନୀୟ ରିହାତି ସହ କିଣିପାରିବେ। ଜୀବନ କାଳରେ ଥରେ ମାତ୍ର ସୁଯୋଗ ଆକାରରେ ଆସିଥିବା ଏହି ସେଲ୍ ଓଡ଼ିଶାର ସମସ୍ତ ଖିମ୍‌ଜୀ ଜୁଏଲର୍ସର ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି/ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଥିଲେ, ଆମେ ଆମର ଗ୍ରାହକଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ବିଶ୍ୱାସକୁ ପୁରସ୍କୃତ କରିବାରେ ବିଶ୍ୱାସ କରୁଛୁ। ଗ୍ରାଣ୍ଡ ମହାସେଭର୍ ହେଉଛି ଆମର ଏକ ଉପାୟ, ଯେଉଁଥିରେ ବଡ଼ ବଡ଼ ଅଫର ସହ ଆମେ ସେମାନଙ୍କୁ ଫେରସ୍ତ ଦେଉଛୁ ଏବଂ ଏକ ଆନନ୍ଦଦାୟକ କ୍ରୟ ଅନୁଭୂତି ନିଶ୍ଚିତ କରୁଛୁ। ଉଲ୍ଲେଖଯୋଗ୍ୟ, ଏହି ସେଲ୍ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ ଓ ଝାରସୁଗୁଡ଼ାର ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ ରହିଛି, ଅସାଧାରଣ ମୂଲ୍ୟରେ ସମୟହୀନ ଅଳଙ୍କାର କିଣିବାର ଏହି ସୀମିତ ସମୟ ଅଫରକୁ ହାତଛଡ଼ା କରନ୍ତୁ ନାହିଁ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



# Classified Everyday
0674-2580101, 9692975378


MATRIMONIAL

## BRIDE WANTED

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

Handsome Khandayat Boy 1996, 5'8", B.Tech Serving Bank Officer Nationalised Bank. "SUNASANSAR". 9937512659. D-76278

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

## SALE

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452.** D-76469




Newly open spa positively health benefits (Expert therapist). Contact: 7749034655 D-76922


## LEGAL NOTICE

IR No.- 1086, Date- 26.06.25

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଅତିରିକ୍ତ
ଅଦାଲତ ନମ୍ବର ଇଜିଲାସ, ୪ର୍ଥ ମହଲା,
ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର।
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ)
ଅନୁଯାୟୀ
ଓ.ଏସ୍.ଏସ୍.କେଶ୍ ନମ୍ବର: ୯୩୫/୨୦୧୯

୧. ବିନୋଦ ବିହାରୀ ରାଉତ ......ବାଦୀ

ବନାମ

୨. ନାରଣ ପାଣି, ପିତା- ମଦନ ପାଣି, ଠିକଣା: ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି, ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ସଚିଦାନନ୍ଦ ଜଗଦେବ, ପିତା- କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ୍ ନଂ. ଏନ୍.- ୩/୯୪, ଆଇ.ଆର.ସି. ଭିଲେଜ୍, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫. ପ୍ରଫୁଲ୍ଲ କୁମାର ରାୟବିଧାର, ଅଧ୍ୟକ୍ଷ, ବସୁନ୍ଧରା ଡେଭ୍‌ଲପର, ଠିକଣା: ଘର ନମ୍ବର, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
......ପ୍ରତିବାଦୀମାନେ

ନୋଟିସ ଅର୍ଡ଼ର- ୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ. ୨, ଇଜିଲାସ, ୪ର୍ଥ ମହଲା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୯।୦୭।୨୦୨୫ରିଖ ଦିବା ୧୧.୧୫ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ସାବକ- ଖାତା ନଂ.- ୧୯୧, ପ୍ଲଟ୍ ନମ୍ବର- ୪୩୬(ପାର୍ଟ), ରକବା- ଏ୧.୧୦୮ ଡିସିମିଲ ସ୍ୱଧରୁ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍
ହାଲ୍- ଖାତା ନଂ.- ୧୧୨୨, ପ୍ଲଟ୍ ନମ୍ବର- ୧୯୬୮, ରକବା- ଏ୦.୩୭୦ ଡିସିମିଲରୁ ଏ୦.୦୫୫ ଡିସିମିଲ ଓ.ଏସ୍.ଏସ୍ ନ ୯୩୫/୨୦୧୯ମ୍ବର ଦାବି ରକବା, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ
ଅଦାଲତ ନମ୍ବର, ଭୁବନେଶ୍ୱର ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୧୦୯୬

IR No.- 1085, Date- 26.06.25

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଅତିରିକ୍ତ
ଅଦାଲତ ନମ୍ବର ଇଜିଲାସ, ୪ର୍ଥ ମହଲା,
ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର।
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍.କେଶ୍ ନମ୍ବର: ୯୨୦/୨୦୧୯

୧. ସନ୍ଦିପ୍ କୁମାର ରାଉତ ......ବାଦୀ

ବନାମ

୨. ନାରଣ ପାଣି, ପିତା- ମଦନ ପାଣି, ଠିକଣା: ସା/ ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି, ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ସଚିଦାନନ୍ଦ ଜଗଦେବ, ପିତା- କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ ନଂ. ଏନ୍.- ୩/୯୪, ଆଇ.ଆର.ସି. ଭିଲେଜ୍, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫. ପ୍ରଫୁଲ୍ଲ କୁମାର ରାୟବିଧାର, ଅଧ୍ୟକ୍ଷ, ବସୁନ୍ଧରା ଡେଭ୍‌ଲପର, ଠିକଣା: ଘର ନମ୍ବର, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
......ପ୍ରତିବାଦୀମାନେ

ନୋଟିସ ଅର୍ଡ଼ର- ୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ. ୨, ଇଜିଲାସ, ୪ର୍ଥ ମହଲା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୨୯।୦୭।୨୦୨୫ରିଖ ଦିବା ୧୧.୧୫ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ସାବକ- ଖାତା ନଂ.- ୧୯୧, ପ୍ଲଟ୍ ନମ୍ବର- ୪୩୬(ପାର୍ଟ), ରକବା- ଏ୧.୧୦୮ ଡିସିମିଲ ସ୍ୱଧରୁ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ୍
ହାଲ୍- ଖାତା ନଂ.- ୧୧୨୨, ପ୍ଲଟ୍ ନମ୍ବର- ୧୯୬୮, ରକବା- ଏ୦.୩୭୦ ଡିସିମିଲରୁ ଏ୦.୦୫୫ ଡିସିମିଲ ଓ.ଏସ୍.ଏସ୍ ନ ୯୨୦/୨୦୧୯ମ୍ବର ଦାବି ରକବା, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ
ଅଦାଲତ ନମ୍ବର, ଭୁବନେଶ୍ୱର ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୧୦୯୭

## ମନେ ପଡ଼ନ୍ତି

### SHRADHANJALI



**Late Bhagabati Dehury**
DOB- 20.07.1939, DOD- 16.06.2025
Bhutapara, Sambalpur
*In Fond and Loving Memory of my mother Bhagabati Dehury, a woman of unwavering will, steadfast spirit, and a heart generous beyond measure. She left behind a legacy of courage and resilience which shall remain forever etched in our memories. Her strength, compassion, and enduring warmth will be cherished always.*
Mahaveer Dehury & Family

ଧ-୧୦୯୮


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସାଇବର ସିକ୍ୟୁରିଟି

## ବଢୁଛି ଡିମାଣ୍ଡ



**ବର୍ତ୍ତମାନ ପର୍ସନାଲ୍ ହେଉ ବା ପ୍ରଫେଶନାଲ୍, ପ୍ରତ୍ୟେକ କ୍ଷେତ୍ରରେ ଇଣ୍ଟରନେଟ୍‌ର ବ୍ୟବହାର ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି ସାଇବର ଅପରାଧୀଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢ଼ିଚାଲିଛି। ଏମିତିରେ ଡାଟା ହ୍ୟାକ୍ ହେବାରୁ ରକ୍ଷା କରିବା ତଥା ସାଇବର ସିକ୍ୟୁରିଟି ଲାଗି ଲୋଡ଼ା ହୁଏ ସାଇବର ଏକ୍ସପର୍ଟଙ୍କୁ। ତେଣୁ ବର୍ତ୍ତମାନ ସାଇବର୍ ସୁରକ୍ଷା ସବୁଠୁ ଅଧିକ ଡିମାଣ୍ଡରେ ଥିବା କ୍ୟାରିୟର ଅପ୍ସନ ଲିଷ୍ଟରେ ଆସୁଥିବାରୁ ଅଧିକାଂଶ ଯୁବପିଢ଼ି ଏ କ୍ଷେତ୍ରରେ ସଫଳ କ୍ୟାରିୟର ଗଢ଼ିବା ଲାଗି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...**

'ଡିଜିଟାଲ୍ ଇଣ୍ଡିଆ' ଆରମ୍ଭ ହେଲା ପରେ ବର୍ତ୍ତମାନ ଦେଶରେ ପ୍ରତ୍ୟେକ କ୍ଷେତ୍ରରେ ଇଣ୍ଟରନେଟ୍ ବ୍ୟବହାର ଯୋଗୁ ଅନେକ କାର୍ଯ୍ୟ ଖୁବ୍ ସହଜ ହୋଇଯାଇଛି। ହେଲେ ଅପରପକ୍ଷେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଯୋଗୁ ସାଇବର କ୍ରାଇମ୍ ବି ବଢୁଥିବା ନଜରକୁ ଆସୁଛି। ସରକାରୀ, ବେସରକାରୀ ସଂସ୍ଥାରୁ ହେଉ କିମ୍ବା କାହା କାହାର ପର୍ସନାଲ୍ ଡାଟା ଚୋରି ହେବା ଓ ମାଲ୍‌ୱେର ଆଟାକ୍ ଘଟଣା ବଢ଼ିବାରେ ଲାଗିଛି। ଡାର୍କ ୱେବ୍‌ର ଆକଳନ ଉପରେ ଆଧାରିତ ଥ୍ରେଟ୍‌ଲ୍ୟାଣ୍ଡସ୍କେପ୍ ରିପୋର୍ଟ-୨୦୨୪ ଅନୁଯାୟୀ ଆମେରିକା ପରେ ଭାରତ ଏବଂ ଇସ୍ରାଏଲ୍‌ରେ ସର୍ବାଧିକ ସାଇବର ଆଟାକ୍ ଘଟଣା ଦେଖିବାକୁ ମିଳିଛି। ଫଳରେ ଦେଶରେ ସାଇବର ସୁରକ୍ଷା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି, ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ଅଧିକାଂଶ ସଂସ୍ଥାରେ ଗ୍ରାହକଙ୍କୁ ସୁରକ୍ଷା ଦେବା ଲାଗି ସାଇବର ଏକ୍ସପର୍ଟଙ୍କୁ ନିଯୁକ୍ତ କରାଯାଉଛି।

**ବଢୁଛି ଡିମାଣ୍ଡ:** ଯଦିଓ ସଫ୍ଟୱେର ଡେଭେଲପର୍ ଏବଂ ନେଟ୍‌ୱର୍କ ଆଡ୍‌ମିନିଷ୍ଟ୍ରେଟର୍‌ଙ୍କ ଭଳି ଆଇଟି ଜବ୍ ତୁଳନାରେ ସାଇବର୍ ସିକ୍ୟୁରିଟି ଜବ୍ ଏବେ କମ୍ ଦେଖିବାକୁ ମିଳୁଛି, ହେଲେ ଡିଜିଟାଲ୍ ସିଷ୍ଟମ୍ ଉପରେ ବଢୁଥିବା ନିର୍ଭରତା ଏବଂ ଏହାଦ୍ୱାରା ବଢୁଥିବା ସାଇବର୍ କ୍ରାଇମ୍‌କୁ ଦୂରେଇବା ଲାଗି ଏହି ପ୍ରଫେଶନାଲ୍‌ମାନଙ୍କ ଆବଶ୍ୟକତାକୁ ଦେଖି ଧୀରେ ଧୀରେ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି; ଯେଉଁଥିପାଇଁ ଅନେକ ଯୁବତୀଯୁବକ ଏବେ ଏହି କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୦୨୫ରେ ସାଇବର୍ ସୁରକ୍ଷା ସବୁଠୁ ଅଧିକ ଡିମାଣ୍ଡରେ ଥିବା କ୍ୟାରିୟର ଅପ୍ସନ ଲିଷ୍ଟରେ ଆସୁଛି। ଡାଟା ସିକ୍ୟୁରିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ ଚଳିତବର୍ଷ କେବଳ ଭାରତରେ ଏ କ୍ଷେତ୍ରରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ରହିଛି।





**କ୍ୟାରିୟର ଅପ୍ସନ:** ଏହି କ୍ଷେତ୍ରରେ ନିଜ ଯୋଗ୍ୟତା ଅନୁଯାୟୀ ଅନେକ ଜବ୍ ଅପ୍ସନ ରହିଛି। ଯଥା- ସାଇବର ସିକ୍ୟୁରିଟି ଆର୍କିଟେକ୍ଟ, ସାଇବର ସିକ୍ୟୁରିଟି ଇଞ୍ଜିନିୟର, ନେଟ୍‌ୱର୍କ ସିକ୍ୟୁରିଟି ଇଞ୍ଜିନିୟର, ମାଲ୍‌ୱେର ଆନାଲିଷ୍ଟ, ଏଥିକାଲ୍ ହ୍ୟାକର୍।

**ସାଇବର ସିକ୍ୟୁରିଟି ଆର୍କିଟେକ୍ଟ:** ବର୍ତ୍ତମାନ ଅଧିକାଂଶ କମ୍ପାନି ବା ସଂସ୍ଥାର ଆଇଟି ଇନ୍‌ଫ୍ରାଷ୍ଟ୍ରକ୍ଚରର ସୁରକ୍ଷା ନିମନ୍ତେ ସିକ୍ୟୁରିଟି ଷ୍ଟ୍ରକ୍ଚର ତିଆରି କରିବା, ଏହାକୁ ଡିଜାଇନ୍ କରି କାର୍ଯ୍ୟକାରୀ କରିବା କାର୍ଯ୍ୟ ଏହି ପ୍ରଫେଶନାଲ୍‌ମାନେ କରିଥାନ୍ତି। ସିକ୍ୟୁରିଟି ପଲିସି ପ୍ରସ୍ତୁତ କରିବାଠୁ ଆରମ୍ଭ କରି ବିପଦର ଅନୁମାନ ଲଗାଇବା ଏବଂ ସେହି ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରିବା କାର୍ଯ୍ୟ ଏମାନେ କରିଥାନ୍ତି। ଏହି ଜବ୍ ପାଇଁ କମ୍ପ୍ୟୁଟର ସାଇନ୍ସ, ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି କିମ୍ବା ଏହା ସମ୍ବନ୍ଧିତ ବ୍ୟାଚଲର୍ ଡିଗ୍ରୀ କରିପାରିବେ। ଏହା ବ୍ୟତୀତ ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ ସିକ୍ୟୁରିଟି ପ୍ରଫେଶନାଲ୍, ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିକ୍ୟୁରିଟି ମ୍ୟାନେଜର ଭଳି କୋର୍ସର ବି ଆବଶ୍ୟକତା ରହିଛି। ନେଟ୍‌ୱର୍କିଂ ଏବଂ ସିକ୍ୟୁରିଟି ପ୍ରୋଟୋକଲ୍, ରିସ୍କ ମ୍ୟାନେଜମେଣ୍ଟ ଓ ସିକ୍ୟୁରିଟି ଫ୍ରେମ୍‌ୱର୍କରେ ଦକ୍ଷତା ଥିବା ଜରୁରୀ।

**ସାଇବର ସିକ୍ୟୁରିଟି ଇଞ୍ଜିନିୟର:** ନିଜ ସଂସ୍ଥାର ସିଷ୍ଟମ ସୁରକ୍ଷା ସହିତ ନେଟ୍‌ୱର୍କକୁ ସାଇବର୍ ଆଟାକ୍‌ଠୁ ଦୂରେଇ ରଖିବା କାମ ଏମାନେ କରିଥାନ୍ତି। ଏହି ଜବ୍ ପାଇଁ ଇନ୍‌ଫର୍ମେଶନ୍ ସିକ୍ୟୁରିଟି ଏବଂ ଏହା ସମ୍ବନ୍ଧିତ ଫିଲ୍ଡରେ ବ୍ୟାଚେଲର୍ ଡିଗ୍ରୀ ସହିତ ଜିଆଇଏସି ସିକ୍ୟୁରିଟି ଏସେନ୍ସିଆଲ୍, ସାର୍ଟିଫାଏଡ୍ ଇନ୍‌ଫର୍ମେଶନ୍ ସିଷ୍ଟମ୍ ସିକ୍ୟୁରିଟି ପ୍ରଫେଶନାଲ, ଅଫେନ୍ସିଭ୍ ସିକ୍ୟୁରିଟି ସାର୍ଟିଫାଏଡ୍ ପ୍ରଫେଶନାଲ୍ ଭଳି ସାର୍ଟିଫାଏଡ୍ କୋର୍ସ କରିବା ଆବଶ୍ୟକ। ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଫାୟରୱାଲ୍, ଇନ୍‌କ୍ରିପ୍ସନ ଟେକ୍ନିକ୍, ଥ୍ରେଟ୍ ଡିଟେକ୍ସନରେ ଦକ୍ଷତା ଥିବା ଜରୁରୀ।

**ନେଟ୍‌ୱର୍କ ସିକ୍ୟୁରିଟି ଇଞ୍ଜିନିୟର:** ଏହି ଇଞ୍ଜିନିୟରମାନେ ନେଟ୍‌ୱର୍କ ସୁରକ୍ଷା ସୁନିଶ୍ଚିତ କରିଥା'ନ୍ତି। ଫାୟାରୱାଲ୍‌ର ଦେଖାରଖା କରିବା ବି ଏମାନଙ୍କ ଦାୟିତ୍ୱ ହୋଇଥାଏ। ଏହି ପଦବୀ ପାଇଁ ନେଟ୍‌ୱର୍କିଂ, ସାଇବର୍ ସିକ୍ୟୁରିଟି କିମ୍ବା ଏହା ସମ୍ବନ୍ଧିତ ପାଠରେ ବ୍ୟାଚେଲର୍ ଡିଗ୍ରୀ ସହିତ ସିସିଏନ୍‌ପି ସିକ୍ୟୁରିଟି, ସାର୍ଟିଫାଏଡ୍ ନେଟ୍‌ୱର୍କ ଡିଫେଣ୍ଡର, କମ୍ପାଟିଆ ସିକ୍ୟୁରିଟି ପ୍ଲସ୍ ଆଦି ସାର୍ଟିଫାଏଡ୍ କୋର୍ସର ଆବଶ୍ୟକତା ରହିଛି।

**ମାଲ୍‌ୱେର ଆନାଲିଷ୍ଟ:** ସାଇବର୍ ସିକ୍ୟୁରିଟି କ୍ଷେତ୍ରରେ ଏହା ମଧ୍ୟ ଏକ ନୂଆ ପ୍ରକାରର ଜବ୍, ଯେଉଁଥିରେ ସିଷ୍ଟମ୍‌କୁ କ୍ଷତି ପହଞ୍ଚାଉଥିବା ଭଳି ଭୁଲ୍ ସଫ୍ଟୱେର ଚିହ୍ନଟ କରାଯାଇଥାଏ। ବିଭିନ୍ନ ସେଫ୍ଟି ଟୁଲ୍ସ ପ୍ରସ୍ତୁତ କରି ମାଲ୍‌ୱେର୍‌କୁ ସିଷ୍ଟମ୍‌ରେ ପ୍ରବେଶ କରିବାଠୁ ଦୂରେଇ ରଖାଯାଇଥାଏ। ରିଭର୍ସ ଇଞ୍ଜିନିୟରିଂ ଯେପରି ସି ++ ଭଳି ପ୍ରୋଗ୍ରାମିଂ ଓ ଆସେମ୍ବଲୀ ଉପରେ ଜ୍ଞାନ ଥିବା ସହ ଜିଆର୍‌ଇଏମ୍, ଜିସିଏଫ୍‌ଏ ଭଳି ସାର୍ଟିଫାଏଡ୍ କୋର୍ସ କରିଥିଲେ ଏହି ଜବ୍ ପାଇଁ ଯୋଗ୍ୟ ପ୍ରାର୍ଥୀ ହୋଇପାରିବେ।

**ଏଥିକାଲ୍ ହ୍ୟାକର:** ଏମାନଙ୍କୁ ଆଇଟି କ୍ଷେତ୍ରରେ ପିନିଟେଶନ୍ ଟେଷ୍ଟର ବି କୁହାଯାଏ। ଏମାନେ ପ୍ରଫେଶନାଲ୍ ସିଷ୍ଟମ୍, ନେଟ୍‌ୱର୍କ ଏବଂ ଏହାର ଆପ୍ଲିକେଶନ୍‌ରେ କ'ଣ କମ୍ ରହିଛି ଅବା ଅସୁବିଧା ରହିଛି ଜାଣିବା ସହ ଏହାକୁ ମଜଭୁତ କରିବା କାର୍ଯ୍ୟ କରିଥାନ୍ତି। ଏହି ପଦବୀ ପାଇଁ ସିଆଇଏଚ୍, ଅଫେନ୍ସିଭ୍ ସିକ୍ୟୁରିଟି ସାର୍ଟିଫାଏଡ୍ ଏକ୍ସପର୍ଟ କିମ୍ବା ଜିଆଇଏସ୍‌ସି ପିନିଟ୍ରେଶନ୍ ଟେଷ୍ଟର ଭଳି ସାର୍ଟିଫାଏଡ୍ କୋର୍ସ କରିବାର ଆବଶ୍ୟକତା ରହିଛି।

**କେଉଁଠି କରିବେ କୋର୍ସ:** ବର୍ତ୍ତମାନ ଭାରତର ଅନେକ ସଂସ୍ଥାନରେ ସାଇବର ସିକ୍ୟୁରିଟି ବା ଏଥିକାଲ୍ ହ୍ୟାକିଂ କୋର୍ସ ଉପଲବ୍ଧ ରହିଛି। ତେବେ ସିମ୍ପଲି ଲର୍ନ, କୋର୍ସେରା, କ୍ୟାରିଅରଏରା, ଉଡେମୀ ଭଳି ପ୍ଲାଟଫର୍ମରେ ଏସମ୍ବନ୍ଧିତ ବିଭିନ୍ନ ସାର୍ଟିଫାଏଡ୍ କୋର୍ସ କରିପାରିବେ। ଆଇଆଇଟି କାନ୍‌ପୁର୍‌ରେ ମଧ୍ୟ ଏହାର ସ୍ପେଶାଲ୍ କୋର୍ସ କରିପାରିବେ।





## ଏ ସପ୍ତାହର ପ୍ରଶ୍ନ

୧- ଇଡୁକ୍କି ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୨- ୱାର୍ଲ୍ଡ ସିକିଲ୍‌ସେଲ୍ ଡେ' ............... ତାରିଖରେ ପାଳନ କରାଯାଏ ?
୩- ଗ୍ୟାଲସ୍ ଗ୍ୟାଲସ୍ ଡୋମେଷ୍ଟିକସ୍ ..........ର ବୈଜ୍ଞାନିକ ନାମ ?
୪- ଟାଇମ୍ ମେଶିନ୍ ପୁସ୍ତକର ଲେଖକ ............ ?
୫- ନ୍ୟାଶନାଲ୍ ଜିଓ ସାଇନ୍ସ ଆୱାର୍ଡ ............ ମିନିଷ୍ଟ୍ରି ପକ୍ଷରୁ ପ୍ରଦାନ କରାଯାଇଥାଏ ?

## ଗତ ଥରର ଉତ୍ତର

୧ ତାଞ୍ଜାନିଆ ଏବଂ କେନିଆ
୨ ମିନିଷ୍ଟ୍ରି ଅଫ୍ ସିଭିଲ୍ ଆଭିଏଶନ୍
୩ ମଙ୍ଗଳ
୪ ଅରୁନ୍ଧତୀ ରାୟ
୫ ଥାଇଲାଣ୍ଡ

## ଉତ୍ତରଦାତା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


କନକଲତା ଦେହୁରୀ, ଯାଜପୁର


ଦୀପ୍ତିମୟୀ ନାୟକ, କେନ୍ଦୁଝର


ବର୍ଷାରାଣୀ ପ୍ରଧାନ, ଦେଓଘର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ଲୋକପ୍ରିୟ ସେଫ୍

୧- ଆଲାଇନ୍ ଡୁକାସେ ....... ଫ୍ରାନ୍ସ
୨- ଗର୍ଡନ୍ ରାମ୍‌ସେ ....... ବ୍ରିଟେନ୍
୩- ହେଷ୍ଟନ୍ ବ୍ଲୁମେଣ୍ଟାଲ୍ ....... ଲଣ୍ଡନ
୪- ଜାମି ଅଲିଭର୍ ....... ଲଣ୍ଡନ
୫- ଥୋମାସ୍ କେଲର୍ ....... ଆମେରିକା
୬- ୟାନିକ୍ ଆଲେନୋ ....... ଫ୍ରାନ୍ସ
୭- ଆନେ- ସୋଫି ପିକ୍ ....... ଫ୍ରାନ୍ସ
୮- କ୍ୱିକ୍ ଡିକୋଷ୍ଟା ....... ସ୍ପେନ୍
୯- ମାର୍କୋ ପିରେ ହ୍ୱାଇଟ୍ ....... ବ୍ରିଟେନ୍
୧୦- ହେଲେନ୍ ଡାରୋଜ୍ ....... ଫ୍ରାନ୍ସ

# ଜିନ୍ସରେ ଲାଗିବେ ଷ୍ଟାଇଲିଶ୍

**ମଡର୍ନ ଓ କ୍ଲାସି ଦେଖାଯିବା ପାଇଁ ଅନେକେ ଜିନ୍ସ ଆଉଟ୍‌ଫିଟ୍‌କୁ ପସନ୍ଦ କରିଥା'ନ୍ତି। ହେଲେ କେବେକେବେ ଅଧିକ ମୋଟା କିମ୍ବା ଅତି ପତଳା ଗୋଡ଼ ହୋଇଥିବାରୁ ଅନେକଙ୍କୁ ଜିନ୍ସ ପିନ୍ଧିଲେ ଭଲ ଦିଶି ନ ଥାଏ। ତେଣୁ ଏଭଳି ଫିଗରରେ ବି ଷ୍ଟାଇଲିଶ୍ ଓ ଟ୍ରେଣ୍ଡିଂ ଲୁକ୍ ପାଇବା ଲାଗି କେଉଁଭଳି ଜିନ୍ସ ପିନ୍ଧି ପାରିବେ ଜାଣିରଖନ୍ତୁ...**

**ଷ୍ଟ୍ରେଟ୍ ଜିନ୍ସ:** ଯେଉଁମାନଙ୍କ ଗୋଡ଼ ସ୍ଲିମ୍ ଏବଂ ବ୍ୟାକ୍ ଫ୍ଲାଟ୍, ସେମାନେ ଅଧିକ ହାଇଟ୍ ଏବଂ ଆଇକ୍ୟାଚି ଆପଲ୍ ଶେପ୍ ଲୁକ୍ ପାଇଁ ଏଭଳି ଷ୍ଟ୍ରେଟ୍ ଲେଗ୍ ଜିନ୍ସ କିମ୍ବା ବୁଟ୍ କଟ୍ ବା ଫ୍ଲୋୟାର୍ଡ ଜିନ୍ସ ପିନ୍ଧିପାରିବେ। ଯେଉଁମାନଙ୍କ ବଡିର ଅପର ପାର୍ଟ ମୋଟା କିମ୍ବା ଚଉଡ଼ା ଅର୍ଥାତ୍ ଷ୍ଟ୍ରବେରି ଶେପ୍ ସେମାନଙ୍କ ପାଇଁ ମଧ୍ୟ ଏଭଳି ଜିନ୍ସ ଭଲ ଲାଗିଥାଏ। ଏହା ସହିତ ଶର୍ଟ ଶାର୍ଟ, କ୍ରପ୍ ଟପ୍ ଆଦି ପିନ୍ଧିଲେ





ଆଟ୍ରାକ୍ଟିଭ୍ ଲାଗିପାରିବେ।

**ହାଇ ୱେଷ୍ଟ ସ୍କିନି ଜିନ୍ସ:** ପିଅର ଶେପ୍ ବା ଲୋୟର ବଡି ପାର୍ଟ ମୋଟା ଥିଲେ ଏହି ଜିନ୍ସ ଗୋଡ଼କୁ ଲମ୍ବା ଏବଂ ସ୍ଲିମ୍ ଦେଖାଯିବା ପାଇଁ ବେଷ୍ଟ ଅପ୍ସନ।

**କାର୍ଗୋ:** ସରୁ ଗୋଡ଼ ଥିବା ଯୁବକ ହୁଅନ୍ତୁ ଅବା ଯୁବତୀଙ୍କ ପାଇଁ କାର୍ଗୋ ପ୍ୟାଣ୍ଟ ବେଷ୍ଟ ଅପ୍ସନ। ଏହାର ଢିଲା ଡିଜାଇନ୍ ଏବଂ ଅଧିକ ପକେଟ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହା ସହିତ ଯୁବକମାନେ ଉଭୟ ଟି-ଶାର୍ଟ ଏବଂ ଶାର୍ଟ ପିନ୍ଧିପାରିବେ। ସେହିପରି ଯୁବତୀମାନେ ଟି-ଶାର୍ଟ, କ୍ରପ୍ ଟପ୍ସ ଆଦି ପିନ୍ଧିଲେ ସ୍ମାର୍ଟ ଲାଗିବେ। ଏହାର ଅନେକ କଲର ଉପଲବ୍ଧ, ଯାହା ମଧ୍ୟରୁ ଲାଇଟ୍ ବ୍ରାଉନ୍, ଗ୍ରେ, ଆର୍ମି ପ୍ରିଣ୍ଟ କାର୍ଗୋ ଖରାଦିନେ କ୍ଲାସି ଲୁକ୍ ଦେବ।

**ବ୍ୟାଗି ଜିନ୍ସ:** ଏହି ଜିନ୍ସ କମ୍ଫର୍ଟେବଲ୍ ଏବଂ କୁଲ୍ ଲୁକ୍ ପାଇଁ ସବୁଠୁ ଭଲ ଚଏସ୍। ଉଭୟ ଯୁବତୀ ଏବଂ ଯୁବକ ଏହି ପ୍ୟାଣ୍ଟକୁ ପିନ୍ଧିଲେ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଲାଗିଥାଆନ୍ତି। ଏହାର କଲର ସହିତ କଣ୍ଟ୍ରାଷ୍ଟ କଲର ଟି-ଶାର୍ଟକୁ ପେୟାର କଲେ ଆଇକ୍ୟାଚି ଲାଗିଥାଏ। କାଜୁଆଲ୍ ଆଉଟ୍‌ଫିଟ୍ ଭାବେ ବ୍ୟବହାର କରିବା ଲାଗି ଏହା ବହୁତ ଭଲ।

**ଜଗର୍ସ:** କାଜୁଆଲ୍ ପ୍ୟାଣ୍ଟ ମଧ୍ୟରେ ବର୍ତ୍ତମାନ ଜଗର୍ସ ଖୁବ୍ ଡିମାଣ୍ଡରେ ଅଛି। ଏହା ଢିଲା ହୋଇଥିବାରୁ ସ୍କିନି ଗୋଡ଼ ଲୁଚାଇବାକୁ ବେଶ୍ କାମରେ ଆସିଥାଏ। ଏହା ଫ୍ୟାଶନେବଲ୍ ଲାଗିବା ସହ ପିନ୍ଧିବାକୁ ମଧ୍ୟ କମ୍ଫର୍ଟେବଲ୍। ଏଥିରେ କ୍ଲାସି ଲୁକ୍ ପାଇଁ ଟ୍ୟାଙ୍କ୍ ଟପ୍ ଏବଂ ବ୍ଲେଜରକୁ ଟିମ୍ ଅପ୍ କରିପାରିବେ। ଜଗର୍ସ ପ୍ୟାଣ୍ଟ ସହିତ ଲୁଜ୍ ଫିଟ୍ ଟି-ଶାର୍ଟ, କ୍ୟାପ୍ ଏବଂ ସ୍ନିକର୍ସ ପିନ୍ଧିଲେ ଆଇକ୍ୟାଚି ଟ୍ରାଭେଲ୍ ଲୁକ୍ ଦେଇପାରିବ।

ଯୁଥ୍ ଆଲର୍ଟ

# ଆଙ୍ଗୁଠିରୁ ମୁଦି ନ ବାହାରିଲେ

**ମୁଦି ପିନ୍ଧିବାକୁ ଅନେକେ ଭଲପାଆନ୍ତି। ବିଶେଷକରି ଯୁବପିଢ଼ି ଫ୍ୟାଶନ୍ ପାଇଁ ଭଳିକି ଭଳି ଡିଜାଇନ୍‌ର ମୁଦି ପିନ୍ଧିଥାନ୍ତି। ହେଲେ କେବେକେବେ ଦୀର୍ଘ ସମୟ ଧରି ମୁଦି ପିନ୍ଧିବା ପରେ ହେଉ କିମ୍ବା ନୂଆ ମୁଦି ଟ୍ରାଏ କରିବା ବେଳେ ତାହା ଆଙ୍ଗୁଠିରେ ଟାଇଟ୍ ହୋଇ ରହିଯାଏ, ଯାହାକୁ କାଢ଼ିବା ଖୁବ୍ କଷ୍ଟଦାୟକ ହୋଇଥାଏ ଏବଂ ଜବରଦସ୍ତ କାଢ଼ିଲେ କ୍ଷତ ସୃଷ୍ଟି ହୋଇଥାଏ। ଯଦି ଏପରି ପରିସ୍ଥିତି ଉପୁଜେ, ତେବେ କେଉଁ ଉପାୟରେ ମୁଦି କାଢ଼ିଲେ ଆଙ୍ଗୁଠି ସୁରକ୍ଷିତ ରହିବ ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଆଙ୍ଗୁଠିରେ ମୁଦି ଫସିଗଲେ ବ୍ୟସ୍ତ ହୋଇ ତାହାକୁ ଆଦୌ ଜବରଦସ୍ତ ଟାଣି ଟାଣି ବାହାର କରନ୍ତୁ ନାହିଁ। ପ୍ରଥମେ ହାତକୁ ଧୀରେ ଧୀରେ ମସାଜ୍ କରନ୍ତୁ। କିଛି ସମୟ ହାତକୁ ଉପରକୁ ଟେକିରଖନ୍ତୁ। ତା'ପରେ ପାପୁଲିରୁ ଆଙ୍ଗୁଠି ଆଡ଼କୁ ଓଲଟା ଧୀରେ ଧୀରେ ମସାଜ୍ କରନ୍ତୁ। ଦେଖିବେ ମୁଦି ବାହାରି ଆସିବ। ଏହାକୁ ଏଲିଭେଶନ୍ ଟ୍ରିକ୍ କୁହାଯାଏ।

➔ଭେସ୍‌ଲିନ୍ କିମ୍ବା ତେଲ ଲଗାଇ ହାତକୁ କିଛି ସମୟ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ। ମୁଦିକୁ ଧୀରେ ଧୀରେ କାଢ଼ନ୍ତୁ, ତାହା ତେଲରେ ଲାଗି ଆରାମରେ ବାହାରିଯିବ।



➔ପଲିଥିନ୍ ଟ୍ରିକ୍ ବି ଏଭଳି ପରିସ୍ଥିତିରେ ବହୁତ କାମରେ ଆସିଥାଏ। ମୁଦିର ଠିକ୍ ତଳକୁ ଆଙ୍ଗୁଠିରେ ପଲିଥିନ୍‌କୁ ପତଳା ଲେୟାର କରି ଟାଇଟ୍ କରି ଗୁଡ଼ାଇ ଦିଅନ୍ତୁ, ଯେପରି ଫୁଲା କମିଯିବ। ଏହା ବଦଳରେ ସେଲୋଟେପ୍‌ର ସାହାଯ୍ୟ ବି ନେଇପାରିବେ। ଏହା ପରେ ଧୀରେ ଧୀରେ ମୁଦିକୁ କାଢ଼ନ୍ତୁ। ଦେଖିବେ କମ୍ କଷ୍ଟରେ ମୁଦି ବାହାରିଯିବ।

➔ରିବନ୍ ଟ୍ରିକ୍ ମଧ୍ୟ ମୁଦି କାଢ଼ିବାରେ ସାହାଯ୍ୟ କରିଥାଏ। ଏକ ସାଟିନ୍ ରିବନ୍ କିମ୍ବା କଟନ୍ ସୂତାକୁ ମୁଦି ଭିତରେ ପୂରାଇ ଆରପଟେ ବାହାର କରନ୍ତୁ। ଗୋଟିଏ ପଟ ରିବନ୍‌କୁ ମୁଦି ପାଖରେ ଟାଇଟ୍ କରି ଗୁଡ଼ାନ୍ତୁ ଏବଂ ଆରପାଖ ରିବନ୍‌କୁ ଧୀରେ ଧୀରେ ଗୋଲ କରି ଟାଣିଲେ ମୁଦି ବାହାରି ଆସିବ।



➔ମନେରଖନ୍ତୁ, ଆଦୌ ଜବରଦସ୍ତ ମୁଦି ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ୍ କ୍ଷତ ସୃଷ୍ଟି ହୋଇପାରେ। ଅଧିକ କଷ୍ଟ ହେଉଥିଲେ ଡାକ୍ତରଙ୍କ ନିକଟକୁ ଯାଆନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜୁନ୍ ୨୯/୨୦୨୫ Bhubaneswar, Sunday, June 29/ 2025

# ପୁଲ୍ 'ବି'ରେ ଭାରତ, ପାକିସ୍ତାନ

**ଲାଉସାନେ, ୨୮।୬ (ପି.ଟି.)**




ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ଏଫ୍ଆଇଏଚ୍ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗ୍ରୁପ୍ 'ବି'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ଚିଲି ଓ ସୁଇଜରଲାଣ୍ଡ ସ୍ଥାନ ପାଇଛନ୍ତି। ଏହି ସଂସ୍କରଣରେ ପ୍ରଥମ ଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ 'ଏ'ରେ ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ସି'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚାଇନାକୁ ସ୍ଥାନ ମିଳିଛି। ପୁଲ୍'ଡି'ରେ ସ୍ପେନ, ବେଲଜିୟମ, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ୍ 'ଇ'ରେ ନେଦରଲାଣ୍ଡ୍ସ, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରିଆ ରହିଛନ୍ତି। ସେହିପରି ପୁଲ୍ 'ଏଫ୍'ରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ନିଆଯାଇଛି। ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଏବଂ ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜର୍ମାନୀ ବର୍ତ୍ତମାନ ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିୟନ। ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ଜର୍ମାନୀ ରେକର୍ଡ ସର୍ବାଧିକ, ସେ ୭ଥର ଏହି ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛି।



ବେଙ୍ଗାଲୁରୁସ୍ଥିତ କାଣ୍ଟିରାଭା ଷ୍ଟାଡିୟମରେ ଚାଲିଥିବା ଇଣ୍ଡିଆ ଓପନ ଆଥଲେଟିକ୍ ମିଟ୍ ୨୦୨୫ରେ ଶନିବାର ଅନୁଷ୍ଠିତ ମହିଳା ୪୦୦ମିଟର ହର୍ଡଲ୍ସ ଇଭେଣ୍ଟରେ ତାମିଲନାଡୁର ଅଶ୍ୱିନୀ ଆର୍.।

# ଲୋୟର ଅର୍ଡର ବ୍ୟାଟରଙ୍କ ବ୍ୟାଟିଂ ଅଭ୍ୟାସ

**ବର୍ମିଂହାମ,୨୮।୬(ପି.ଟି.)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ପରାଜୟ ପଛରେ ଲୋୟର ଅର୍ଡର ବ୍ୟାଟରଙ୍କ ବିଫଳତା ଅନ୍ୟତମ ମୁଖ୍ୟ କାରଣ ରହିଥିଲା। ପ୍ରଥମ ଇନିଂସରେ ଭାରତୀୟ ଦଳ ଅନ୍ତିମ ୭ ଉଇକେଟ ୪୧ ରନରେ ଓ ଦ୍ୱିତୀୟ ଇନିଂସରେ ୩୨ ରନରେ ଅନ୍ତିମ ୬ ଉଇକେଟ ହରାଇଥିଲା। ଏଥିଯୋଗୁ ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ଓ ପ୍ରସିଦ୍ଧ କ୍ରିଷ୍ଣା ନେଟ୍ସରେ ବ୍ୟାଟିଂ ପ୍ରାକ୍ଟିସ କରୁଛନ୍ତି, ଯାହା ଫଳରେ ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ସେମାନେ ଭଲ ଭାବେ ପ୍ରସ୍ତୁତ ହୋଇପାରିବେ। ଏ ସମ୍ପର୍କରେ ଭାରତୀୟ ପେସର ପ୍ରସିଦ୍ଧ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜଣେ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ଆମେ ନିଶ୍ଚିତ ଆମ ବ୍ୟାଟିଂ ଉପରେ କାମ କରୁଛୁ। ନେଟ୍ସରେ ସମସ୍ତ ଲୋୟର ଅର୍ଡର ବ୍ୟାଟର ଝାଳବୁହା ପରିଶ୍ରମ କରୁଛନ୍ତି। ମୋ ମତରେ କ୍ରିଜ୍‌ରେ ଅଧିକ ସମୟ ବିତାଇବା ପାଇଁ ନିଜ ଦକ୍ଷତା ଉପରେ ଭରସା କରିବାକୁ ପଡ଼ିବ। ଆମେ ଏ ଦିଗରେ କାମ କରୁଛୁ।

# ହମ୍ବର୍ଗ ଓପନ ଜିତିଲେ ପେଗୁଲା

**ହମ୍ବର୍ଗ (ଜର୍ମାନୀ), ୨୮।୬**




ବିଶ୍ୱର ୩ ନମ୍ବର ମହିଳା ସିଙ୍ଗଲ୍ସ ଟେନିସ ଖେଳାଳି ଆମେରିକାର ଜେସିକା ପେଗୁଲା ଏଠାରେ ବ୍ୟାଡ୍ ହମ୍ବର୍ଗ ଓପନ ଟେନିସ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ବିଶ୍ୱର ପୂର୍ବତନ ନମ୍ବର ୱାନ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ୬-୪, ୭-୫ରେ ହରାଇ ଦେଇଛନ୍ତି। ଫଳରେ ଏକ ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟରେ ବିଜୟ ସହ ୱିମ୍ବଲଡନକୁ ଅଗ୍ରସର ହେବ। ଗତ ସପ୍ତାହରେ ବର୍ଲିନ ଓପନ ଟେନିସରେ ଟାଇଟଲ ବଜାୟ ଲକ୍ଷ୍ୟରେ ଯାଇଥିବା ପେଗୁଲା ସେଠାରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। କିନ୍ତୁ ବ୍ୟାଡ୍ ହମବର୍ଗରେ ୪ଟି ମ୍ୟାଚରେ ବିଜୟ ସହ ସେ ତାଙ୍କ କ୍ୟାରିୟରର ଦ୍ୱିତୀୟ ଗ୍ରାସ୍‌କୋର୍ଟ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ପେଗୁଲା ସ୍ୱିଟେକ୍‌ଙ୍କ ସହ ମୁକାବିଲା କରିଥିବା ଗତ ୬ଟି ମ୍ୟାଚ ମଧ୍ୟରେ ଏହାଥିଲା ୪ର୍ଥ ବିଜୟ। ଚଳିତ ସିଜନରେ ମଧ୍ୟ ଏହା ତାଙ୍କର ତୃତୀୟ ଟାଇଟଲ। କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଏମା ନାଭାରୋ ଓ ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷ ମ୍ୟାଚ ଜିତିବା ଲାଗି ଏହି ଟପ୍ ସିଡ୍ ଖେଳାଳିଙ୍କୁ ୩ ସେଟ୍ ବିଶିଷ୍ଟ ମ୍ୟାଚ ଜିତିବାକୁ ପଡ଼ିଥିଲା।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ